ବର୍ଷ-୨୪, ସଂଖ୍ୟା-୨୬୨
ଭୁବନେଶ୍ୱର
୨୫ ଅକ୍ଟୋବର, ୨୦୨୪ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 262
Bhubaneswar
25 October, 2024 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ରାଣୀଙ୍କ ଅବସର

# ତାଣ୍ଡବ ରଚିଲା 'ଦାନା'

ଭୁବନେଶ୍ୱର: ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଓ ଉତ୍ତର ଆଣ୍ଡାମାନ ସାଗରରେ ସାମୁଦ୍ରିକ ବାତ୍ୟା ଦାନା ଆଜି ରାତି ପ୍ରାୟ ୧୨ଟା୫ରେ ଓଡ଼ିଶାମାଟିକୁ ସ୍ପର୍ଶ କରିଛି। କେନ୍ଦ୍ରାପଡ଼ା ଜିଲ୍ଲା ଭିତରକନିକା ଓ ଭଦ୍ରକ ଜିଲ୍ଲା ଧାମରା ମଝିରେ ଏହା ଲ୍ୟାଣ୍ଡଫଲ କରିଛି। ବାତ୍ୟା ସ୍ଥଳଭାଗ ଛୁଇଁଥିବାରୁ କିଛି ସ୍ଥାନରେ ପବନର ଘଣ୍ଟାପ୍ରତି ବେଗ ୧୦୦ରୁ ୧୧୦ କିମି ରହିଥିବା ଅନୁମାନ କରାଯାଉଛି। କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଛି। ବାତ୍ୟା ଯୋଗୁଁ ଆଜି ଅପରାହ୍ଣ ପର୍ଯ୍ୟନ୍ତ ବର୍ଷା ହୋଇପାରେ।

ବାତ୍ୟା ପ୍ରଭାବରେ ଭିତରକନିକା ଅଞ୍ଚଳରେ ପ୍ରବଳ ପବନ ହେଉଛି ଘଣ୍ଟାପ୍ରତି ଏଠାରେ ୧୦୦ରୁ ୧୨୦ କିମି ବେଗରେ ପବନ ବହୁଛି। ପବନ ପ୍ରଭାବରେ ଭିତରକନିକାରେ ଜୁଆର ଉଠୁଛି ପ୍ରାୟ ୧ ମିଟର ଉଚ୍ଚ ପର୍ଯ୍ୟନ୍ତ ଜୁଆର ଉଠି ମାଡ଼ି ଯାଉଛି।

ଧାମରାରେ ମଧ୍ୟ ବାତ୍ୟା 'ଦାନା' ତାଣ୍ଡବର ଦେଖିବାକୁ ମିଳିଛି। ଏଠାରେ ବଢୁଛି ପବନର ବେଗ ଅଧିକ ପବନ ଯୋଗୁ ଏଠାରେ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ଯାଇଛି। ଘରର ଆଜବେଷ୍ଟସ୍ ଉଡ଼ିଯାଇଛି।

ଭାରତୀୟ ପାଣିପାଗ ବିଭାଗ ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ବାତ୍ୟା ସ୍ଥଳଭାଗରେ ପ୍ରବେଶ କରିବା ଆରମ୍ଭ ହୋଇଛି। ପୂର୍ବାନୁମାନ ଅନୁସାରେ ଭିତରକନିକା-ଧାମରା ମଧ୍ୟରେ ଲ୍ୟାଣ୍ଡଫଲ୍ ହୋଇଛି। ଆସନ୍ତା ୩/୪ ଘଣ୍ଟା ମଧ୍ୟରେ ବାତ୍ୟା ଉପକୂଳ ଅତିକ୍ରମ କରିବ ଏବେ ସେଠାରେ ପବନର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୨୦ କିମି ରହିଛି ୩ ଘଣ୍ଟା ପରେ ପବନ ସଂପୂର୍ଣ୍ଣ ସ୍ଥଳଭାଗ ଛୁଇଁଲେ ଏହାର ବେଗ କମିବ କାଲି ପୂର୍ବାହ୍ନରେ ଏହାର ତୀବ୍ରତା କମି ବାତ୍ୟାକୁ ଖସିବ କାଲି ଅପରାହ୍ନରେ ବାତ୍ୟାଟି ଗଭୀର ଅବପାତକୁ ଖସିବ ।







ଦାନାର ପ୍ରଭାବ ପ୍ରାୟ ୧୯ଟି ଜିଲ୍ଲା ଉପରେ ପଡ଼ିବ ବୋଲି ଆକଳନ କରାଯାଇଛି। ଏହାକୁ ନଜରରେ ରଖି ସଂପର୍କିତ ଜିଲ୍ଲାରେ ବାତ୍ୟା ପରିଚାଳନା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଉଥିବା ପଦକ୍ଷେପଗୁଡ଼ିକର ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୯ଜଣ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ଏହାସହ ବାତ୍ୟା ଦ୍ୱାରା ଅଧିକ ପ୍ରଭାବିତ ହେବାକୁ ଥିବା ୬ଟି ଜିଲ୍ଲା ପାଇଁ ୬ଜଣ ବରିଷ୍ଠ ଆଇଏଏସ୍‌ଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି।ଜିଲ୍ଲା ପ୍ରଶାସନକୁ ସମସ୍ତ ପ୍ରକାରର ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଆଜି ମନ୍ତ୍ରୀ ଓ ଆଇଏଏସ୍‌ଙ୍କୁ ଦାୟିତ୍ୱ ଦେଇଛନ୍ତି।

ଗଂଜାମ, ପୁରୀ, ଜଗତସିଂହପୁର, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର, ମୟୂରଭଂଜ, ଢେଙ୍କାନାଳ, ଯାଜପୁର, ଅନୁଗୁଳ, ଖୋର୍ଦ୍ଧା, ନୟାଗଡ଼, କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ପବନ ଓ ବର୍ଷା ହୋଇଛି। ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ଅଛନ୍ତି ସହଯୋଗ ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଛନ୍ତି ଅଗ୍ନିଶମ, ଓଡ୍ରାଫ୍, ଏନ୍‌ଡିଆରଏଫ୍, ତଟରକ୍ଷୀ ବାହିନୀ, ନୌସେନା ଓ ବାୟୁସେନା ପ୍ରସ୍ତୁତ ରହିଛି । ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୫ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଛନ୍ତି ଏବେସୁଦ୍ଧା ବାତ୍ୟା ପ୍ରଭାବିତ ହେବାକୁ ଥିବା ୧୪ଟି ଜିଲ୍ଲାରେ ୫୧ଟି ଓଡ୍ରାଫ ଟିମ୍, ୧୭୮ଟି ଅଗ୍ନିଶମ ବାହିନୀ ଟିମ, ୨୦ଟି ଏନଡିଆରଏଫ ଟିମ୍ ମୁତୟନ କରାଯାଇଛି।

ଭାରତୀୟ ରେଳବାଇ ବିଭିନ୍ନ ଜୋନରୁ ୩୦୦ରୁ ଊର୍ଦ୍ଧ୍ୱ ଟ୍ରେନ୍‌କୁ ଅକ୍ଟୋବର ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ବାତିଲ କରିଦେଇଛନ୍ତି। ରାଜ୍ୟର ୧୪ଟି ଜିଲ୍ଲାରେ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ପିଲାମାନଙ୍କର ପାଠପଢ଼ା ବନ୍ଦ ରଖାଯାଇଛି। ଶିମିଳିପାଳ ଅଭୟାରଣ୍ୟକୁ ମଧ୍ୟ ଏହି ୩ ଦିନ ବନ୍ଦ ରଖାଯାଇଥିବା ବେଳେ ପୁରୀ ସମୁଦ୍ରକୂଳକୁ ପର୍ଯ୍ୟଟକମାନଙ୍କୁ ୨୫ ତାରିଖ ପର୍ଯ୍ୟନ୍ତ ନଯିବା ପାଇଁ ପରାମର୍ଶ ଦିଆଯାଇଛି ଉପକୂଳବର୍ତ୍ତୀ ଗାଁଗଡ଼ିକ ଉପରେ ପ୍ରଶାସନ ଅଧିକ ଫୋକସ ରଖିଛନ୍ତି।

- ରାତି ୧୨.୫ଟାରେ କଲା ଲ୍ୟାଣ୍ଡଫଲ୍
- ଭିତରକନିକା-ଧାମରା ମଧ୍ୟରେ ସ୍ଥଳ ଭାଗ ଛୁଇଁଲା
- ୧୦୦ ଫୁଟ ଉପରକୁ ଉଠିଆସିଲା ଜୁଆର
- ଉପୁଡ଼ିଗଲା ବଡ଼ ବଡ଼ ବିଶାଳ ଗଛ
- ଆଜି ଅପରାହ୍ନ ପର୍ଯ୍ୟନ୍ତ ଜାରି ରହିବ ବର୍ଷା

# ୩୮ ବ୍ଲକର ୨୧୬୩ ଗାଁ ଉପରେ ନଜର

- ୧୩ ଜିଲ୍ଲାପାଳଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ
- ବାତ୍ୟା ଆଶ୍ରୟ କେନ୍ଦ୍ରକୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ସ୍ଥାନାନ୍ତର
- ଲୋକଙ୍କୁ ନିୟମିତ ରନ୍ଧା ଖାଦ୍ୟଦେବାକୁ ନିର୍ଦ୍ଦେଶ
- ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହେଲେ ୩୬୫୪ ଗର୍ଭବତୀ ମହିଳା



**ଭୁବନେଶ୍ୱର,୨୪।୧୦(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନଠାରେ ବାତ୍ୟା ଦାନା ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବା ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, କଟକ, ଖୋର୍ଦ୍ଧା ଓ ଯାଜପୁର ଜିଲ୍ଲାପାଳଙ୍କ ସହିତ ବାତ୍ୟା ମୁକାବିଲା ପ୍ରସ୍ତୁତିର ଅଗ୍ରଗତି ସଂପର୍କରେ ଆଲୋଚନା କରିଛନ୍ତି।

ସମୀକ୍ଷା ପରେ ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୧୧ଟି ଜିଲ୍ଲାର ୩୮ଟି ବ୍ଲକର ୧୬୫୩ଟି ଗ୍ରାମ, ୯ଟି ପୌରାଂଚଳ ଓ ୨୬ଟି ୱାର୍ଡ ଏହି ବାତ୍ୟା ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ରହିଛି। ଏହି ସବୁ ଅଂଚଳରେ ଥିବା ତଳିଆ ଓ ବିପଦଶଙ୍କୁଳ ଅଂଚଳରୁ ସମୁଦାୟ ୩,୬୨,୦୦୦ ଲୋକଙ୍କୁ ସ୍ଥାନାନ୍ତରିତ କରିବାର ଲକ୍ଷ୍ୟ ରହିଛି। ଆଜି ଦିନ ୧୧ଟା ସୁଦ୍ଧା ୩ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ଭାବେ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଉ କିଛି ଘଂଟା ମଧ୍ୟରେ ସ୍ଥାନାନ୍ତର ପ୍ରକ୍ରିୟାରେ ଶତ ପ୍ରତିଶତ ସଫଳତା ହାସଲ ହେବ ବୋଲି ସେ କହିଥିଲେ। ପ୍ରଭାବିତ ହେବାକୁ ଥିବା ଅଂଚଳରୁ ୨୩୩୮ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଭାବେ ଡାକ୍ତରଖାନା ଓ ମା' ଗୃହକୁ ସ୍ଥାନାନ୍ତର କରାଯାଇଛି ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ ଯେ, ଗତକାଲି ସନ୍ଧ୍ୟାରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ବାତ୍ୟା ପ୍ରସ୍ତୁତିର ସମୀକ୍ଷା ଅବସରରେ ସ୍ଥାନାନ୍ତରଣ କରିବା ପକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ମାନଙ୍କୁ ■ପୃଷ୍ଠା-୬

## 'ଘର ଛାଡ଼ି ବାତ୍ୟା ଆଶ୍ରୟସ୍ଥଳରେ ରୁହନ୍ତୁ'

**ଭୁବନେଶ୍ୱର,୨୪।୧୦(ମହାଭାରତ):** ବାତ୍ୟା 'ଦାନା' ଲ୍ୟାଣ୍ଡଫଲ୍ କରିବା ପରେ ଗାମୀ ୪୮ ଘଣ୍ଟା ବାତ୍ୟା ଆମକୁ କଷ୍ଟ ଦେବ, ଯନ୍ତ୍ରଣା ଦେବ। ମାତ୍ର ପରେ ଯନ୍ତ୍ରଣା ପ୍ରଶମିତ ହେବ, ଆମ କଷ୍ଟ ଲାଘବ ହେବ। ଓଡ଼ିଶାବାସୀ ବହୁ ବାତ୍ୟାର ସମ୍ମୁଖୀନ ହୋଇଛନ୍ତି। ଆତଙ୍କିତ, ବିଚଳିତ ହୁଅନ୍ତୁ ନାହିଁ। ଘରେ କି ରାସ୍ତା ଉପରେ ରହନ୍ତୁ ନାହିଁ। ସବୁଠୁ ନିରାପଦ ସ୍ଥଳ ହେଉଛି ବାତ୍ୟା ଆଶ୍ରୟ ସ୍ଥଳ । ତେଣୁ ଘର ଛାଡ଼ି ବାତ୍ୟା ଆଶ୍ରୟ ସ୍ଥଳକୁ ଆସନ୍ତୁ।' ବାତ୍ୟା ଦ୍ୱାରା ପ୍ରଭାବିତ ହେବାକୁ ଥିବା ଅଞ୍ଚଳବାସୀଙ୍କୁ ଆଜି ଏପରି ଅପିଲ୍ କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ସେ କହିଛନ୍ତି, ପ୍ରଭାବିତ ଆଶଙ୍କା ଥିବା ଜିଲ୍ଲାର ଗ୍ରାଉଣ୍ଡରେ ପହଞ୍ଚି ସାରିଛନ୍ତି ରେସକ୍ୟୁ ଟିମ୍। ପରବର୍ତ୍ତୀ ୪୮ ଘଣ୍ଟା ଆମକୁ କଷ୍ଟ କରିବାକୁ ପଡ଼ିବ। ୧୩ ଜିଲ୍ଲାରେ ଆଲର୍ଟରେ ଅଛନ୍ତି ସରକାର ଓ ପ୍ରଶାସନୟ। ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ଲୋକ ପ୍ରତିନିଧି ଓ ପୁଲିସ୍ ଫୁଲ୍ ଦମ୍ରେ ଲାଗିଛନ୍ତି। ସମୁଦାୟ ୧୦ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବାଲେଶ୍ୱର, ଭଦ୍ରକ ଓ ■ପୃଷ୍ଠା-୬

## ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୪।୧୦(ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ଟେଲିଫୋନ ଯୋଗେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଓଡ଼ିଶାରେ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ସଂପର୍କରେ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ, ମୁଖ୍ୟମନ୍ତ୍ରୀ ରାଜ୍ୟରେ ଚାଲିଥିବା ଲୋକଙ୍କ ସ୍ଥାନାନ୍ତର ପ୍ରକ୍ରିୟା ସଂପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏହା ସହିତ ଲୋକଙ୍କ ସୁରକ୍ଷା ପାଇଁ ନିଆ ଯାଇଥିବା ସୁରକ୍ଷା ବଳ, ଏନଡିଆରଏଫ, ଓଡ୍ରାଫ ଆଦି ମୁତୟନ ସଂପର୍କରେ ମଧ୍ୟ ସୂଚନା ଦେଇଥିଲେ। ଆଲୋଚନା ପରେ ବାତ୍ୟା ମୁକାବିଲା ପ୍ରସ୍ତୁତି ସଂପର୍କରେ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ। ଆଜି ଅପରାହ୍ନରେ ମଧ୍ୟ ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଧ୍ୟ ଏ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଆଜି କନ୍ଧମାଳରେ ସ୍କୁଲ ବନ୍ଦ

**ଭୁବନେଶ୍ୱର,୨୪।୧୦(ମହାଭାରତ):** ବାତ୍ୟା 'ଦାନା' କାରଣରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ କନ୍ଧମାଳ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲକୁ ଶୁକ୍ରବାର ଛୁଟି ଘୋଷଣା କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ସମସ୍ତ ବିଇଓ ଏବଂ ସ୍କୁଲ ମୁଖ୍ୟ ଶିକ୍ଷକଙ୍କୁ ଏହି ସମ୍ପର୍କରେ ଚିଠି ଲେଖିଛନ୍ତି। ଏହାରେ କୁହାଯାଇଛି ଯେ, ବାତ୍ୟାର ପରିସ୍ଥିତିକୁ ମନେ ରଖି ସବୁ ସ୍କୁଲକୁ ଏହି ଛୁଟି ଘୋଷଣା କରାଯାଇଛି।

ଉଲ୍ଲେଖନୀୟ ଯେ, ପୂର୍ବରୁ ସରକାର ୧୪ଟି ଜିଲ୍ଲାରେ ୨୩ ଅକ୍ଟୋବରରୁ ୨୫ ଅକ୍ଟୋବର ପର୍ଯ୍ୟନ୍ତ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ବନ୍ଦ ରଖିବା ଘୋଷଣା କରିଥିଲେ। ଏହି ଜିଲ୍ଲା ମାନଙ୍କରେ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର, ଅନୁଗୁଳ, ଖୋର୍ଦ୍ଧା, ନୟାଗଡ଼ ଓ କଟକ ଜିଲ୍ଲା ଅନ୍ତର୍ଭୁକ୍ତ।

## ପରାଜିତ ୪ ପୌରସଂସ୍ଥା ଅଧ୍ୟକ୍ଷଙ୍କୁ ବିଦା ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର,୨୪।୧୦(ମହାଭାରତ): ବିଜୁ ଜନତା ଦଳରେ ଦଳୀୟ ସଙ୍କଟ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଗଡ଼ କୁହାଯାଉଥିବା ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର, ନୀଳଗିରି, ଜୁନାଗଡ଼ ସ ଭବାନୀପାଟଣା ଅଞ୍ଚଳରେ ବିଜେଡି ଗଡ଼ ଭୁଶୁଡ଼ିବାରେ ଲାଗିଛି। ଆଜି ଏହି ଚାରୋଟି ସ୍ଥାନରେ ମ୍ୟୁନିସିପାଲିଟି ଓ ଏନ୍‌ଏସି ଗୁଡିକରେ ରହିଥିବା ବିଜେଡି ଦଳର ଚେୟାରମ୍ୟାନ୍‌ମାନେ ଅନାସ୍ଥା ଭୋଟରେ ଗାଦିଚ୍ୟୁତ ହୋଇଛନ୍ତି।

ଆଜି ଏ ସଂପର୍କରେ ସରକାରୀ ଗେଜେଟ୍‌ରେ ଘୋଷଣା କରାଯାଇଛି। ଏହା ପୂର୍ବରୁ ମଧ୍ୟ ରାଜ୍ୟର ଅନ୍ୟାନ୍ୟ ସ୍ଥାନଗୁଡିକରେ ଥିବା ବ୍ଲକ ଏନ୍‌ଏସି ଓ ମ୍ୟୁନିସି ପାଲିଟିରେ ଥିବା ବିଜେଡି ଅଧ୍ୟକ୍ଷମାନେ ଏହି ପରି ଭାବରେ ଅନାସ୍ଥା ଭୋଟରେ ବିଦା ହୋଇଛନ୍ତି। ଏହି ଘଟଣା ରାଜ୍ୟ ବିଜେଡିକୁ ବଡ ଧକ୍କା ଦେଇଛି। ଭବାନୀ ପାଟଣା ମ୍ୟୁନିସିପାଲିଟର ଚେୟାରମ୍ୟାନ୍ ଥିବା ଶ୍ରୀମତୀ ସଂଯୁକ୍ତା ବେହେରାଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥାପ୍ରସ୍ତାବ ଭୋଟ ଗୃହୀତ ହେଇଥିଲା। ଏହି ଗୁପ୍ତ ଭୋଟ ଦାନରେ ୨୦ଟି ଯାକ ଭୋଟ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଯିବାରୁ ତାଙ୍କୁ ଅଧ୍ୟକ୍ଷା ପଦ ହରାଇବାକୁ ପଡିଛି। ସେହିପରି ଜୁନାଗଡ଼ ବିଜ୍ଞପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ ମଧ୍ୟ ଅନାସ୍ଥା ଭୋଟରେ ନିଜର ପଦବୀ ହରାଇଛନ୍ତି। ଶ୍ରୀ ଅଗ୍ରୱାଲଙ୍କ ବିରୁଦ୍ଧରେ ଅନାସ୍ଥା ଭୋଟ ଦାବି କରିଥିବା ସଭ୍ୟମାନେ ଗୁପ୍ତ ଭୋଟ ମାଧ୍ୟମରେ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଭୋଟ ଦେବାରୁ ସେ ମଧ୍ୟ ତାଙ୍କୁ ପଦବୀ ହରାଇଛନ୍ତି। ଏଠାରେ ମୋଟ ସଭ୍ୟ ସଂଖ୍ୟା ୧୨ ହୋଇଥିବାବେଳେ ୧୦ ଜଣ ସଭ୍ୟ ଅନାସ୍ଥା ସପକ୍ଷରେ ଭୋଟ ଦେଇଥିଲେ।

ବାଲେଶ୍ୱର ଜିଲ୍ଲା ନୀଳଗିରି ପୌରପରିଷଦ ଅଧ୍ୟକ୍ଷା ଥିବା ଶ୍ରୀମତୀ ଅମ୍ବିକା ଦାସ ମଧ୍ୟ ଅନାସ୍ଥା ଭୋଟରେ କାଟ୍ ଖାଇ ତାଙ୍କ ପଦବୀରୁ ବିଦା ହୋଇଛନ୍ତି। ଏହି ପୌରପରିଷଦର ■ପୃଷ୍ଠା-୬

## ଜଷ୍ଟିସ ସଞ୍ଜୀବ ଖାନ୍ନା ସିଜେଆଇ

**ନୂଆଦିଲ୍ଲୀ,୨୪।୧୦:** ଦେଶର ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ନିଯୁକ୍ତି ପାଇଛନ୍ତି ଜଷ୍ଟିସ ସଞ୍ଜୀବ ଖାନ୍ନା। ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଏହି ପଦରେ ନିଯୁକ୍ତ କରିଛନ୍ତି।



ବର୍ତ୍ତମାନ ପ୍ରଧାନ ବିଚାରପତି ଭାବେ କାର୍ଯ୍ୟ କରୁଥିବା ଜଷ୍ଟିସ ଡି. ୱାଇ ଚନ୍ଦ୍ରଚୂଡ଼ ତାଙ୍କ ଉତ୍ତରାଧିକାରୀ ଭାବେ ବରିଷ୍ଠତା ଦୃଷ୍ଟିରୁ ଜଷ୍ଟିସ ଖାନ୍ନାଙ୍କ ନାଁ ସୁପାରିସ କରିଥିଲେ। ଏହା ଉପରେ ଆଜି ମୋହର ବାଜିଛି। ଆସନ୍ତା ୧୧ ତାରିଖରେ ଜଷ୍ଟିସ ଖାନ୍ନା ପ୍ରଧାନ ବିଚାରପତି ଭାବେ ଶପଥ ନେବେ। ଆଜି ସମ୍ପର୍କରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘାଲ ଏକ୍ସ ମାଧ୍ୟମରେ ସୂଚନା ଦେଇଛନ୍ତି। ସମ୍ବିଧାନରେ ପ୍ରଦତ୍ତ କ୍ଷମତାକୁ ବ୍ୟବହାର କରି ରାଷ୍ଟ୍ରପତି ପ୍ରଧାନ ବିଚାରପତିଙ୍କ ସହ ଆଲୋଚନା କରି ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କୁ ପରବର୍ତ୍ତୀ ସିଜେଆଇ ଭାବେ ନିଯୁକ୍ତି ଦେଇଛନ୍ତି। ତାଙ୍କ କାର୍ଯ୍ୟକାଳ ନଭେମ୍ବର ୧୧ରୁ ଆରମ୍ଭ ହେବ ବୋଲି ଶ୍ରୀ ମେଘାଲ ଏକ୍ସରେ ଉଲ୍ଲେଖ କରିଛନ୍ତି।

ବର୍ତ୍ତମାନର ପ୍ରଧାନ ବିଚାରପତି ଜଷ୍ଟିସ ଡିଇ ଚନ୍ଦ୍ରଚୂଡଙ୍କ ଅବସର ପରେ ଜଷ୍ଟିସ ଖାନ୍ନା ସର୍ବୋଚ୍ଚ ନ୍ୟାୟାଳୟର ୫୧ତମ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ନେବେ। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ତାଙ୍କ କାର୍ଯ୍ୟକାଳ ଛଅ ମାସ ରହିବ। ■ପୃଷ୍ଠା-୬

## ଭୁବନେଶ୍ୱର ଓ ଝାରସୁଗୁଡ଼ା ବିମାନବନ୍ଦରରେ ତନାଘନା

ନୂଆଦିଲ୍ଲୀ/
**ଭୁବନେଶ୍ୱର,୨୪।୧୦(ମହାଭାରତ):** ପୁଣିଥରେ ବିଭିନ୍ନ ବିମାନକୁ ମିଳିଛି ବୋମା ଧମକ। ଏକାଥରେ ଆଜି ୮୫ଟି ବିମାନରେ ବୋମା ଥିବା କଥା ଧମକ ଦିଆଯାଇଛି। ଇଣ୍ଡିଗୋ, ଏୟାର ଇଣ୍ଡିଆ, ଭିସ୍ତାରା ଓ ଏୟାର ଆକାଶର ପ୍ରାୟ ୮୫ଟି ବିମାନକୁ ଦୁର୍ବୃତ୍ତମାନେ ବୋମା ବିସ୍ଫୋରଣର ଧମକ ଦେଇଛି।ଏହି ଧମକ ପରେ ଭୁବନେଶ୍ୱର ଓ ଝାରସୁଗୁଡ଼ରେ ଆତଙ୍କ ଦେଖିବାକୁ ମିଳିଛି। ଓଡ଼ିଶାର ଏହି ଦୁଇ ଏୟାରପୋର୍ଟରେ ଥିବା ଦୁଇ ବିମାନକୁ ବୋମା ଧମକ ମିଳିବା ପରେ ହଇଚଇ ସୃଷ୍ଟି ହୋଇଛି।



ଭୁବନେଶ୍ୱର ଏୟାରପୋର୍ଟ ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି ଯେ ବିମାନରେ ବୋମା ଥିବା ନେଇ ଏକ ଧମକ ମିଳିଥିଲା। ଟ୍ୱିଟର(ବର୍ତ୍ତମାନ ଏକ୍ସ) ଜରିଆରେ ବୋମା ବିସ୍ଫୋରଣର ଧମକ ଦିଆଯାଇଥିଲା। ଏୟାରପୋର୍ଟରେ ରହିଥିବା ଏୟାର ଆକାଶ ବିମାନରେ ବୋମା ଥିବା ସୂଚନା ମିଳିବା ପରେ ଏସ୍‌ଓପି ଅନୁସାରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ କୌଣସି ଠାରେ ବୋମା ନଥିବା ଜଣାପଡ଼ିଛି। ବିମାନକୁ ଯାଞ୍ଚ କରି ଉଡ଼ାଣ ପାଇଁ କ୍ଲିୟରାନ୍ସ ଦିଆଯାଇଛି ବୋଲି ସେ କହିଛନ୍ତି। ସେହିପରି ବୋମା ଧମକ ପରେ ଝାରସୁଗୁଡ଼ା ବିମାନ ବନ୍ଦରରେ ମଧ୍ୟ ଖାନତଲାସି ହୋଇଛି। ଏଠାରେ ରହିଥିବା ବେଙ୍ଗାଲୁରୁ-ଝାରସୁଗୁଡ଼ା ■ପୃଷ୍ଠା-୬

## ସେନା ଗାଡ଼ି ଉପରକୁ ହମ୍ଲା : ୨ ଯବାନ ସହ ୪ ମୃତ



**ଶ୍ରୀନଗର,୨୪।୧୦(ଏଜେନ୍ସି):** ନୂଆ ସରକାର ଆସିବା ପରେ ଉପତ୍ୟାକାରେ ଆତଙ୍କବାଦୀ ହମଲା ଜୋରଦାର ହୋଇଛି। ଜମ୍ମୁ-କଶ୍ମୀରର ବରମୁଲ୍ଲା ଅନ୍ତର୍ଗତ ଗୁଲମର୍ଗରେ ଆଜି ଆତଙ୍କବାଦୀମାନେ ସେନା ଗାଡ଼ି ଉପରେ କରିଥିବା ହମଲାରେ ୨ ଜଣ ଯବାନ ସହିଦ ହୋଇଛନ୍ତି। ସେହିପରି ସୁରକ୍ଷାକର୍ମୀଙ୍କ ଜନିଷ ନେବା ଆଣିବା କରୁଥିବା ୨ ଜଣ ପୋର୍ଟର ମଧ୍ୟ ଆତଙ୍କୀଙ୍କ ଗୁଳିରେ ପ୍ରାଣ ହରାଇଛନ୍ତି। ଏହାବାଦ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଆଉ ୪ ଜଣ ଯବାନ ଆହତ ହୋଇଛନ୍ତି ସେମାନଙ୍କୁ ନିକଟସ୍ଥ ସେନେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଘଟଣା ପରେ ପୂରା ଅଞ୍ଚଳକୁ କର୍ଡନ କରାଯାଇଛି।ସେହିପରି ଅଧିକ ସଂଖ୍ୟକ ଯବାନ ଘଟଣା ସ୍ଥଳକୁ ଯାଇଛନ୍ତି। ଆତଙ୍କବାଦୀମାନେ ସ୍ଥାନୀୟ ଅଞ୍ଚଳରେ ଲୁଚି ଥିବାରୁ ସେମାନଙ୍କୁ ଧରିବା ପାଇଁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି।

ପ୍ରାଥମିକ ସୂଚନା ଅନୁସାରେ, ୧୮ ରାଷ୍ଟ୍ରୀୟ ରାଇଫଲ୍ସର ଯବାନମାନେ ଆଜି ସନ୍ଧ୍ୟାରେ ବୋଟାପଥରରୁ ଯାଉଥିଲେ। ସେମାନେ ନାଗିନ ଅଞ୍ଚଳ ଅତିକ୍ରମ କରୁଥିବା ବେଳେ ହଠାତ୍ ସେମାନଙ୍କ ଗାର୍ଡ଼ି ଉପରେ ଆକ୍ରମଣ ହୋଇଥିଲା।ଆକ୍ରମଣ ହୋଇଥିବା ସ୍ଥାନଟି ଏଲଓସିର ଅତି ନିକଟରେ। ଘଟଣାରେ ୫ ଜଣଙ୍କ ଯବାନଙ୍କ ସହ ଜଣେ ପୋର୍ଟର ମଧ୍ୟ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ମଧ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ୨ ଜଣ ଯବାନ ଓ ଦୁଇ ଜଣ ପୋର୍ଟର ମୃତ୍ୟୁ ହୋଇଛି। ■ପୃଷ୍ଠା-୬

# ଗ୍ଲୋଇଂ ଓ ଆଟ୍ରାକ୍ଟିଭ ଫେସ୍ ପାଇଁ ଆପଣାନ୍ତୁ ଏହି ଜିନିଷ



ଜାଣିବା ରାତିରେ ତ୍ୱଚାରେ କଞ୍ଚା କ୍ଷୀର ଲଗାଇବାର ବିଧି

■ କଞ୍ଚା କ୍ଷୀରରେ ଲାକ୍ଟିକ୍ ଏସିଡ ଥାଏ। କ୍ଷୀରରେ ଥିବା ଏହି ତତ୍ତ୍ୱ ଆପଣଙ୍କ ତ୍ୱଚାରେ ଥିବା ସୁନ୍ଦର ଚମକଦାର ତ୍ୱଚା ଦେଇଥାଏ। ଏହା ତ୍ୱଚାକୁ ହାଇଡ୍ରେଟ୍ କରି ସ୍କିନକୁ ଡ୍ରାଏନେସରୁ ରକ୍ଷା କରିଥାଏ। ଯଦି ଆପଣ ରାତି ସାରା ତ୍ୱଚାରେ କ୍ଷୀର ଲଗାଇବେ,ତେବେ ଅନ୍ୟ ଦିନ ଆପଣଙ୍କ ତ୍ୱଚାରେ ଚମକ ଆସିବ। ଏହାକୁ ଆପଣ ଫେସ୍ ମାସ୍କ ଭାବେ ମଧ୍ୟ ବ୍ୟବହାର କରିପାରିବେ।

■ କଞ୍ଚା କ୍ଷୀରରେ ଅନେକ ପୋଷକ ତତ୍ତ୍ୱ ରହିଥାଏ। ଏଥିରେ ଲାକ୍ଟୋଜ,ପ୍ରୋଟିନ୍,କ୍ୟାଲସିୟମ୍,ଭିଟାମିନ୍ ଏ,ବି-୧୨,ଡି ଏବଂ ଜିଙ୍କ ସାମିଲ ରହିଛି। ଶୋଇବା ବେଳେ ସ୍କିନରେ ସର୍କୁଲେସନ ବଢ଼ିଯାଇଥାଏ, ଯାହା ଦ୍ୱାରା କ୍ଷୀରରେ ଥିବା ସମସ୍ତ ପୋଷକ ତତ୍ତ୍ୱ ଭଲ ଭାବେ ସ୍କିନରେ ମିଶିଥାଏ। ଫଳରେ ସ୍କିନ୍ ମଇଶ୍ଚରାଇଜ ହୋଇଥାଏ।

■ ତ୍ୱଚାରେ କଞ୍ଚା କ୍ଷୀର ଲଗାଇ ଶୋଇବା ଦ୍ୱାରା ତ୍ୱଚା ତେଲିଆ ହୋଇନଥାଏ,ଯାହା ଦ୍ୱାରା ବ୍ରଣ ସମସ୍ୟା ହୋଇନଥାଏ। ଯଦି ଆପଣ ଏଥିରେ ଅଳ୍ପ ଲୁଣ ମିଶାଇ ତ୍ୱଚାରେ ଲଗାଇବେ ତେବେ ଆପଣଙ୍କ ବ୍ରଣ ସମସ୍ୟା ଦୂର ହୋଇଯିବ।



କ୍ଷୀର କେବଳ ସ୍ୱାସ୍ଥ୍ୟ ଭଲ ହୋଇନଥାଏ ବରଂ ଏହା ଆମ ତ୍ୱଚା ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ। ଯଦି ଆପଣ କ୍ଷୀରକୁ ରାତି ସାରା ତ୍ୱଚାରେ ଲଗାଇ ରଖିବେ,ତେବେ ଆପଣଙ୍କୁ କୌଣସି ମହଙ୍ଗା କ୍ରିମ୍ କିମ୍ବା ଲୋସନର ଆବଶ୍ୟକତା ପଡ଼ିବ ନାହିଁ। କଞ୍ଚା କ୍ଷୀର ଦିନରେ ଯେତିକି ଲାଭଦାୟକ ହୋଇନଥାଏ ରାତିରେ ତ୍ୱଚାରେ ଲଗାଇବା ସେତିକି ଲାଭଦାୟକ ହୋଇଥାଏ। ଏଥିରେ ଲାକ୍ଟିକ୍ ଏସିଡ ଥାଏ ଯାହା ରାତି ସାରା ଆପଣଙ୍କ ତ୍ୱଚାକୁ ରିପେୟାର କରିବାର କାମ କରିଥାଏ। ଏହା ଦ୍ୱାରା ତ୍ୱଚା ଉପରେ ବୟସର ପ୍ରଭାବକୁ କମ୍ କରିବାରେ ସାହାଯ୍ୟ ମିଳିଥାଏ। ଆସନ୍ତୁ

■ କଞ୍ଚା କ୍ଷୀର ଆପଣଙ୍କୁ ଡେଡ ସ୍କିନକୁ ଏକ୍ସଫାଲିଏଟ୍ କରିବାରେ ସାହାଯ୍ୟ କରିଥାଏ। ରାତିରେ କଞ୍ଚା କ୍ଷୀର ଲଗାଇ ଶୋଇଲେ ସକାଳେ ତ୍ୱଚା ସଫା ହୋଇଯାଇଥାଏ। କ୍ଷୀରରେ ଥିବା ଲାକ୍ଟିକ୍ ଏସିଡ ମାର୍କେଟରେ ମିଳୁଥିବା ସ୍କ୍ରବଠୁ ବହୁତ ଗୁଣକାରୀ।

# ଚା’ପତିରୁ ତିଆରି କରନ୍ତୁ ସ୍କ୍ରବ୍

ମହାମାରୀ କାରଣରୁ ଯୁବତୀ ଓ ମହିଳାମାନେ ପାର୍ଲର ଯିବାକୁ ବର୍ତ୍ତମାନ ସୁରକ୍ଷିତ ମଣୁନାହାନ୍ତି। ଘରୋଇ ଉପଚାର କରିବା ହିଁ ସବୁଠୁ ଉତ୍ତମ ଉପାୟ। କେମିକାଲ୍ ଭରପୂର ବଜାରରୁ ସ୍କ୍ରବ୍ କିଣିବା ପରିବର୍ତ୍ତେ ଘରେ ଅଳ୍ପ ସମୟରେ ସ୍କ୍ରବ୍ ତିଆରି କରିପାରିବେ। ଏହାକୁ ନିୟମିତ ଉପଯୋଗ କଲେ ମଧ୍ୟ ତ୍ୱଚା



ଉପରେ କୁପ୍ରଭାବ ପଡ଼େ ନାହିଁ। ଆବଶ୍ୟକ ସାମଗ୍ରୀମାନ ହେଲା ୨କପ୍ ଚିନି, ୪ ଚାମଚ ଚା’ ଗୁଣ୍ଡ, ୧ଚାମଚ ନଡ଼ିଆ ତେଲ ଓ ଏୟାର୍-ଟାଇଟ୍ ଡବା। ପ୍ରଥମେ ଏକ ବଡ଼ ପାତ୍ର ନେଇ ସେଥିରେ ଚିନି ଓ ଚା’କୁ ଭଲରେ ମିଶାଇ ଦିଅନ୍ତୁ। ଏବେ ଭଲରେ ଗ୍ରାଇଣ୍ଡିଂ କରି ପାତ୍ରକୁ କାଢ଼ିନେବେ। ଅନ୍ୟ ଏକ ପାତ୍ରରେ ତେଲ ନେଇ ନଖଉଷୁମ କରି ରଖନ୍ତୁ। ଏବେ ସମସ୍ତ ସାମଗ୍ରୀକୁ ଭଲରେ ଗୋଟିଏ ପାତ୍ରରେ ମିଶାଇ ମିଶ୍ରଣ ଗାଢ଼ ହେବା ପର୍ଯ୍ୟନ୍ତ ଚାମରେ ମିଶାଇବେ। ଏବେ ସେହି ମିଶ୍ରଣକୁ ଏୟାର-ଟାଇଟ୍ ଡବାରେ ଭର୍ତ୍ତି କରି ୧ ସପ୍ତାହ ପର୍ଯ୍ୟନ୍ତ ବ୍ୟବହାର କରନ୍ତୁ। ସ୍ନାନ ପୂର୍ବରୁ ତ୍ୱଚା, ହାତ, ଗୋଡ଼ରେ ଲଗାଇ ମାଲିସ୍ କରି ପରେ ଉଷୁମ ପାଣିରେ ଧୋଇନେବେ। ଏହି ସ୍କ୍ରବ୍ ତ୍ୱଚାକୁ କୌଣସି କ୍ଷତି ପହଞ୍ଚାଇନଥାଏ ବରଂ ତ୍ୱଚାରେ ଏକ ଚମକ ଆସିଥାଏ।

# ଟ୍ୟାନ୍ ହଟାଇବା ପାଇଁ ବ୍ୟବହାର କରନ୍ତୁ ତରଭୁଜ ଜେଲ୍

ଗ୍ରୀଷ୍ମ ଋତୁରେ ତରଭୁଜ ଖାଇବାର ମଜା ଟିକିଏ ନିଆରା । କିନ୍ତୁ ଏହାକୁ ଖାଇବା ସହିତ ଚେହେରାର ସୌନ୍ଦର୍ଯ୍ୟ ବଢାଇବା ପାଇଁ ମଧ୍ୟ ବ୍ୟବହାର କରାଯାଇଥାଏ । ଗ୍ରୀଷ୍ମ ଦିନରେ ଶକ୍ତିଶାଳୀ ସୂର୍ଯ୍ୟ କିରଣର ସଂସ୍ପର୍ଶରେ ଆସିବା ଦ୍ୱାରା ଟ୍ୟାନ୍ ଏବଂ ସ୍କିନ୍ ସମ୍ବନ୍ଧୀୟ ଅନେକ ସମସ୍ୟା ଦେଖାଯାଇଥାଏ । ତେଣୁ ଏଥିପାଇଁ ଆପଣ ତରଭୁଜରୁ ସ୍ୱତନ୍ତ୍ର ଜେଲ୍ ପ୍ରସ୍ତୁତ କରି ବ୍ୟବହାର କରିପାରିବେ। ତେବେ ଚାଲନ୍ତୁ ଜାଣିବା ଏହାର ପ୍ରସ୍ତୁତ ଏବଂ ବ୍ୟବହାର

ଆବଶ୍ୟକ ସାମଗ୍ରୀ :୩ ବଡ ଚାମଚ ତରଭୁଜ ରସ। ୧ ବଡ ଚାମଚ କାକୁଡି ରସ। ୩ ବଡ ଚାମଚ ଏଲୋଭେରା ଜେଲ। ୧ଟି ଭିଟାମିନ୍ ଇ କ୍ୟାପସୁଲ୍

ପ୍ରସ୍ତୁତ ପ୍ରଣାଳୀ :

୧. ସର୍ବପ୍ରଥମେ, ତରଭୁଜରୁ ମଞ୍ଜି ବାହାର କରି ଗ୍ରାଇଣ୍ଡିଙ୍ଗ କରି ତାହାର ଜୁସ୍ ବାହାର କରନ୍ତୁ।

୨. ଠିକ୍ ସେହିପରି କାକୁଡିର ମଧ୍ୟ ଜୁସ ବାହାର କରନ୍ତୁ ।



୩. ଏକ ପାତ୍ରରେ ତରଭୁଜ ଏବଂ କାକୁଡି ରସକୁ ଛାଣନ୍ତୁ ।

୪. ଅବଶିଷ୍ଟ ଉପାଦାନଗୁଡିକ ମିଶାଇ ତାହା ଲାଲ୍ ହେବା ପର୍ଯ୍ୟନ୍ତ ଗୋଳାନ୍ତୁ ।

୫. ପ୍ରସ୍ତୁତ ଜେଲକୁ ଏକ ପାତ୍ରରେ ଷ୍ଟୋର କରି ଫ୍ରିଜ୍ ରେ ରଖନ୍ତୁ ।

ବ୍ୟବହାର କରିବାର ଉପାୟ :

୧. ସର୍ବପ୍ରଥମେ ମୁହଁକୁ ଫେସ୍ ୱାସରେ ଧୋଇ ଦିଅନ୍ତୁ ।

୨. ତାପରେ ଏହି ଜେଲ୍ କୁ ହାଲୁକା ଭାବରେ ମସାଜ କରନ୍ତୁ।

୩. ୧୦ ମିନିଟ୍ ରଖିବା ପରେ ମୁହଁକୁ ଭଲଭାବରେ ଧୋଇ ଦିଅନ୍ତୁ।

୪. ଆପଣ ଚାହିଁଲେ ଏହାକୁ ରାତିରେ ମଧ୍ୟ ଲଗାଇ ପାରିବେ ।

ତରଭୁଜ ଜେଲ ଲଗାଇବାର ଫାଇଦା :

- ଏହାକୁ ଲଗାଇବା ଦ୍ୱାରା ସନ୍ ଟ୍ୟାନ୍ ସମସ୍ୟାରୁ ମୁକ୍ତି ମିଳିଥାଏ ।
- ଗରମ କାରଣରୁ ଅଧିକ ଝାଳ ବାହାରିବାର ସମସ୍ୟା ରହିଥାଏ । ତରଭୁଜ ଏଥିରୁ ମୁକ୍ତିଦେବା ସହିତ ପୂରା ଦିନ ସତେଜ ଅନୁଭବ କରାଇଥାଏ।
- ମୁହଁରେ ପଡୁଥିବା ଦାଗ, ରିଙ୍କଲ୍, ବ୍ଲାକ୍ ହେଡ୍ ସଫା କରିଥାଏ।
- ମୁଖ ବ୍ରଣ ସମସ୍ୟା ଦୂର କରିଥାଏ।

# କେବଳ ମୁଠାଏ ଚାଉଳ ବଦଳାଇଦେବ ଭାଗ୍ୟ

ଅନେକ ସମୟରେ, କଠିନ ପରିଶ୍ରମ ସତ୍ତ୍ୱେ ଆପଣ ଚାହୁଁଥିବା ଫଳାଫଳ ପାଆନ୍ତି ନାହିଁ। ଏହି କାରଣରୁ, ଜୀବନରେ ଅସ୍ଥିରତା ଏବଂ ଅର୍ଥ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ରାଶିରେ ଗ୍ରହର ଦୁର୍ବଳତା ମଧ୍ୟ ଏହିପରି ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏଥିଲାଗି କିଛି ଉପାୟ କରି ଏହି ସମସ୍ୟାରୁ ମୁକ୍ତି ପାଇପାରିବେ। ତେବେ ଚାଲନ୍ତୁ ଜାଣିବା ଚାଉଳ ମାଧ୍ୟମରେ କିଛି ଏମିତି ଉପାୟ ଯାହା ଆପଣଙ୍କୁ ଏ ସମସ୍ତ ସମସ୍ୟାରୁ ମୁକ୍ତି ଦେବ।

ଦରିଦ୍ରତା ହେବ ଦୂର :ପୂଜା କିମ୍ବା କୌଣସି ଧାର୍ମିକ କାର୍ଯ୍ୟରେ ଚାଉଳର ବିଶେଷ ମହତ୍ୱ ରହିଛି। ଏଥିସହିତ ଏହା ଚନ୍ଦ୍ର ସହିତ ମଧ୍ୟ ଜଡିତ। ତେଣୁ ପ୍ରତିଦିନ କପାଳରେ ଚାଉଳ ତିଳକ ଲଗାନ୍ତୁ। ଏହାଦ୍ୱାରା ରାଶିଫଳରେ ଚନ୍ଦ୍ର ଶକ୍ତିଶାଳୀ ହୋଇଥାନ୍ତି । ଯାହା ଫଳରେ ଅର୍ଥ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ ।

ଦେବୀ ଲକ୍ଷ୍ମୀ ହୋଇଥାନ୍ତି ପ୍ରଶନ୍ନ : ପୂର୍ଣ୍ଣିମା କିମ୍ବା ଯେକୌଣସି ଶୁଭ ସମୟରେ, ଲାଲ ରଙ୍ଗର ଏକ ରେଶମ କପଡ଼ାରେ ୨୧ ଗୋଟି ଚାଉଳକୁ ହଳଦିରେ ରଙ୍ଗ କରି ବାନ୍ଧନ୍ତୁ। ଏହାପରେ ଦେବୀ ଲକ୍ଷ୍ମୀଙ୍କ ଆଗରେ ସେହି କପଡାକୁ ରଖନ୍ତୁ । ଦେବୀଙ୍କୁ ପୂଜା କରିବା ସହିତ କନକଧାରା ସ୍ତୋତ୍ର ପାଠ କରନ୍ତୁ। ତା’ପରେ ସେହି କପାଟରୁ କିଛି ଚାଉଳ ତୁମ ପର୍ସରେ ବାକି ଚାଉଳକୁ ଧନ ରଖୁଥିବା ସ୍ଥାନରେ ରଖନ୍ତୁ। ଏହା ଦ୍ୱାରା ଅର୍ଥର ଅଭାବ ଦୂର ହେବା ସହିତ ଦେବୀ ଲକ୍ଷ୍ମୀଙ୍କ କୃପା ରହିବ ।



ଧନ ପ୍ରାପ୍ତ ହେବ :ସୋମବାର ଅଧା କିଲୋ ଚାଉଳ ନିଅନ୍ତୁ । ଯେପରି ସେହି ଚାଉଳ ଭଙ୍ଗା ନଥିବ। ତା’ପରେ ଭଗବାନ ଶିବଙ୍କ ମନ୍ଦିରକୁ ଯାଇ ଶିବଲିଙ୍ଗ ଉପରେ ୧ ମୁଷ୍ଟି ଅର୍ପଣ କରନ୍ତୁ । ଅବଶିଷ୍ଟ ଚାଉଳକୁ ଗରିବ ଏବଂ ଅସହାୟ ଲୋକଙ୍କୁ ଦାନ କରନ୍ତୁ । କ୍ରମାଗତ ୫ ସୋମବାରରେ ଏହି ପ୍ରତିକାର କରନ୍ତୁ । ଏହାଦ୍ୱାରା ଧନ ପ୍ରାପ୍ତ ହେବ ।

ମନକାମନା ପୂରଣ ହେବ : ଶୁକ୍ରବାର ରାତି ୧୦ ଟାରେ, ଘରର ଉତ୍ତର ଦିଗରେ ଏକ ଚୌକି ରଖି ସେଥିରେ କଳସ ସ୍ଥାପିତ କରନ୍ତୁ । କଳସରେ ସ୍ୱସ୍ତିକ୍ ଚିହ୍ନ କରି ସେଥିରେ ପାଣି, ଦୁବ, ଚାଉଳ, ୧ ଟଙ୍କା ମୁଦ୍ରା ରଖନ୍ତୁ। ତା’ପରେ ଚାଉଳକୁ ଏକ ଛୋଟ ଥାଳିରେ ଭର୍ତ୍ତି କରି କଳସ ଉପରେ ରଖନ୍ତୁ। ଏହାପରେ ଶ୍ରୀଯନ୍ତ୍ର ସ୍ଥାପନ କରି ଚୌମୁଖି ଦୀପ ଜାଳି ଏହାକୁ ସିନ୍ଦୁର ଏବଂ ଚାଉଳରେ ପୂଜା କରି ଲକ୍ଷ୍ମୀ ସ୍ତୋତ୍ର ପାଠ କରନ୍ତୁ। ଏହା ଦ୍ୱାରା, ଇଚ୍ଛା ପୂରଣ ହେବା ସହିତ ଆର୍ଥିକ ସମସ୍ୟା ମଧ୍ୟ ଦୂର ହେବ ।

# ଜାଣନ୍ତୁ ଶୁଭ ସମୟ ପୂର୍ବରୁ ୧୪ଟି ସଙ୍କେତ ବିଷୟରେ



ଶୁଭସମୟ ଆସିବା ପୂର୍ବରୁ କିଛି ଘଟଣା ଜୀବନରେ ଘଟିଥାଏ। ଯାହା ଭଲ ସମୟ ଆରମ୍ଭ ହେବାର ସଙ୍କେତ ଦେଇଥାଏ। ଯଦି ସେହି ସଙ୍କେତ ସକାଳ ସମୟରେ ଦେଖାଯାଉଛି, ତେବେ ସୌଭାଗ୍ୟର ଦରଜା ଆପଣଙ୍କ ପାଇଁ ଖୋଲିବାକୁ ଯାଉଛି ବୋଲି ମାନ୍ୟତା ରହିଛି। ଜାଣନ୍ତୁ ସେଭଳି କିଛି ସଙ୍କେତ ବିଷୟରେ .

ଧଳା ଗାଇ: ଯଦି ଧଳା ରଙ୍ଗର ଗାଈ ଦରଜା ସମ୍ମୁଖକୁ ଆସି ଶବ୍ଦ କରନ୍ତି, ତେବେ ଆପଣଙ୍କ ଘରେ ସୁଖସମୃଦ୍ଧିର ବୃଦ୍ଧି ହେବାର ଏହାର ସଙ୍କେତ ଦେଇଥାଏ।

ମଧୁର ଧ୍ୱନି: ସକାଳ ସମୟରେ ଯଦି ଆପଣଙ୍କୁ ମନ୍ଦିର ଘଣ୍ଟି, ଶଙ୍ଖ ଅଥବା ଭଜନ କୀର୍ତ୍ତନର ଧ୍ୱନି ଶୁଣାଯାଏ, ତେବେ ଏହାକୁ ଶୁଭ ସଙ୍କେତ କୁହାଯାଏ।

ନବବଧୂଙ୍କୁ ଦେଖିବା: ରାସ୍ତାରେ ଯାଉଥିବା ସମୟରେ ହଠାତ ନବବଧୂଙ୍କୁ ଦେଖିଲେ ଏହାକୁ ମଧ୍ୟ ଶୁଭ ସଙ୍କେତ କୁହାଯାଏ।

ଶ୍ରୀଫଳ: ସକାଳେ ଉଠିବା ପରେ ଶ୍ରୀଫଳ ଦେଖିଲେ ଶୁଭ ଖବର ମିଳିଥାଏ।

କୁହାଯାଏ ରାସ୍ତାରେ ଯିବା ସମୟରେ ପକ୍ଷୀ ଆପଣଙ୍କ ଉପରେ ମଳତ୍ୟାଗ କରିବା ଶୁଭ ବୋଲି କୁହାଯାଏ।

ବର୍ଷା ହେବା ସମୟରେ ହଠାତ ସୂର୍ଯ୍ୟ ଦେଖାଯିବା ଧନସମ୍ପତ୍ତି ବୃଦ୍ଧି ହେବାର ସଙ୍କେତ ଦେଇଥାଏ।

ଝରକାରେ ସୁନ୍ଦର ପ୍ରାକୃତିକ ଦୃଶ୍ୟ ଦେଖିବା ଅଥବା ଜଳାଶୟ ଦେଖାଯିବା ମଧ୍ୟ ଶୁଭଙ୍କର।

ଘରର ଛାତରେ ବସିଥିବା କୋଇଲି କିମ୍ବା ପକ୍ଷୀଙ୍କ ମଧୁର ସ୍ୱର ଶୁଣିବା ମଧ୍ୟ ଶୁଭଙ୍କର।

ସକାଳେ ଉଠିବା ମାତ୍ରେ ସର୍ବପ୍ରଥମେ ଦହି କିମ୍ବା କ୍ଷୀର ଦେଖାଯିବା ଶୁଭ ସଙ୍କେତ କୁହାଯାଏ। ଏହାଦ୍ୱାରା ସଫଳତା ପ୍ରାପ୍ତି ହୋଇଥାଏ।

କଇଁଛ ଦେଖିବା ମଧ୍ୟ ଶୁଭ ବୋଲି କୁହାଯାଏ।

ଘରର ଦରଜା ସମ୍ମୁଖରେ ଯଦି ହାତୀ ଶୁଣ୍ଢ ଉପରକୁ କରେ ତେବେ ଧନସମ୍ପତ୍ତି, ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି କୁହାଯାଏ।

ଅଜାଣତରେ ଓଲଟା ପୋଷାକ ପିନ୍ଧିବା ସୁଖସମୃଦ୍ଧି ପ୍ରାପ୍ତିର ସଙ୍କେତ ଦେଇଥାଏ।

ସକାଳ ସମୟରେ ରାସ୍ତାରେ ଆଖୁ ଦେଖିବା ମଧ୍ୟ ଶୁଭଙ୍କର।

ମୟୂର ପଙ୍ଖକୁ ଖୋଲାକରି ଥିବା ଅବସ୍ଥାରେ ଦେଖିବା ମଧ୍ୟ ଶୁଭଙ୍କର।

ହାତ ପାପୁଲି କୁଣ୍ଡାଇ ହେବା ଶୁଭ ସଙ୍କେତ ବୋଲି କୁହାଯାଏ।

ସମୁଦ୍ର କୂଳରେ ମୋତି ମିଳିବା ମଧ୍ୟ ଶୁଭ ସଙ୍କେତ ପ୍ରଦାନ କରିଥାଏ।

# ଶରୀର ପାଇଁ ଲାଭଦାୟକ ହୋଇଥାଏ କିୱି

ଗ୍ରୀଷ୍ମ ଋତୁରେ ଖାଇବା-ପିଇବାର ବିଶେଷ ଧ୍ୟାନ ରଖିବା ଉଚିତ । ଯାହା ଦ୍ୱାରା ଡିହାଇଡ୍ରେସନ୍ କିମ୍ବା ଅନ୍ୟାନ ରୋଗକୁ ରୋକାଯାଇ ପାରିବ । ସେଥିଲାଗି ପ୍ରତ୍ୟେକ ଦିନ



ଖାଦ୍ୟରେ କିୱି ସାମିଲ୍ କରିବା ବେଷ୍ଟ ଅପସନ୍ ହେବ। ଏଥିରେ ଭିଟାମିନ୍ ସି ଏବଂ ଇ, ପୋଟାସିୟମ୍, କ୍ୟାଲସିୟମ୍, ଫାଇବର, ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇମ୍ଫଲିମେଣ୍ଟରି ଏବଂ ଔଷଧୀୟ ଗୁଣ ରହିଥାଏ । ତେଣୁ ପ୍ରତ୍ୟେକ ଦିନ ଗୋଟିଏ କିୱି ଖାଇବା ଲାଭଦାୟକ ହୋଇଥାଏ। ତେବେ ଚାଲନ୍ତୁ ଜାଣିବା ଏହାର ଅନ୍ୟ ଫାଇଦା ବିଷୟରେ.

ଡେଙ୍ଗୁରୁ ମୁକ୍ତି ଦେଇଥାଏ :ଡେଙ୍ଗୁ ରୋଗୀ କିୱି ଖାଇବା ଦ୍ୱାରା ଶୀଘ୍ର ଆରୋଗ୍ୟ ହୋଇଥାନ୍ତି । ଏହାବ୍ୟତୀତ ରକ୍ତରେ କମୁଥିବା ପ୍ଲେଟଲେଟସ୍‌କୁ ବଢାଇବାରେ ମଧ୍ୟ ସାହାଯ୍ୟ କରିଥାଏ।

ବ୍ଲଡ୍ ପ୍ରେସର୍ କଣ୍ଟ୍ରୋଲ୍ କରିଥାଏ :ବିଶେଷଜ୍ଞଙ୍କ ଅନୁଯାୟୀ, ଲଗାତାର ୮ ସପ୍ତାହ କିୱି ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପର ସମସ୍ୟା ଦୂର ହୋଇଥାଏ। ହୃତପିଣ୍ଡ ଭଲଭାବରେ କାମ କରିଥାଏ । ଏଥିସହ ଜଡିତ ସମସ୍ୟା ମଧ୍ୟ ଦୂର ହୋଇଥାଏ।

ହାର୍ଟଆଟାକ୍ ଆଶଂକା ଦୂର କରିଥାଏ :ପ୍ରତ୍ୟେକ ଦିନ ଗୋଟିଏ କିୱି ଖାଇବା ଦ୍ୱାରା ଷ୍ଟ୍ରୋକ୍ ଏବଂ ହାର୍ଟ ଆଟାକ୍ ଆଶଂକା କମ୍ ହୋଇଥାଏ।

ଓଜନ ହ୍ରାସ କରିଥାଏ :ଓଜନ ବଢୁଥିବା ଲୋକମାନଙ୍କୁ ନିଜର ଦୈନନ୍ଦିନ ଖାଦ୍ୟରେ କିୱି ସାମିଲ କରିବା ଉଚିତ। କିୱି ଏକ କମ୍ କ୍ୟାଲୋରୀ ଏବଂ ଅଧିକ ଫାଇବର ଯୁକ୍ତ ଫଳ । ଏହା ଓଜନ କମ୍ କରିବାରେ ସାହାଯ୍ୟ କରିଥାଏ ।

ଗର୍ଭାବସ୍ଥାରେ ରେ ଲାଭଦାୟକ ହୋଇଥାଏ :

ପୁଷ୍ଟିକର ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣରେ ଭରପୁର କିୱି ଗର୍ଭାବସ୍ଥାରେ ଖାଇବା ଲାଭଦାୟକ ହୋଇଥାଏ। ଏଥିରେ ଥିବା ଫୋଲେଟ୍, ଭିଟାମିନ୍ ସି ଶରୀରରେ ଆଇରନ୍ ଅଭାବକୁ ଦୂର କରିବାରେ ସାହାଯ୍ୟ କରିଥାଏ । ଏଥିସହିତ ଗର୍ଭପାତ ହେବାର ଆଶଙ୍କା ମଧ୍ୟ କମ୍ ରହିଥାଏ।

# ଅନ୍ତର୍ଜାତୀୟ ଶିକ୍ଷା ସମ୍ମିଳନୀ'କୁ ସମ୍ବୋଧିତ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୨୪।୧୦ (ମହାଭାରତ): ଭାରତ ଓ ଅଷ୍ଟ୍ରେଲିଆର ମିଳିତ ସହଯୋଗ ଦୁଇ ଦେଶର ଜ୍ଞାନ ବ୍ୟବସ୍ଥାକୁ ଆଗକୁ ନେବ । ବିଶ୍ୱ ଆହ୍ୱାନର ସମାଧାନ ପାଇଁ ଜ୍ଞାନକୌଶଳର ଉପଯୋଗ କରିପାରିବ । ଛାତ୍ରଛାତ୍ରୀଙ୍କ ପାଇଁ ଇନୋଭେସନ ଏବଂ ଉଦ୍ୟମିତା କ୍ଷେତ୍ରରେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିପାରିବ । ବିଶ୍ୱ-ବନ୍ଧୁ ହିସାବରେ ଭାରତ ମାନବ କେନ୍ଦ୍ରୀତ ବିକାଶରେ ବିଶ୍ୱସ୍ତ ଅଂଶୀଦାର ହେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଅଷ୍ଟ୍ରେଲିଆର ମେଲବର୍ଣ୍ଣଠାରେ ଆୟୋଜିତ 'ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ ଶିକ୍ଷା ସମ୍ମିଳନୀ'ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଏହି ଅବସରରେ ଶ୍ରୀ ପ୍ରଧାନ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟାରଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଥିଲେ । ଶ୍ରୀ ପ୍ରଧାନ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ସୁଦୃଢ଼ ଏବଂ ବିକଶିତ ଭାଗିଦାରୀକୁ ପ୍ରଶଂସା କରିଥିଲେ । ସେ କହିଥିଲେ ଏହି ଦ୍ୱିପାକ୍ଷିକ ସହଯୋଗ ଉଭୟ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାର୍ଗ ପ୍ରଶସ୍ତ କରିବ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିଙ୍କ ଦୂରଦର୍ଶୀ ନେତୃତ୍ୱରେ ଏହି ସମ୍ପର୍କକୁ ଆହୁରି ସୁଦୃଢ଼ ହେବ । ସେ ଆହୁରି କହିଥିଲେ ଯେ ଚତୁର୍ଥ ଶିଳ୍ପ ବିପ୍ଳବରେ ଏପରି ଶିକ୍ଷା ହେବା ଆବଶ୍ୟକ, ଯେଉଁ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ପ୍ରଯୁକ୍ତିବିଦ୍ୟାର ସୃଷ୍ଟିକର୍ତ୍ତା ଏବଂ ଓ ପରିଚାଳକ ହେବା ପାଇଁ ପ୍ରସ୍ତୁତ କରିବ । ଭାରତର ଜାତୀୟ ଶିକ୍ଷା ନୀତି ପରିବର୍ତ୍ତିତ ଚାକିରି ବଜାର ସହ ଯୋଡି ହେବା ପାଇଁ ଡିଜିଟାଲ ସାକ୍ଷରତା, ସଫ୍ଟ ସ୍କିଲ୍, କ୍ରିଟିକାଲ ଥିଙ୍କିଂ ଏବଂ ଇଂଟରଡିସିପ୍ଲିନାରୀ ଷ୍ଟଡିଜ୍ ଉପରେ ଗୁରୁତ୍ୱାରୋପ କରି ଏକ ଢାଂଚା ପ୍ରଦାନ କରିଛି । ଶିକ୍ଷା କ୍ଷେତ୍ରରେ ସହଯୋଗ ଭାରତ-ଅଷ୍ଟ୍ରେଲିଆ ସମ୍ପର୍କର ମୂଳଦୁଆ ବୋଲି ଶିକ୍ଷା ମନ୍ତ୍ରୀ ପ୍ରକାଶ କରିଥିଲେ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଜାତୀୟ ଶିକ୍ଷା



ନୀତି ଅନୁସାରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଏକ ଦକ୍ଷତା ଭିତ୍ତିକ ଢାଂଚାରେ ପରିଣତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଜାତୀୟ ଶିକ୍ଷା ନୀତି କିପରି ଭାରତ ଶିକ୍ଷଣ ଦୃଶ୍ୟପଟ୍ଟକୁ ସମ୍ଭାବନାର ଏକ ପାୱାରହାଉସରେ ପରିଣତ କରିଛି, ତାହା ଉପରେ ବର୍ଣ୍ଣନା କରିଥିଲେ କେନ୍ଦ୍ରମନ୍ତ୍ରୀ । ଭାରତ-ଅଷ୍ଟ୍ରେଲିଆର ଦୀର୍ଘମିଆଦୀ ସମ୍ପର୍କ ଦ୍ୱାରା ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଭାରତକୁ ମିଳିବାକୁ ଥିବା ଲାଭ ଉପରେ ମଧ୍ୟ କେନ୍ଦ୍ରମନ୍ତ୍ରୀ ବର୍ଣ୍ଣନା କରିଥିଲେ । ସେ କହିଥିଲେ, ଭାରତରେ ଅଷ୍ଟ୍ରେଲୀୟ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପ୍ରତିଷ୍ଠା କେବଳ ଆରମ୍ଭ ମାତ୍ର । ଏହା ଦ୍ୱାରା ଆଗାମୀ ଦିନରେ ଅନେକ ସମ୍ଭାବନା ବାସ୍ତବରେ ପ୍ରତିଫଳିତ ହେବ ।

ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଶ୍ରୀ କ୍ଲେୟାର ତାଙ୍କ ଅଭିଭାଷଣରେ କହିଥିଲେ ଆମର ଶିକ୍ଷା ବ୍ୟବସ୍ଥା ଉନ୍ନତ ହେବା ଦରକାର । ଯେଉଁ ଶିକ୍ଷା ବ୍ୟବସ୍ଥା ଜୀବନ ଠାରୁ ଅଧିକ ପରିବର୍ତ୍ତନ କରିପାରିବ । ଏହା ଦ୍ୱାରା ଦେଶ ଗୁଡ଼ିକରେ ପରିବର୍ତ୍ତନ ଆସିପାରିବ । ଭାରତର ଶିକ୍ଷା ବ୍ୟବସ୍ଥାକୁ ପ୍ରଶଂସା କରି ସେ କହିଥିଲେ ଯେ ୨୦୩୫ ସୁଦ୍ଧା ବିଶ୍ୱର ପ୍ରତି ଚାରି ଜଣଙ୍କ ମଧ୍ୟରୁ ବିଶ୍ୱବିଦ୍ୟାଳୟ ଡିଗ୍ରୀ ହାସଲ କରିଥିବା ଜଣେ ବ୍ୟକ୍ତି ଭାରତୀୟ ହେବ । ଭାରତରେ ଥିବା ଅଷ୍ଟ୍ରେଲିଆର ଡେକିନ୍ ଓ ୱୋଲ୍ଲୋନଗୋଙ୍ଗର କ୍ୟାମ୍ପସ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ । ଏହି ପଦକ୍ଷେପକୁ ପ୍ରୋତ୍ସାହନ ଦେଇଥିବାରୁ ସେ ଶ୍ରୀ ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ଭାରତରେ ଏକ କନସୋର୍ଟିୟମ କ୍ୟାମ୍ପସ ବା ଦୁଇ ଦେଶର ମିଳିତ ସହଯୋଗରେ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ଛଅଟି ଅଭିନବ ଗବେଷଣା ବିଶ୍ୱବିଦ୍ୟାଳୟ କରୁଥିବା କାର୍ଯ୍ୟକୁ ମଧ୍ୟ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ପ୍ରଶଂସା କରିଥିଲେ । ଅନ୍ୟ ଏକ ଶ୍ରୀ ପ୍ରଧାନ ଓ ଶ୍ରୀ କ୍ଲେୟାରଙ୍କ ମଧ୍ୟରେ ବସିଥିବା ପୃଥକ ବୈଠକରେ ପ୍ରାରମ୍ଭିକ ଶୈଶବ ଯତ୍ନ, ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଏବଂ ସ୍କୁଲ ଟ୍ୱିନିଂ ପଦକ୍ଷେପର ସମ୍ଭାବନା ସମ୍ପର୍କରେ ଭାରତ ଓ ଅଷ୍ଟ୍ରେଲିଆର ମିଳିତ ପ୍ରାଥମିକତା ସମ୍ପର୍କରେ ଉଭୟ ମନ୍ତ୍ରୀ ଆଲୋଚନା କରିଥିଲେ । ଭାରତ ଏବଂ ଅଷ୍ଟ୍ରେଲିଆର ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକ ମଧ୍ୟରେ ଦୃଢ଼ ସଂସ୍ଥାଗତ ସମ୍ପର୍କକୁ ଆଧାର କରି ସେମାନେ ଗୁରୁତ୍ୱପୂର୍ଣ୍ଣ ଏବଂ ଉଭା ହେଉଥିବା ପ୍ରଯୁକ୍ତିବିଦ୍ୟାକ୍ଷେତ୍ରରେ ଭାଗିଦାରୀକୁ ଆହୁରି ସୁଦୃଢ଼ କରିବାକୁ ସହମତି ପ୍ରକାଶ କରିଥିଲେ।

# ବାତ୍ୟା ପାଇଁ ରାଜସ୍ୱ ବିଭାଗର କଂଟ୍ରୋଲ ରୁମ୍

ଭୁବନେଶ୍ୱର,୨୪।୧୦ (ମହାଭାରତ): ବିଭିନ୍ନ ଜିଲ୍ଲାରେ ଝିପ ଝିପ୍ ବର୍ଷା ଆରମ୍ଭ ହୋଇଗଲାଣି । ସନ୍ଧ୍ୟାକୁ ବର୍ଷା ବଢ଼ିବ । ଶେଷ ଆକଳନ ସୁଦ୍ଧା ପୂର୍ବ ପ୍ରସ୍ତୁତି ହୋଇଛି । ବିଭିନ୍ନ ବିଭାଗର ଭୂମିକା ଥାଏ । ରାଜସ୍ୱ ବିଭାଗର କଂଟ୍ରୋଲ ରୁମ୍ ସହ ଭିନ୍ନ ଭିନ୍ନ ବିଭାଗ ମଧ୍ୟ ନିଜସ୍ୱ କଂଟ୍ରୋଲ ରୁମ୍ ରହିବ ବୋଲି କ୍ୟାବିନେଟ ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । କୃଷି, ଶକ୍ତି, ଯୋଗାଣ , ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ସୂଚନା ଓ ଲୋକ ସମ୍ପର୍କ ବିଭାଗର କଂଟ୍ରୋଲ ରୁମ୍ ହୋଇଛି । ଅସୁବିଧାରେ ଥିବା ଲୋକ ଯେଉଁ ବିଭାଗର ସହାୟତା ଚାହିଁବେ ଅଧିକାରୀ ମାନେ ସହାୟତା ଯୋଗାଇବେ । ମନ୍ତ୍ରୀ ମାନଙ୍କୁ ପ୍ରଭାବିତ ଜିଲ୍ଲା ଗୁଡ଼ିକର ଦାୟିତ୍ୱ ଦିଆଯାଇଛି । ବାତ୍ୟା ଗଲା ପରେ କ୍ଷୟକ୍ଷତି ଆକଳନ କରିବେ । ଚାଷ ଫସଲ, ଘର ଭଙ୍ଗା ଓ ଥଇଥାନ ପର୍ଯ୍ୟନ୍ତ ତଦାରଖ କରିବେ । ଅଫିସର ମାନଙ୍କୁ ମଧ୍ୟ ଦାୟିତ୍ୱ ବଂଟା ଯାଇଛି । ସରକାରୀ ଅଧିକାରୀ ମାନେ ଗ୍ରାଉଣ୍ଡ ଜିରୋରେ ଅଛନ୍ତି । ସ୍ଥାନାନ୍ତରଣ ମଧ୍ୟ ଆରମ୍ଭ ହୋଇଯାଇଛ । ସନ୍ଧ୍ୟା ପୂର୍ବରୁ ୧୦ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତରଣ କରାଯିବ । ରିଲିଫ କେନ୍ଦ୍ରରେ ସବୁ ସୁବିଧା ଯୋଗାଇ ଦିଆଯିବ । ଯେଉଁ ଜାଗାରେ ବାତ୍ୟା ପ୍ରଭାବ ରହିବ, ସେ ସବୁ ସ୍ଥାନରେ ଲୋକ ଘର ଛାଡି ରିଲିଫ କେନ୍ଦ୍ରକୁ ଆସିବାକୁ ଅପିଲ କଲେ ରାଜସ୍ୱ ଏବଂ ବିପର୍ଯ୍ୟୟ ମନ୍ତ୍ରୀ । ଘର ନିରାପତ୍ତା ପାଇଁ ଗାଁରେ ପୋଲିସ ଦାୟିତ୍ୱରେ ରହିବେ । ଧାମରା ପାଖାପାଖି ଲ୍ୟାଣ୍ଡ ଫଲ ହେବ । ଲୋକଙ୍କୁ ସବୁ ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ଏନ ଡି ଆର ଏଫ୍, ଓଡ୍ରାଫ ଓ ଅଗ୍ନିଶମ କର୍ମଚାରୀ ମାନେ ପହଂଚି ଯାଇଛନ୍ତି । ଏ ପରିସ୍ଥିତିର ଫାଇଦା ଉଠାଇବାକୁ କେହି ଉଦ୍ୟମ ନକରିବା ପାଇଁ ଚେତାବନୀ ଦେଲେ ମନ୍ତ୍ରୀ । ଯୋଗାଣ ବିଭାଗ ଅଧିକାରୀ ମାନେ ତୀକ୍ଷଣ ନଜର ରଖିଛନ୍ତି । ଯିଏ ଫାଇଦା ଉଠାଇବାକୁ ଚେଷ୍ଟା କରିବ ତାଙ୍କ ଉପରେ ଦୃଢ଼ କାର୍ଯାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

### କାର୍ଯ୍ୟାନୁଷ୍ଠାନ ମୋଡରେ ରାଜ୍ୟ ସ୍ୱାସ୍ଥ୍ୟ ପ୍ରତିଶୃତି ସମିତି

# ୫ ପ୍ରାଇଭେଟ ହସ୍ପିଟାଲ ତାଲିକାରୁ ବାଦ

ଭୁବନେଶ୍ୱର,୨୪।୧୦ (ମହାଭାରତ): ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଉଦ୍ଦିଷ୍ଟ ରାଜ୍ୟ ସ୍ୱାସ୍ଥ୍ୟ ପ୍ରତିଶୃତି ସମିତି (ସାସ୍)ର ଅଭିଯୋଗ-ପ୍ରଶମନ ଏବଂ ଅନ୍ତଃ-ଜାଗରୁକତା ବ୍ୟବସ୍ଥା ନିଜର କାର୍ଯ୍ୟ ପଦ୍ଧତିକୁ ଅଧିକ ଶାଣିତ ଓ ଲୋକାଭିମୁଖୀ କରିଛି । ଦେୟମୁକ୍ତ ଉଚ୍ଚମାନର ଚିକିତ୍ସା ପ୍ରଦାନ ବିଷୟରେ ସମସ୍ତ ଅଭିଯୋଗ ଏବଂ ଅନିୟମିତତା ଉପରେ ତୁରନ୍ତ ଅନୁସନ୍ଧାନ ସହ ଦୃଢ ପଦକ୍ଷେପ ନିଆଯାଉଛି ।

ଚଳିତ ମାସରେ ଆଜି ପର୍ଯ୍ୟନ୍ତ ୫ଟି ଘରୋଇ ହସ୍ପିଟାଲକୁ ପଞ୍ଜୀକୃତ ତାଲିକାରୁ ବାଦ ଦିଆଯାଇଛି । ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଗରିବ ଲୋକମାନଙ୍କୁ ସରକାରୀ ଖର୍ଚ୍ଚରେ ଦେୟମୁକ୍ତ ଚିକିତ୍ସା ଯୋଗାଇବା ପାଇଁ ଏହି ହସ୍ପିଟାଲମାନେ ପଞ୍ଜୀକୃତ ହୋଇଥିଲେ । ବାଦ୍ ଦିଆଯାଇଥିବା ହସ୍ପିଟାଲ ମଧ୍ୟରୁ ୪ଟି ଛତିଶଗଡ଼ ଏବଂ ଗୋଟିଏ ଓଡ଼ିଶାର । ଛତିଶଗଡ଼ ରାୟପୁର ସ୍ଥିତ ମିତ୍ତଲ ହସ୍ପିଟାଲ, ବଂଥିଆ ହସ୍ପିଟାଲ, ସୋନି ହସ୍ପିଟାଲ ଏବଂ ବାବୁଜୀ ହସ୍ପିଟାଲକୁ ତାଲିକାରୁ ବାଦ୍ ଦିଆଯାଇଛି । ସେହିପରି ଓଡ଼ିଶାର ଦେଓଗଡ ଜିଲ୍ଲା ସ୍ଥିତ ସମଲେଶ୍ୱରୀ ନର୍ସିଂହୋମକୁ ମଧ୍ୟ ବାଦ୍ ଦିଆଯାଇଛି ।

'ସାସ୍'ର ଅଭିଯୋଗ-ପ୍ରଶମନ ଏବଂ ଅନ୍ତଃ-ଜାଗରୁକତା ବ୍ୟବସ୍ଥା ଏହି ହସ୍ପିଟାଲ ଗୁଡିକର କେତେକ ଅନିୟମିତତା ଲକ୍ଷ୍ୟକରି ତାହାର ଅନୁସନ୍ଧାନ କରିଥିଲେ । ସବିଶେଷ ଅନୁଧ୍ୟାନରୁ ସରକାରୀ ଡାକ୍ତରଖାନା ନାମରେ ମିଥ୍ୟା ରେଫରାଲ୍ ସ୍ଲିପ୍ ନେଇ ରେଫରାଲ୍ ପ୍ୟାକେଜରେ ରୋଗୀମାନଙ୍କୁ ଆଡମିଶନ କରିବା, ଚିକିତ୍ସା ବାବଦ ବିଲରେ ଜାଲ କାଗଜପତ୍ର ଦେବା, ଗରିବ ଓ ନିରୀହ ଲୋକଙ୍କଠାରୁ ଟଙ୍କା ନେବା, ହିତାଧିକାରୀମାନଙ୍କୁ ପ୍ରରୋଚିତ କରି ନିଜ ହସ୍ପିଟାଲରେ ଆଡମିଶନ କରାଇବା ଆଦି ଅନିୟମିତତା ଭିତ୍ତିରେ ଏହି ହସ୍ପିଟାଲଗୁଡିକୁ ତାଲିକାରୁ ବାଦ ଦିଆଯାଇଛି । ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅନ୍ତର୍ଭୁକ୍ତ ଗରିବ ଲୋକମାନଙ୍କୁ ଉଚ୍ଚମାନର ଦେୟମୁକ୍ତ ଚିକିତ୍ସା ଯୋଗାଇବା ନିମନ୍ତେ ଓଡ଼ିଶାର ଭିଭିନ୍ନ ଜିଲ୍ଲା ଏବଂ ବାହାର ରାଜ୍ୟର ବିଭିନ୍ନ ସ୍ପେସାଲିଷ୍ଟ ଘରୋଇ ହସ୍ପିଟାଲମାନଙ୍କୁ ତାଲିକାଭୁକ୍ତ କରାଯାଇଛି । ଏହିସବୁ ପଞ୍ଜୀକୃତ ହସ୍ପିଟାଲରେ ହିତାଧିକାରୀମାନଙ୍କ ଚିକିତ୍ସା ବାବଦ ଖର୍ଚ୍ଚ ସରକାର ଭରଣା କରିଥାନ୍ତି । ଏହି ଯୋଜନାରୁ ପ୍ରତାରଣାମୂଳକ ଭାବେ ଫାଇଦା ନେବାକୁ ଚେଷ୍ଟା କରୁଥିବା ବ୍ୟକ୍ତି/ହସ୍ପିଟାଲଗୁଡିକ ଉପରେ 'ସାସ'ର ଜାଗରୁକତା ବ୍ୟବସ୍ଥା ସତର୍କ ଦୃଷ୍ଟି ରଖି ଯଥାବିଧ କାର୍ଯ୍ୟାନୁଷ୍ଠାନ କରନ୍ତି।

# ଓଡ଼ିଶାରେ ପ୍ରଥମ ଥର ପାଇଁ ହୃତପିଣ୍ଡ ପ୍ରତିରୋପଣ ନିମନ୍ତେ ବୁଝାମଣା

ଭୁବନେଶ୍ୱର,୨୪।୧୦ (ମହାଭାରତ): ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି । ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ପ୍ରତିରୋପଣ ଆରମ୍ଭ କରିବା ପାଇଁ ଭେଷଜ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ଏବଂ ଚେନ୍ନାଇସ୍ଥିତ ଏମ୍‌ଜିଏମ୍ ହେଲଥ୍‌କେୟାର ସଂସ୍ଥା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟପାର, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ଲୋକସେବା ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷଠାରେ ସ୍ୱାକ୍ଷରିତ ହୋଇଛି ।



ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଲୋକହିତୈଷୀ ସରକାର ଓଡ଼ିଶାବାସୀଙ୍କୁ ଗୁଣାତ୍ମକ ଓ ସୁଲଭ ଚିକିତ୍ସାସେବା ଯୋଗାଇଦେବା ପାଇଁ ପ୍ରତିବଦ୍ଧ । ଆଜିର ବୁଝାମଣାପତ୍ର ତା'ର ଏକ ଜ୍ୱଳନ୍ତ ଉଦାହରଣ । ଏହି ଐତିହାସିକ ପଦକ୍ଷେପ ଦ୍ୱାରା ଓଡ଼ିଶାବାସୀ, ବିଶେଷ କରି ଗରିବ ରୋଗୀମାନେ ଉପକୃତ ହେବେ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ ଉଲ୍ଲେଖ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସ୍‌ପିଟାଲ୍‌ରେ ଅଦ୍ୟାବଧି ବୃକକ୍, ଅସ୍ଥିମଜ୍ଜା ଓ ଯକୃତ ପ୍ରତିରୋପଣ ହେବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଥିବାରୁ ଏମ୍‌ଜିଏମ୍ ହେଲଥ୍ କେୟାର ଏସ୍‌ସିବିରେ ହୃତପିଣ୍ଡ ପ୍ରତିରୋପଣ କରିବା ପାଇଁ ସମ୍ମତି ପ୍ରକାଶ କରିଛି । ଏସ୍‌ସିବିରେ ପ୍ରଥମ ଦଶଜଣଙ୍କ ହୃତପିଣ୍ଡ ପ୍ରତିରୋପଣ ସଂପୂର୍ଣ୍ଣ ମାଗଣାରେ କରାଯିବ । ଏହା ମଧ୍ୟରେ ଏମ୍‌ଜିଏମ୍ ହେଲଥ୍ କେୟାର ଓଡ଼ିଶାର ଦୁଇଟି ଡାକ୍ତରୀ ଦଳକୁ ବିନାଦେୟରେ ତାଲିମ ଦେଇଛି । ପ୍ରଥମେ ଏସ୍‌ସିବିରେ ଏମ୍‌ଜିଏମ୍ ହେଲଥ୍ କେୟାରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୃତପିଣ୍ଡ ପ୍ରତିରୋପଣ କରାଯିବ । ଏସ୍‌ସିବିର ଡାକ୍ତରମାନେ ଏହି କାର୍ଯ୍ୟରେ ପାରଙ୍ଗମ ହେଲା ପରେ ନିଜ ଦଳ ନେଇ ହୃତପିଣ୍ଡ ପ୍ରତିରୋପଣ କରିବେ । ଏହା ଦ୍ୱାରା ଓଡ଼ିଶା ଲୋକଙ୍କୁ ଏହି ଚିକିତ୍ସା ପାଇଁ ଆଉ ବାହାରକୁ ଯିବାକୁ ପଡ଼ିବ ନାହିଁ। ମନ୍ତ୍ରୀ ଡ. ମହାଲିଙ୍ଗ, କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍‌ଙ୍କ ଉପସ୍ଥିତିରେ ଭେଷଜ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡା. ସନ୍ତୋଷ ମିଶ୍ର ଏବଂ ଏମ୍‌ଜିଏମ୍ ହେଲଥ୍ କେୟାର ପକ୍ଷରୁ ଡା. ସୁରେଶ ରାଓ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ସିବିର ପ୍ରଫେସର ଡା. ମନୋଜ କୁମାର ପଟ୍ଟନାୟକ, ପ୍ରଫେସର ଡା. ସୁର କିଶୋର ମିଶ୍ର ଓ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ବିଜେଡ଼ିର ହେଲ୍ପଲାଇନ ନମ୍ବର ଜାରି

ଭୁବନେଶ୍ୱର,୨୪।୧୦ (ମହାଭାରତ): ରାଜ୍ୟରେ ସମ୍ଭାବ୍ୟ ବାତ୍ୟା ଓ ଏହାର ପ୍ରଭାବକୁ ନେଇ ଜନମାନସରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତାରେ ରାଜ୍ୟବାସୀଙ୍କୁ ଦୃଢ଼ ମନୋବଳ ନେଇ ବାତ୍ୟାକୁ ମୁକାବିଲା କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ଏକ ସୁଦୃଢ଼ ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥା ପ୍ରତିଷ୍ଠା ହୋଇଛି ଓ ଏହି ବ୍ୟବସ୍ଥା ମାଧ୍ୟମରେ ସମସ୍ତଙ୍କ ମିଳିତ ଉଦ୍ୟମରେ ରାଜ୍ୟରେ ଆସିଥିବା ଅନେକ ବାତ୍ୟାର ସଫଳ ମୁକାବିଲା କରିବାରେ ସକ୍ଷମ ହୋଇଛେ। ତେଣୁ ଭୟ ନକରି ସଜାଗ ରହି ବାତ୍ୟାକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବାକୁ ନବୀନ ଜନ ସାଧାରଣକୁ ଆହ୍ୱାନ ଦେଇଛନ୍ତି। ବାତ୍ୟା ମୁକାବିଲାରେ ପ୍ରଶାସନକୁ ସହଯୋଗ କରିବା ପାଇଁ ନବୀନ ଅନୁରୋଧ କରିଥିବା ବେଳେ, ଦଳର କର୍ମୀ ଓ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଏହି ବିପଦ ସମୟରେ ଲୋକଙ୍କ ସହ ରହି ବାତ୍ୟାରେ ପ୍ରଭାବିତଙ୍କୁ ସାହାଯ୍ୟ କରିବାକୁ ନିବେଦନ କରିଛନ୍ତି। ପୂର୍ବପରି ବାତ୍ୟା 'ଦାନା'କୁ ମଧ୍ୟ ଆମେମାନେ ସଫଳତାର ସହିତ ମୁକାବିଲା କରି ପାରିବା ବୋଲି ନବୀନ କହିଛନ୍ତି ।ଆଜି ଶଙ୍ଖଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି ଓ ଡ଼ଃ ପ୍ରିୟବ୍ରତ ମାଝୀ ନବୀନଙ୍କ ଭିଡିଓ ବାର୍ତ୍ତା ବିଷୟରେ ସୂଚନା ଦେବା ସହ ନବୀନଙ୍କ ଶାସନ କାଳରେ ଓଡିଶା କିପରି ଭାବେ ବାତ୍ୟା ମୁକାବିଲା କ୍ଷେତ୍ରରେ ଏକ ଉଦାହରଣ ପାଲଟିଥିଲା ବୋଲି କହିଥିଲେ।

# ବାତ୍ୟା ପାଇଁ ବିଜେପିର ସମସ୍ତ କାର୍ଯ୍ୟକ୍ରମ ବନ୍ଦ ରହିବ

ଭୁବନେଶ୍ୱର,୨୪।୧୦ (ମହାଭାରତ): ବାତ୍ୟା 'ଦାନା'ର ପ୍ରଭାବ ଓଡିଶା ଉପରେ ପଡିବ ବୋଲି ଆକଳନ କରାଯାଇଛି । ଆମେ ସତର୍କ ରହିବା ଏବଂ ଅନ୍ୟମାନଙ୍କୁ ସତର୍କ କରାଇବା । ଏହି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଓ ପ୍ରସ୍ତୁତି ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ପ୍ରଶାସନ, ସରକାର, ଅଗ୍ନିଶମ, ଏନଡିଆରଏଫ, ଏସଡିଆରଏଫ ଉଦ୍ଧାରକାରୀ ଦଳ ସହଯୋଗରେ ବାତ୍ୟାର ପୂର୍ବ ଓ ପରବର୍ତୀ ପରିସ୍ଥିତିର ମୁକାବିଲା କରିବା ପାଇଁ ପାର୍ଟିର କାର୍ଯ୍ୟକର୍ତାମାନଙ୍କୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ପରାମର୍ଶ ଦେଇଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ କହିଛନ୍ତି ଯେ, ରାଜ୍ୟରେ ବିଜେପି ସରକାର ବାତ୍ୟା ମୁକାବିଲା ପ୍ରସଙ୍ଗରେ ସବୁ ପରିସ୍ଥିତିକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛନ୍ତି । ସେହିପରି ପାର୍ଟିର ସମସ୍ତ କାର୍ଯ୍ୟକର୍ତାମାନେ ମଧ୍ୟ ପ୍ରସ୍ତୁତ ଅଛନ୍ତି । ବାତ୍ୟା ମୁକାବିଲା, ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ପ୍ରାଧାନ୍ୟ ଦିଆଯାଇ ଏହି ସମୟରେ ପାର୍ଟିର ସମସ୍ତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସ୍ଥଗିତ ରଖାଯାଇଛି । ପାର୍ଟିର ସମସ୍ତ ସାଂସଦ, ବିଧାୟକ, ନିର୍ବାଚିତ ଜନପ୍ରତିନିଧି, ରାଜ୍ୟ ପଦାଧିକାରୀ ଏବଂ କାର୍ଯ୍ୟକର୍ତାମାନେ ନିଜ ନିଜ ଅଂଚଳରେ ଉପସ୍ଥିତ ରହି ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହଯୋଗ କରିବେ । ସାମାଜିକ ସଂଗଠନଗୁଡିକ ସମେତ ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଏହି ବିପର୍ଯ୍ୟୟକୁ ମୁକାବିଲା କରିବା । ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ପ୍ରଶାସନିକ କଳ ଲାଗିବ କିନ୍ତୁ ସାମାଜିକ ସଂଗଠନମାନେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ଆହ୍ୱାନ ଜଣାଇଛନ୍ତି ।

ପ୍ରତ୍ୟେକଟି ଜୀବନ ଆମ ପାଇଁ ଅମୂଲ୍ୟ । ତଳି ଓ ତଟକୂଳ ଅଂଚଳରେ ବାସ କରୁଥିବା ଲୋକମାନଙ୍କୁ ସର୍ବପ୍ରଥମେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରିବାରେ ପ୍ରଶାସନ ଓ ସରକାରକୁ ସହଯୋଗ କରିବା ହେଉଛି ଆମ ସମସ୍ତଙ୍କ ପ୍ରାଥମିକତା । "ଦାନା" ବାତ୍ୟା ସଂପର୍କିତ ସମସ୍ୟାର ସମାଧାନ ପାଇଁ ରାଜ୍ୟ କାର୍ଯ୍ୟାଳୟ ତରଫରୁ ଏକ ୨୪ ଘଂଟିଆ ହେଲ୍ପ ଲାଇନ ନମ୍ବର ୦୬୭୪-୨୩୯୩୯୮୪ ଜାରୀ କରାଯାଇଛି । ପ୍ରଭାବିତ ଅଂଚଳବାସିନ୍ଦାମାନେ ଏହି ନମ୍ବରରେ ଯୋଗାଯୋଗ କରି ଅଭିଯୋଗ କରିପାରିବେ । ସେହିପରି ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ବାତ୍ୟା ସଂପର୍କିତ ସମସ୍ୟା ତଥା ଅଭିଯୋଗ ପାଇଁ ସତର୍କ ଆପ୍ ଜାରୀ କରାଯାଇଛି ।

# ହଷ୍ଟେଲରେ ଅନ୍ତେବାସୀଙ୍କ ସୁରକ୍ଷାକୁ ପ୍ରାଥମିକତା

ଭୁବନେଶ୍ୱର,୨୪।୧୦ (ମହାଭାରତ): ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧିନରେ ଥିବା ସମସ୍ତ ଆବାସିକ ବିଦ୍ୟାଳୟ, ହଷ୍ଟେଲ, ଅନ୍ୱେଷା ହଷ୍ଟେଲ୍ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ବିଦ୍ୟାଳୟ ସହ ଯୋଡ଼ି ହୋଇଥିବା ହଷ୍ଟେଲ ଗୁଡ଼ିକରେ ଅନ୍ତେବାସୀଙ୍କ ସୁରକ୍ଷା ପାଇଁ ୧୪ ଟି ଜିଲ୍ଲାର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ବିଭାଗ ପକ୍ଷରୁ ସମସ୍ତ ବିଦ୍ୟାଳୟକୁ ଅକ୍ଟୋବର ୨୩ ରୁ ୨୫ ତାରିଖ ଯାଏଁ ଛୁଟି ଘୋଷଣା କରାଯାଇଥିବା ବେଳେ ହଷ୍ଟେଲଗୁଡ଼ିକ କିନ୍ତୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିବ । ଅନ୍ତେବାସୀଙ୍କ ସୁରକ୍ଷା ପାଇଁ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଯନ୍ତ୍ରୀ, ପ୍ରଧାନଶିକ୍ଷକ, ହଷ୍ଟେଲ ପରିଚାଳକ, ମାଟ୍ରୋନ୍, ପାଚିକା ତଥା ସହାୟିକା, ଏଏନଏମ୍ ଦିଦି ପ୍ରଭୃତି ମୁଖ୍ୟାଳୟରେ ଉପସ୍ଥିତ ରହିବେ ।

ସମସ୍ତ ହଷ୍ଟେଲରେ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ, ପନିପରିବା, ପାନୀୟ ଜଳ ପ୍ରଭୃତି ମହଜୁଦ୍ କରି ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ବିଭାଗ ପକ୍ଷରୁ ଚିଠି କରି ସୂଚନା ଦିଆଯାଇଛି ।

ଲୋକଙ୍କ ସରକାର କୃଷକମାନଙ୍କ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । କ୍ୟାବିନେଟ ବୈଠକରେ ଆଜି କୃଷକଙ୍କ ହିତରେ ଦୁଇଟି ମୁଖ୍ୟ ବିଷୟକୁ ମଞ୍ଜୁର ପ୍ରଦାନ କରାଯାଇଛି । କୃଷକଙ୍କ ହିତ ପାଇଁ ରାଜ୍ୟରେ 'ସମୃଦ୍ଧ କୃଷକ ଯୋଜନା' ନାମରେ ଏକ କୃଷକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହା ସହିତ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ପଞ୍ଜିକୃତ କୃଷକମାନଙ୍କ ଠାରୁ କୁଇଂଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟ କରାଯିବ । ରାଜ୍ୟରେ ମୋଟ ୪ହଜାରରୁ ଅଧିକ ଧାନ କ୍ରୟ କେନ୍ଦ୍ର ଖୋଲାଯିବା ସହ ପ୍ରତି ମଣ୍ଡିରେ ଜଣେ ଅଫିସର ସ୍ଥିତି ଯାଂଚ ପାଇଁ ନିୟୋଜିତ ହେବେ । ପଞ୍ଜିକୃତ କୃଷକଙ୍କୁ ଧାନ ବିକ୍ରିର ୪୮ ଘଂଟା ମଧ୍ୟରେ ଟଙ୍କା ପ୍ରଦାନ କରାଯିବ । ଯାହାକି ରାଜ୍ୟର କୃଷକମାନଙ୍କ ଉନ୍ନତିକୁ ସୁନିଶ୍ଚିତ କରିବା ସହିତ ରାଜ୍ୟର ଆର୍ଥିକ ସ୍ଥିତିକୁ ଆହୁରି ସମୃଦ୍ଧ କରିବ ।

# ପଂଚାୟତି ରାଜ ଏବଂ ପାନୀୟ ଜଳ ବିଭାଗର ବୈଠକ

ଭୁବନେଶ୍ୱର,୨୪।୧୦ (ମହାଭାରତ): ସାମ୍ଭାବ୍ୟ ବାତ୍ୟା 'ଦାନା'ର ମୁକାବିଲା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ତ୍ୱରିତ ପୁନରୁଦ୍ଧାର କାର୍ଯ୍ୟ ପାଇଁ ପଂଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି କ୍ଷ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କ ଶ୍ରୀ ସୁଶୀଲ କୁମାର ଲୋହାନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ଭାବ୍ୟ ରୂପେ ପ୍ରଭାବିତ ହେବାକୁ ଥିବା ଚଉଦଟି ଜିଲ୍ଲା ଅନ୍ତର୍ଗତ ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭାଗୀୟ ଯନ୍ତ୍ରୀ ମାନେ ଆଭାସୀ ମାଧମରେ ସାମିଲ ହୋଇଥିଲେ।

ବୈଠକରେ ପ୍ରମୁଖ ଶାସନ ସଚିବ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭାଗୀୟ ଯନ୍ତ୍ରୀ ମାନଙ୍କୁ ସାମ୍ଭାବ୍ୟ ବାତ୍ୟା 'ଦାନା'ର ମୁକାବିଲା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ତ୍ୱରିତ ପୁନରୁଦ୍ଧାର କାର୍ଯ୍ୟ ପାଇଁ ସାମଗ୍ରିକ ରୂପେ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅକ୍ଟୋବର ୨୪ ରାତିରେ କିମ୍ବା ଅକ୍ଟୋବର ୨୫ ତାରିଖ ସକାଳେ ଓଡିଶାର ଉପକୂଳବର୍ତ୍ତୀ ଜିଲ୍ଲା ଉପରେ ବାତ୍ୟା 'ଦାନା' ପ୍ରଭାବ ପକାଇବ ବୋଲି ଆଶଙ୍କା କରାଯାଉଥିବାରୁ ନିୟନ୍ତ୍ରଣ କକ୍ଷଗୁଡ଼ିକ ୨୪/୭ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।

ଏହାସହ ପାଇପ୍ ଜଳ ଯୋଗାଣ ପାଇଁ ଜେନେରେଟର ବ୍ୟବସ୍ଥା, ସମସ୍ତ ଓଭରହେଡ୍ ଟ୍ୟାଙ୍କରେ ନିଶ୍ଚିତ ଭାବରେ ପାଣି ଭର୍ତ୍ତି କରି ରଖିବା , ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଚଠଉ ୱାଟର ଟ୍ୟାଙ୍କ ସ୍ଥାପନ କରି ସେଗୁଡିକରେ ପାନୀୟଜଳ ମହଜୁଦ ରଖିବା ସହ ସମସ୍ତ ବାତ୍ୟା ଆଶ୍ରୟ ସ୍ଥଳକୁ ନିରନ୍ତର ଭାବେ ନିରାପଦ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବା ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ । ଆବଶ୍ୟକତା ଅନୁଯାୟୀ ପ୍ରଭାବିତ ଅଂଚଚଳରେ ଟ୍ୟାଙ୍କର୍ ଯୋଗେ ନିରାପଦ ପାନୀୟ ଜଳ ବ୍ୟବସ୍ଥା କରାଯିବ । ଏହାସହ ପାନୀୟ ଜଳ ଉତ୍ସକୁ ନିରାପଦ ରଖିବା ପାଇଁ ପର୍ଯ୍ୟାପ୍ତ ପରିମାଣର ବ୍ଲିଚିଂ ପାଉଡରର ଷ୍ଟକ୍ ନିଶ୍ଚିତ କରାଯାଇଥିବା ଆଲୋଚନା ହୋଇଥିଲା । ଏହି ସମସ୍ତ କାର୍ଯ୍ୟ ଜିଲ୍ଲା ପ୍ରଶାସନ ସହ ଆବଶ୍ୟକୀୟ ସମନ୍ୱୟ ରକ୍ଷା ଦ୍ୱାରା କାର୍ଯ୍ୟକାରୀ କରିବା ଓ ଆବଶ୍ୟକ ସ୍ଥଳେ ପଡୋଶୀ ଜିଲ୍ଲା/ବ୍ଲକର ସହାୟତାରେ କାର୍ଯ୍ୟ ସମ୍ପାଦନ ପାଇଁ ଶ୍ରୀ ଲୋହାନୀ ନିର୍ଦ୍ଦେଶ ଦେଇଥିଲେ କ୍ଷ ଏହାସହ ବାତ୍ୟା 'ଦାନା' ମୁକାବିଲାର ଜରୁରୀକାଳୀନ ପରିସ୍ଥିତିରେ କୌଣସି ଅଧିକାରୀ ଓ କର୍ମଚାରୀ ମୁଖ୍ୟାଳୟ ନ ଛାଡିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

### ସମ୍ଭାବ୍ୟ ବାତ୍ୟାର ମୁକାବିଲା ନେଇ ବାଣିଜ୍ୟ ଓ ପରିବହନ ବିଭାଗର ସମୀକ୍ଷା

# 'ଯେ କୌଣସି ପ୍ରତିକୂଳ ପରିସ୍ଥିତି ପାଇଁ ତ୍ୱରିତ ପଦକ୍ଷେପ ନିଅ'

ଭୁବନେଶ୍ୱର,୨୪।୧୦ (ମହାଭାରତ): ସମ୍ଭାବ୍ୟ ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ବିଭାଗର ସମସ୍ତ ଅଧିକାରୀମାନଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେ କୌଣସି ପ୍ରକାର ପ୍ରତିକୂଳତାକୁ ତ୍ୱରିତ ସାମ୍‌ନା କରିବା ପାଇଁ ବିଭାଗୀୟ ଅଧିକାରୀମାନେ ସୁନିଶ୍ଚିତ କରିବା ଉପରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଆଭାସି ମାଧ୍ୟମରେ ଶ୍ରୀମତୀ ପାଢ଼ୀ ବିଭାଗର କାର୍ଯ୍ୟପନ୍ଥା ନେଇ ସୁବିସ୍ତୃତ ସମୀକ୍ଷା କରିବା ସହିତ ସମ୍ଭାବ୍ୟ ବାତ୍ୟାରେ ସବୁମତେ କ୍ରିୟାଶୀଳ ରହିବାକୁ ପରାମର୍ଶ ଦେଇଛନ୍ତି । ପରିବହନ ଓ ଜଳପଥ ବ୍ୟବସ୍ଥାରେ ସମନ୍ୱୟ ରକ୍ଷାପୂର୍ବକ ଫଳପ୍ରଦ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇ ଶ୍ରୀମତୀ ପାଢ଼ୀ ବାତ୍ୟା ପ୍ରଭାବ ନେଇ ବିଭାଗର



ସମସ୍ତ ଅଧିକାରୀ ସଂପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ପରିବହନ କମିଶନର ଏବଂ ଆଂଚଳିକ ପରିବହନ ଅଧିକାରୀମାନେ ପରିବହନ ସେବାକୁ କାର୍ଯ୍ୟକ୍ଷମ ରଖିବା ଏବଂ ଆପଦକାଳୀନ ପରିସ୍ଥିତିର ଯଥାର୍ଥ ମୁକାବିଲା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ସୁରକ୍ଷାକୁ ଗୁରୁତ୍ୱ ଦେଇ ବିଭିନ୍ନ ଜଳପଥ ଓ ଉପକୂଳ ଅଂଚଳଗୁଡ଼ିକରେ ସମ୍ଭାବ୍ୟ ବାତ୍ୟା ଦୃଷ୍ଟିରୁ ପ୍ରସ୍ତୁତ ରହିବା ନେଇ ମାର୍ଗଦର୍ଶିକା ଜାରି କରିବା ନିମନ୍ତେ ବନ୍ଦର ଓ ଆଭ୍ୟନ୍ତରୀଣ ଜଳପଥ ପରିବହନ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ କ୍ଷେତ୍ର ଅଧିକାରୀମାନେ ସମ୍ଭାବ୍ୟ ବାତ୍ୟା ପୂର୍ବରୁ, ବାତ୍ୟା ସମୟରେ ଏବଂ ବାତ୍ୟା ପରବର୍ତ୍ତୀ ପରିସ୍ଥିତିରେ ସଂପୂର୍ଣ୍ଣ ସତର୍କ ରହିବା ପାଇଁ ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ସଂପୂର୍ଣ୍ଣ ଆବଶ୍ୟକତା ନ ଥିବାବେଳେ ଜନସାଧାରଣ ଗମନାଗମନରୁ ବିରତ ରହିବା ନିମନ୍ତେ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି । ନିହାତି ଆବଶ୍ୟକ ନଥିଲେ ଯାତ୍ରା ନ କରିବାକୁ କୁହାଯାଇଛି। ପରିବହନ କମିଶନର ଅଭିତାଭ ଠାକୁର, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ସିଏମ୍‌ଡ଼ି ଦୀପ୍ତେଶ କୁମାର ପଟ୍ଟନାୟକ, ବନ୍ଦର ଓ ଆଭ୍ୟନ୍ତରୀଣ ଜଳପରିବହନ ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳ ଓ ପ୍ରିଂଟିଂ ଓ ଷ୍ଟେସନାରୀ ନିର୍ଦ୍ଦେଶକ ଅରୁଣ କୁମାର ରାୟଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ ।

# ହାସିନା ବିରୋଧ

ଶେଷରେ ଷଡ଼ଯନ୍ତ୍ରକାରୀଙ୍କ ଏହି ଯୋଜନା ସଫଳ ହେଲା ଏବଂ ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହିତ ଦେଶଛାଡ଼ି ପଳାୟନ କଲେ । ଏବେ ସେ ଭାରତରେ ଆଶ୍ରୟ ନେଇଛନ୍ତି । ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଦେଶରେ ଏକ ଅନ୍ତରୀଣ ସରକାର ଗଠିତ ହୋଇଛି । ମହମ୍ମଦ ୟୁନୁସ ଜଣେ ଅର୍ଥନୀତିଜ୍ଞ, ରାଜନେତା ନୁହଁନ୍ତି । ବୟସ ହେଲାଣି ୮୪ । ଏଭଳି ପରିସ୍ଥିତିରେ ସେ ଅଧିକ ଦିନ ଶାସନର ନେତୃତ୍ୱ ନେଇପାରିବେ ନାହିଁ । ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ସେ ଦାୟିତ୍ୱରେ ରହିବେ । ଦେଶରେ ବାସ୍ତବରେ ଶାସନ କ୍ଷମତା ସେନା ନିୟନ୍ତ୍ରଣରେ ରହିଛି । ୟୁନୁସ କେବଳ ମୁଖା । ୟୁନୁସ ଶେଖ ହାସିନାଙ୍କ ସମାଲୋଚକ ଏବଂ ବିରୋଧୀ ଭାବେ ଜଣାଶୁଣା । ତାଙ୍କ ଅନ୍ତରୀଣ ସରକାରରେ ଯେଉଁମାନେ ପରାମର୍ଶଦାତା ଅଛନ୍ତି, ସେମାନେ ସମସ୍ତେ ହାସିନା ବିରୋଧୀ । ତେଣୁ ୟୁନୁସଙ୍କ ଅନ୍ତରୀଣ ସରକାରକୁ ସର୍ବଦଳୀୟ ବୋଲି କୁହାଯାଇପାରିବ ନାହିଁ । ବରଂ ଏହାକୁ ହାସିନା ବିରୋଧୀ ସରକାର ବୋଲି କୁହାଯାଇପାରେ । ନିକଟରେ ଜାତିସଂଘ ସାଧାରଣ ପରିଷଦ ବୈଠକରେ ଯୋଗଦେବାକୁ ନ୍ୟୁୟର୍କ ଗସ୍ତରେ ଯାଇଥିବା ବେଳେ ୟୁନୁସ ଏକ ଅପ୍ରିୟ ସତ୍ୟ କହିଛନ୍ତି । ସେ ସ୍ୱୀକାର କରିଛନ୍ତି ଯେ, ବାଂଲାଦେଶରେ ଘଟିଥିବା ହିଂସା ଏବଂ ଅରାଜକତା ପଛରେ ଏକ ସୁଚିନ୍ତିତ ଯୋଜନା ଥିଲା ଏବଂ ଜଣେ କେହି ପରଦା ପଛରେ ରହି ଏହାକୁ ନିୟନ୍ତ୍ରଣ କରୁଥିଲେ । ତେଣୁ ହାସିନା ଯେତେ ଚେଷ୍ଟା କଲେ ବି ଛାତ୍ର ଆନ୍ଦୋଳନ ଥମିଲା ନାହିଁ କିମ୍ବା ହିଂସା ନିୟନ୍ତ୍ରିତ ହୋଇପାରିଲା ନାହିଁ । ତେଇଁ ଶୋଇଥିବା ଯିଏ ତାକୁ ଉଠାଇବ କିଏ ? ଏହି ଷଡ଼ଯନ୍ତ୍ର ପଛରେ ବିଦେଶୀ ଶକ୍ତିଙ୍କ ହାତ ରହିଛି ବୋଲି ମୂଳରୁ ସନ୍ଦେହ କରାଯାଉଥିଲା । ଏଥିପାଇଁ ବିପୁଅ ଅର୍ଥ ବ୍ୟୟ ମଧ୍ୟ ହୋଇଛି । ଏହି ଷଡ଼ଯନ୍ତ୍ର ପଛରେ ଯାହାର ବି ହାତ ଥାଉ ସେ ନିଶ୍ଚିତ ଭାବେ ଭାରତ ବିରୋଧୀ । ହାସିନା ଏବଂ ତାଙ୍କ ଦଳ ହେଉଛି ଭାରତ ସପକ୍ଷବାଦୀ । ବାଂଲାଦେଶ ମୁକ୍ତି ସଂଗ୍ରାମରେ ହାସିନାଙ୍କ ପିତା ବଙ୍ଗବନ୍ଧୁ ଶେଖ ମୁଜିବୁର ରହମାନ ନେତୃତ୍ୱ ନେଇଥିଲେ । ତାଙ୍କ ପଛରେ ଭାରତର ସମର୍ଥନ ଏବଂ ସହାୟତା ଥିଲା । ତେଣୁ ହାସିନା ସ୍ୱାଭାବିକ ଭାବେ ଭାର ସପକ୍ଷବାଦୀ । ଏହା ବ୍ୟତିତ ସେ ମଧ୍ୟ ଜଣେ ଆଧୁନୀକ ଚିନ୍ତାଧାରା ସମ୍ପନ୍ନ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ବିଶ୍ୱାସ ରଖୁଥିବା ନେତ୍ରୀ । ବାସ୍ତବରେ ସେ ଜଣେ ଧର୍ମନିରପେକ୍ଷ ନେତ୍ରୀ । ତାଙ୍କ ଶାସନ କାଳରେ ଦେଶରେ ଧାର୍ମିକ ସଂଖ୍ୟାଲଘୁ ସମ୍ପ୍ରଦାୟ ସୁରକ୍ଷିତ ଥିଲେ । କିନ୍ତୁ ଛାତ୍ର ଆନ୍ଦୋଳନ ବେଳେ ଏବଂ ପରବର୍ତ୍ତୀ ସମୟରେ ଦେଶରେ ଧାର୍ମିକ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ହେଲା । ଏବେ ବି ଦେଶରେ ଉତ୍ତେଜନା ଲାଗି ରହିଛି । ହାସିନାଙ୍କୁ ଯେଉଁମାନେ ଷଡ଼ଯନ୍ତ୍ର କରି କ୍ଷମତାରୁ ବିତାଡ଼ିତ କଲେ ସେମାନେ ଭାରତ ବିରୋଧୀ ଏବଂ ମୌଳବାଦୀ ଚିନ୍ତାଧାରା ସମ୍ପନ୍ନ । ୟୁନୁସ ଯାହା କହିଛନ୍ତି ତାହା ସତ । ମାତ୍ର ଏହି ସୁଚିନ୍ତିତ ଯୋଜନାବଦ୍ଧ ଷଡ଼ଯନ୍ତ୍ରର ନାୟକ କିଏ ତାହା ସେ କହିନାହାଁନ୍ତି । ସେ ଯିଏ ବି ହେଉ ନା କାହିଁକି ତାଙ୍କ ପଛରେ ଚୀନ ଏବଂ ପାକିସ୍ତାନର ସମର୍ଥନ ରହିଥିବା ନିଶ୍ଚୟ । ବାଂଲାଦେଶକୁ ଋଣ ଯନ୍ତାରେ ପକାଇ ତାକୁ କବଜା କରିବା ଥିଲା ଚୀନର ଉଦ୍ଦେଶ୍ୟ । ହାସିନା ଏହାକୁ ବିଫଳ କରିଦେଇଥିଲେ । କିଛି ମୌଳବାଦୀ ସଙ୍ଗଠନ ମଧ୍ୟ ବାଂଲାଦେଶକୁ ଆଉ ଏକ ପାକିସ୍ତାନରେ ପରିଣତ କରିବା ଏବଂ ସେଠାରୁ ଭାରତ ବିରୋଧୀ ଯୋଜନା ପ୍ରସ୍ତୁତ କରିବାକୁ ଚାହୁଁଥିଲେ । ଏହାକୁ ହାସିନା ପ୍ରବଳ ବିରୋଧ କରୁଥିଲେ । ଶେଷରେ ଏଥିପାଇଁ ତାଙ୍କୁ କ୍ଷମତାରୁ ବିଦା ହେବାକୁ ପଡ଼ିଲା ।

# ପୃଷ୍ଟିଶସ୍ୟ ଏବଂ ଆମ ସ୍ୱାସ୍ଥ୍ୟ

**॥ ମୌଲାନା ଫଜଲ ହକ ଖାଁ ॥**

*ଖାଦ୍ୟ ନା କେବଳ ମଣିଷର ମୌଳିକ ଆବଶ୍ୟକତା ପୂରଣ କରେ ବରଂ ଅପପୃଷ୍ଟି ସହିତ ଲଢେଇ କରିବା ଦିଗରେ ସହାୟକ ହୋଇଥାଏ । ଜାତୀୟ ପରିବାର ସ୍ୱାସ୍ଥ୍ୟସର୍ଭେ (ଘଐଖଝ-୫) ରିପୋର୍ଟକୁ ଅନୁଧ୍ୟାନ କଲେ ଜଣା ପଡେ ଆଜିବି ଭାରତରେ ୧୫ ରୁ ୪୯ବର୍ଷ ବର୍ଗରେ ଥିବା ମହିଳାମାନଙ୍କ ମଧ୍ୟରୁ ୫୭ ପ୍ରତିଶତ କୁପୋଷଣର ଶିକାର ଅଟନ୍ତି । ସେହିଭଳି ଅନେକ ଉଦ୍ୟମ ପରେ ମଧ ଆଜିବି ଆମ ଦେଶରେ ଶିଶୁମୃତ୍ୟୁ ହାର ଏବଂ ମାତୃମୃତ୍ୟୁ ହାର ଯଥାକ୍ରମେ ୨୭ ଏବଂ ୯୭ ଅଟେ ।*

ଅପପୃଷ୍ଟି, କୁପୋଷଣ, ରକ୍ତହିନତା ତଥା ମଧୁମେହ ରୋଗରେ ଆମ ଦେଶର ଅର୍ଦ୍ଧାଧିକ ଲୋକ କବଳିତ । ଛୋଟପିଲା, ମହିଳା, ଧନୀ, ଗରିବ କେହି ବାଦ୍ ପଡି ନାହାଁନ୍ତି । ଯେତେ ମାତ୍ରାରେ ରୋଗ ଏବଂ ରୋଗୀଙ୍କ ସଂଖ୍ୟା ବଢିଚାଲିଛି ସେଥିପାଇଁ ସରକାରୀ ଡାକ୍ତରଖାନା ପର୍ଯ୍ୟାପ୍ତ ନୁହେଁ, ଫଳରେ ବଢିଚାଲିଛି ବେସରକାରୀ ଡାକ୍ତରଖାନା । ଗୋଟିଏ ପରିବାରର

ଆୟର ୨୦-୨୫ ପ୍ରତିଶତ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହୋଇଯାଉଛି । ଯଦି କ୍ୟାନସର୍ ପରି ଦୂରା ରୋଗ ଆସିଯାଏ ତେବେ ଉକ୍ତ ପରିବାର ତଳିତଳାନ୍ତ ହେଇଯାଉଛନ୍ତି । ବଢି ଚାଲିଛି ବ୍ୟାପାର । ବଢିଚାଲିଛି ମଧୁମେହ ରୋଗୀଙ୍କ ସଂଖ୍ୟା । ରୋଗ ସହନଶୀଳତା ବା ପ୍ରତିରକ୍ଷା ଶକ୍ତି କମି କମି ଯାଉଛି ଯାହାର ଜ୍ୱଳନ୍ତ ଉଦାହରଣ ଆମେ କରୋନା ସମୟରେ ଦେଖିଲେ । ଅନେକ ଗବେଷକଙ୍କ ମତରେ ଆମର ଖାଦ୍ୟ ହେଉଛି ଅନେକ ରୋଗର କାରଣ । ଆମକୁ ଅନୁସଂନ୍ଧାନ କରିବାକୁ ପଡୁଛି ମାନବ ସମାଜରେ ବଢିଚାଲିଥିବା ରୋଗରୁ କେଉଁ ଖାଦ୍ୟ ବଞ୍ଚାଇ ପାରିବ ? ଏହିପରି ଅନେକ ପ୍ରଶ୍ନ ଉଙ୍କିମାରେ ସଚେତନ ବୁଦ୍ଧିଜୀବି ଏବଂ ନାଗରିକଙ୍କ ମନରେ । ବହୁତ ଆଶ୍ୱସ୍ତି ଲାଗେ ଖବରକାଗଜ ଏବଂ ଟିଭିରେ ଓଡିଶା ସରକାରଙ୍କର ମିଲେଟ୍ ମିଶନ୍ ସମ୍ବନ୍ଧୀୟ ସମ୍ବାଦ ଦେଖିଲେ । ଭାରତ ସରକାରଙ୍କ ପ୍ରଚେଷ୍ଟାରେ ଆଜି ସାରା ଦୁନିଆଁ ପୃଷ୍ଟି ଶସ୍ୟର ଉପକାରିତାକୁ ହୃଦ୍‌ବୋଧ କରି ୨୦୨୩ ମସିହାକୁ ଆନ୍ତର୍ଜାତୀୟ ପୃଷ୍ଟିଶସ୍ୟ ବର୍ଷରୂପେ ପାଳନ କରିବା ନିମନ୍ତେ ଆହ୍ୱାନ କରିଛନ୍ତି । ଏହା ସହିତ ଖୁସିର ବିଷୟ ହେଉଛି ଦୀର୍ଘ ୨୫ ବର୍ଷ ଧରି ପୃଷ୍ଟି ସ୍ୱାସ୍ଥ୍ୟଗତ ଉପକାରିତା ଉପରେ ଗବେଷଣା ତଥା ସଚେତନତା କରିଆସୁଥିବା ଡ. ଖାଦର ଭାଲିଙ୍କୁ ଭାରତ ସରକାର ଚଳିତ ବର୍ଷ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ କରିବା ପାଇଁ ଘୋଷଣା କରିଛନ୍ତି ।



ଖାଦ୍ୟ ନା କେବଳ ମଣିଷର ମୌଳିକ ଆବଶ୍ୟକତା ପୂରଣ କରେ ବରଂ ଅପପୃଷ୍ଟି ସହିତ ଲଢେଇ କରିବା ଦିଗରେ ସହାୟକ ହୋଇଥାଏ । ଜାତୀୟ ପରିବାର ସ୍ୱାସ୍ଥ୍ୟସର୍ଭେ (ଘଐଖଝ-୫) ରିପୋର୍ଟକୁ ଅନୁଧ୍ୟାନ କଲେ ଜଣା ପଡେ ଆଜିବି ଭାରତରେ ୧୫ ରୁ ୪୯ବର୍ଷ ବର୍ଗରେ ଥିବା ମହିଳାମାନଙ୍କ ମଧ୍ୟରୁ ୫୭ ପ୍ରତିଶତ କୁପୋଷଣର ଶିକାର ଅଟନ୍ତି । ସେହିଭଳି ଅନେକ ଉଦ୍ୟମ ପରେ ମଧ ଆଜିବି ଆମ ଦେଶରେ ଶିଶୁମୃତ୍ୟୁ ହାର ଏବଂ ମାତୃମୃତ୍ୟୁ ହାର ଯଥାକ୍ରମେ ୨୭ ଏବଂ ୯୭ ଅଟେ । ଏହିପରି ଗମ୍ଭୀର ପରିସ୍ଥିତିକୁ ମୁକାବିଲା କରିବାକୁ ହେଲେ ଆମ ପ୍ଲେଟରେ ଥିବା ଖାଦ୍ୟଶସ୍ୟକୁ ପରିବର୍ତ୍ତନ କରିବା ଅପରିହାର୍ଯ୍ୟ । ଆମ ଦୈନନ୍ଦିନ ଖାଦ୍ୟରେ ଧାନ, ଗହମ, ମକା ଭଳି ପ୍ରଧାନ ଖାଦ୍ୟର ବିକଳ୍ପ ହିସାବରେ ପୃଷ୍ଟିଶସ୍ୟକୁ ପ୍ରମୁଖ ଖାଦ୍ୟ ଭାବରେ ଗ୍ରହଣ କରିବାର ଆବଶ୍ୟକତା ବଢିଯାଇଛି । ଅନୁସଂଧାନରୁ ଜଣାପଡିଛି ଯେ ଧାନ, ଗହମ, ମକା ପରିବର୍ତ୍ତେ ବାଜରା, ମାଣ୍ଡିଆ, କାଙ୍ଗୁ, କୋଦ, ସୁଆଁ ଏବଂ ଜଅର ଅପପୃଷ୍ଟି ରୋକିବାରେ ସହାୟକ ହେଉଥିବା ବେଳେ ମଧୁମେହ ଭଳି ରୋଗକୁ ମୁକାବିଲା କରିବା ନିମନ୍ତେ ସମର୍ଥ ଅଟେ । ସାଧାରଣ ଲୋକଙ୍କ ଅବଗତ ନିମନ୍ତେ ସୂଚିତ କରାଯାଇ ପାରେ ଯେ ଉପରୋକ୍ତ ପାଞ୍ଚ ପ୍ରକାର ପୃଷ୍ଟିଶସ୍ୟରେ ଭରପୂର ରହିଛି ପୃଷ୍ଟିସାର, ଜିବନିକା, ଖଣିଜ ଲବଣ, ଲୌହ ତଥା କ୍ୟାଲସିୟମ୍ । ବାଜରାରେ ଅଧିକ ପରିମାଣରେ ଲୌହ ଏବଂ କ୍ଷୀର ଠାରୁ ଦୁଇଗୁଣ ଅଧିକ ସ୍ନେହସାର ରହିଅଛି । ତେଣୁ ଏହା ଏକ ଅତ୍ୟନ୍ତ ପୁଷ୍ଟିକର ଖାଦ୍ୟ । ସେହିଭଳି ମାଣ୍ଡିଆରେ ମଧ ଭରପୂର ଭାବେ କ୍ୟାଲସିୟମ୍ ରହିଅଛି ।

କୋଦରେ ଗହମ ଏବଂ ମକା ଅପେକ୍ଷା ଅଧିକ ମାତ୍ରାରେ ତନ୍ତୁ ରହିଥାଏ ଫଳରେ ହଜମ କରିବାରେ ସହାୟକ ହୋଇଥାଏ । ଏଇ ସମସ୍ତ ଖାଦ୍ୟ ଶସ୍ୟରେ କମ୍ ମାତ୍ରାରେ ଗ୍ଲାଇସେମିକ୍ ଥିବାରୁ ମଧୁମେହକୁ ନିୟନ୍ତ୍ରଣ କରିବାରେ ସହାୟକ ଆନ୍ତର୍ଜାତିକ ପୃଷ୍ଟିଶସ୍ୟବର୍ଷ ଉପକ୍ଷେକ୍ଷ ହୋଇଥାଆନ୍ତି । ଗ୍ଲାଇସେମିକ୍ ଇନଡେକ୍ସ ଏକ ସୂଚନାଙ୍କ ଯାହାଦ୍ୱାରା ଆମେ ଖାଉଥିବା ଖାଦ୍ୟରେ ଥିବା ଶ୍ୱେତସାର ଆମ ଶରୀରରେ ବ୍ଲଡସୁଗାରକୁ କିପରି ପ୍ରଭାବିତ କରିଥାଏ ତାହା ଆମେ ଜାଣିପାରିବା । ଗ୍ଲାଇସେମିକ୍ ଇନଡେକ୍ସ ୧ ରୁ ୧୦୦ ମଧ୍ୟରେ ସୂଚିତ କରେ । ଚାଉଳ ଏବଂ ଗହମ ପ୍ରସ୍ତୁତ ଖାଦ୍ୟରେ ଗ୍ଲାଇସେମିକ୍ ଇନଡେକ୍ସ ଯଥାକ୍ରମେ ୬୮ ଏବଂ ୬୨ ଥାଏ । ଯଦି ଚାଉଳ ଏବଂ ଗହମ ପ୍ରସ୍ତୁତ ଖାଦ୍ୟ ମିଶାଯାଏ ତେବେ ଗ୍ଲାଇସେମିକ୍ ଇନଡେକ୍ସ ୭୫ ରୁ ୮୭ ପର୍ଯ୍ୟନ୍ତ ବଢିଯାଏ । ପୃଷ୍ଟିଶସ୍ୟ ଗୁଡିକର ଗ୍ଲାଇସେମିକ୍ ଇନଡେକ୍ସ ହେଉଛି ୫୨ ଯାହାକି ଚାଉଳ ଏବଂ ଅଟା ଠୁ କମ୍ ଅଟେ । ପୃଷ୍ଟିଶସ୍ୟରେ ଥିବା ତନ୍ତୁ ଆମକୁ ସୁସ୍ଥ ରଖିବା ସହିତ ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥାଏ । ପୃଷ୍ଟିଶସ୍ୟ ଥିବା ତନ୍ତୁ ଦୁଇ ପ୍ରକାରର ଯଥା ରକ୍ତରେ ମିଶିପାରୁଥିବା ତନ୍ତୁ ଏବଂ ରକ୍ତରେ ମିଶିପାରୁ ନଥିବା ତନ୍ତୁ । ପାଚନ ହୋଇ ରକ୍ତରେ ମିଶି ପାରୁଥିବା ତନ୍ତୁ ପ୍ରୋବାଇଓଟିକ୍ ହିସାବରେ କାମ କରେ ଏବଂ ଏଥିରେ ଉପକାରୀ ଜୀବାଣୁ ଗୁଡିକ ବଢିଥାନ୍ତି । ହଜମ ହୋଇପାରୁନଥିବା ତନ୍ତୁର ମଧ ଉପାଦେୟତା ଅଛି । ଏହି ତନ୍ତୁ ମଳକୁ କଠିନ ହେବାକୁ ଦେଇ ନଥାଏ ଏବଂ ପୃଷ୍ଟିଶସ୍ୟ ଖାଇବା ଦ୍ୱାରା ମଳଗହ୍ୱର କର୍କଟ ରୋଗର ଆଶଙ୍କା କମ୍ ରହିଥାଏ ।

ପୃଷ୍ଟିଶସ୍ୟରେ ହଜମ ହୋଇପାରୁଥିବା ତନ୍ତୁ କ୍ଷତିକାରକ ଟ୍ରାଇଗ୍ଲିସେରାଇଟ୍‌ର ମାତ୍ରା କମାଇଥାଏ ଏବଂ ଆମ ହୃତପିଣ୍ଡକୁ ସୁସ୍ଥ ରଖିବାରେ ସାହାର୍ଯ୍ୟ କରେ । ପୃଷ୍ଟିଶସ୍ୟ କୁ ଆହାର ହିସାବରେ ଗ୍ରହଣ କରିବା ର ମୂଳଲକ୍ଷ୍ୟ ହେଉଛିଯେ ଆମେ ସୁସ୍ଥ ରହିବା ଏବଂ ବିଭିନ୍ନ ରୋଗକୁ ମୁକାବିଲା କରିପାରିବା । ସ୍ୱାଦିଷ୍ଟ କରିବା ପାଇଁ ପୃଷ୍ଟି ଶସ୍ୟ ପ୍ରସ୍ତୁତ ଖାଦ୍ୟରେ ଅଧିକ ଲୁଣ, ଚିନି ବା ତେଲ ତଥା ରାସାୟନିକ ଫ୍ଲେଭର ବ୍ୟବହାର କରିବା ଅନୁଚିତ, କାରଣ ଏହାଦ୍ୱାରା ପୃଷ୍ଟି ଶସ୍ୟର ପୃଷ୍ଟିଗତ ଗୁଣବତ୍ତା ନଷ୍ଟ ହୋଇଯାଏ । ସେହିପରି ରାସାୟନିକ ସାର ଔଷଧ ଆଦି ପ୍ରୟୋଗ କରି ପୃଷ୍ଟି ଶସ୍ୟ ଚାଷ କରିବା ଅନୁଚିତ । ପ୍ରାକୃତିକ କୃଷି ପଦ୍ଧତିରେ ଚାଷ କଲେ ପୃଷ୍ଟିଶସ୍ୟର ପୃଷ୍ଟିଗତ ଉପାଦେୟତା ମିଳିପାରିବ । ଏଣୁ ପୃଷ୍ଟିଶସ୍ୟକୁ ପ୍ରାକୃତିକ କୃଷି ପଦ୍ଧତିରେ ଚାଷ କରାଯାଉ । ଗ୍ରାହକ ମାନେ ଦିନେ ଅଧେ ନୁହେଁ ସବୁଦିନେ ପୃଷ୍ଟିଶସ୍ୟ ପ୍ରସ୍ତୁତ ଖାଦ୍ୟ ଖାଇବା ପାଇଁ ନିଷ୍ପତି ନିଅନ୍ତୁ । ଖୋଲା ହାଟ ବଜାରରେ ପୃଷ୍ଟିଶସ୍ୟର ବିକ୍ରିବଟା ବଢିଲେ ପୃଷ୍ଟିଶସ୍ୟ ଚାଷ କ୍ଷେତ୍ର ବଢିବ ଏବଂ ଚାଷୀମାନେ ଉପକୃତ ହେବେ ।

ମୋ-୯୪୩୮୭୪୭୩୨୦

# ସଡ଼କ ଦୁର୍ଘଟଣାରେ ବର୍ଷକୁ କ୍ଷତି ୧୫୦୦ କୋଟି

**॥ ଅଲେଖ ଚନ୍ଦ୍ର ସାମଲ ॥**

ସଡ଼କ ନିରାପତ୍ତା ସଂକ୍ରାନ୍ତରେ ରାଜ୍ୟ ସରକାର ସଚେତନ ହେଉନଥିବାରୁ ଓଡ଼ିଶାରେ ବାର୍ଷିକ ଯେତେ ଧନଜୀବନ କ୍ଷତି ହେଉଛି ତାହାର ପରିମାଣ ଦେଢ଼ ହଜାର କୋଟି ଟଙ୍କାରୁ ଅଧିକ ହେବ । ଅବକାରୀ, ପରିବହନ ଓ ପୁଲିସ ପ୍ରଶାସନ ଏ କ୍ଷେତ୍ରରେ ସମ୍ମିଳିତ ଉଦ୍ୟମ କଲେ ସଡ଼କ ଦୁର୍ଘଟଣା ଏବଂ ତଦ୍‌ଜନିତ ମୃତାହତଙ୍କ ସଂଖ୍ୟା ୫୦%ରୁ ଅଧିକ କମିପାରିବ ବୋଲି ନିକଟରେ ଏକ ଆଲୋଚନାଚକ୍ରର ଉପସ୍ଥାପିତ ତଥ୍ୟରୁ ଜଣାପଡ଼ିଛି । ଗତ ବାର ବର୍ଷରେ ଓଡ଼ିଶାରେ ଲକ୍ଷାଧିକ ସଡ଼କ ଦୁର୍ଘଟଣା ଘଟିଥିବାବେଳେ ୪୦ ହଜାରରୁ ଅଧିକ ଲୋକ ମରିଛନ୍ତି ଏବଂ ୫୦ ହଜାରରୁ ଅଧିକ ଗୁରୁତର ଭାବେ ଆହତ ହୋଇଛନ୍ତି ବୋଲି ରାଜ୍ୟ ସରକାରଙ୍କ ପରିସଂଖ୍ୟାନରେ ଦର୍ଶାଯାଉଛି । ରାଜ୍ୟରେ ଯେତେ ସଂଖ୍ୟକ ସଡ଼କ ଦୁର୍ଘଟଣା ଘଟୁଛି ତାହାର ପ୍ରାୟ ୬୦% ନିଶାଜନିତ କାରଣରୁ ହେଉଥିବାବେଳେ ବେପରୁଆ ଗାଡ଼ିଚାଳନାରୁ ଅନ୍ୟୁନ ୩୦% ଦୁର୍ଘଟଣା ଘଟୁଛି ।

ଉପରୋକ୍ତ ସରକାରୀ ପରିସଂଖ୍ୟାନକୁ ହିସାବକୁ ନେଲେ ଗତ ବାର ବର୍ଷରେ ଅନ୍ୟୁନ ୨୪ ହଜାର ଲୋକ ନିଶା ଜନିତ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବାବେଳେ ପ୍ରାୟ ୩୦ ହଜାର ଲୋକ ଓଡ଼ିଶାରେ ପଙ୍ଗୁ ହୋଇଛନ୍ତି । ଏହାଛଡ଼ା ଦୁର୍ଘଟଣାଜନିତ ସମ୍ପତ୍ତିକ୍ଷୟ ମଧ ରହିଛି । ସରକାରୀ ହିସାବ ଅନୁଯାୟୀ ୨୦୧୫ ବର୍ଷରେ ଓଡ଼ିଶାରେ ୪୩୦୩ ଜଣ ସଡ଼କ ଦୁର୍ଘଟଣାରେ ମରିଥିବାବେଳେ ବର୍ଷକୁ ବର୍ଷ ଏହି ସଂଖ୍ୟା ବୃଦ୍ଧି ପାଉଥିବା ବିଗତ ୧୦ ବର୍ଷର ପରିସଂଖ୍ୟାନରୁ ଜଣାପଡ଼ିଛି । ରାଜପଥର ୫୦୦ ମିଟର ଦୂରତା ମଧ୍ୟରେ ମଦ ଦୋକାନ ଖୋଲିବା ଉପରେ କଟକଣା ଥିବାବେଳେ ଖୋଦ୍ ରାଜ୍ୟ ସରକାର ଏହାକୁ ବଦଳାଇ ରାଜପଥ କଡ଼ରେ ମଦ ଦୋକାନ ଖୋଲି ଚାଲିବାରୁ ହାତ ପାହାନ୍ତାରେ ସଂଖ୍ୟାଧିକ ଚାଳକ ମଦ ପିଇ ନିଶାଗ୍ରସ୍ତ ଅବସ୍ଥାରେ ଗାଡ଼ିଚାଳନା କରିବାରୁ ବ୍ୟାପକ ସଂଖ୍ୟକ ଦୁର୍ଘଟଣା ଘଟୁଛି । ତେଣୁ ନିଶାପାନ ଜନିତ ଦୁର୍ଘଟଣା ଓ ତଦ୍‌ଜନିତ ଅପମୃତ୍ୟୁ ତଥା ଅନ୍ୟାନ୍ୟ କ୍ଷୟକ୍ଷତି ପାଇଁ ସରକାର ପ୍ରତ୍ୟକ୍ଷ ଭାବେ ଦାୟୀ ବୋଲି ମଦମୁକ୍ତି ଅଭିଯାନ ଆରୋପ କରିଛି । ଅର୍ଥନୀତିଜ୍ଞମାନେ କହୁଛନ୍ତି, ଓଡ଼ିଶାରେ ସଡ଼କ ଦୁର୍ଘଟଣା ଜନିତ ବାର୍ଷିକ କ୍ଷୟକ୍ଷତିର ପରିମାଣ ଦେଢ଼ ହଜାର କୋଟି ଟଙ୍କାରୁ ଅଧିକ ହେଉଛି । କେବଳ ସେତିକି ନୁହେଁ ଯେଉଁ ଲୋକମାନେ ଦୁର୍ଘଟଣାରେ ମରୁଛନ୍ତି କିମ୍ବା ପଙ୍ଗୁ ହେଉଛନ୍ତି ସେମାନଙ୍କ ପରିବାର ଉପରେ ଦୁଃଖର ପାହାଡ଼ ଲଦି ହୋଇ ଯାଉଛି । ମଦୁଆ ଗାଡ଼ିଚାଳକମାନଙ୍କୁ ଦମନ କରିବା ପାଇଁ ମୋଟର ଯାନ ଆଇନରେ କଡ଼ା ବ୍ୟବସ୍ଥା ଥିବାବେଳେ ତାହାର ଠିକଣା ଅନୁପାଳନ କରାଯାଉନାହିଁ । ରାଜ୍ୟ ସରକାର ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ବ୍ୟାପକ ଅର୍ଥ ବ୍ୟୟ କରୁଥିବାବେଳେ ବାସ୍ତବରେ ସରକାର ସଚେତନ ହେଉନଥିବାରୁ ଦୁର୍ଘଟଣା ଜନିତ କ୍ଷୟକ୍ଷତି ବଢୁଛି ବୋଲି ମଦମୁକ୍ତି ଅଭିଯାନରୁ ଜଣାଯାଏ ।

ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ହେଉଛି ମନୁଷ୍ୟକୃତ ତ୍ରୁଟି । କିନ୍ତୁ ଏହି ତ୍ରୁଟି ପାଇଁ ଖୋରାକ ଯୋଗାଉଛି ରାସ୍ତା କଡ଼ରେ ଉପଯୁକ୍ତ ସୂଚନା ଫଳକର ଅଭାବ । ଗୁରୁତ୍ୱପୂର୍ଣ୍ଣ ରାସ୍ତା କଡ଼ରେ ସୂଚନା ଫଳକ ବ୍ୟବସ୍ଥା ଠିକ ଭାବେ କାର୍ଯ୍ୟକାରୀ କରିବା ପାଇଁ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ବାରମ୍ବାର ପରାମର୍ଶ ଦେଇ ଆସୁଥିଲେ । ତେବେ ସଡ଼କ ସୁରକ୍ଷା ଦିଗରେ ବଡ଼ ପଦକ୍ଷେପ ସ୍ୱରୂପ ରାଜ୍ୟର ଶତପ୍ରତିଶତ ସଡ଼କରେ ସଙ୍କେତ ବ୍ୟବସ୍ଥା ପାଇଁ ଅଣ୍ଟା ଭିଡ଼ିଛି ପରିବହନ ବିଭାଗ । ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୩୦୦୦କିମି ରାସ୍ତାରେ ସଙ୍କେତ ବ୍ୟବସ୍ଥା ଆରମ୍ଭ ହେବ । ସଡ଼କ ସୁରକ୍ଷା ଦିଗରେ ସାଇନେଜ ଅବା ସୂଚନା ଫଳକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ଗାଡ଼ି ଚାଳକମାନଙ୍କୁ ସମ୍ଭାବ୍ୟ ବିପଦ ସମ୍ପର୍କରେ ସୂଚନା ଦେଇଥାଏ । ଉପଯୁକ୍ତ ସଡ଼କ ଚିହ୍ନ ଏବଂ ଟ୍ରାଫିକ ସଙ୍କେତ, ସରଳ ସଡ଼କ ଇଞ୍ଜିନିୟରିଂ ପଦକ୍ଷେପ ଦୁର୍ଘଟଣାକୁ ବହୁ ମାତ୍ରାରେ ଦୂର କରିପାରିବ । କିନ୍ତୁ ତ୍ରୁଟିପୂର୍ଣ୍ଣ ସୂଚନା ଏବଂ ସିଗନାଲ ବ୍ୟବସ୍ଥା ସଡ଼କ ଦୁର୍ଘଟଣା ଏବଂ ଟ୍ରାଫିକ ଜାମ ପାଇଁ ଦାୟୀ । ତେବେ ବିଳମ୍ବରେ ହେଲେ ମଧ ପରିବହନ ବିଭାଗ ରାଜ୍ୟର ବ୍ୟସ୍ତବହୁଳ ରାସ୍ତାରେ ସଠିକ ସୂଚନା ଓ ସିଗନାଲ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଛି । ସୂଚନାଯୋଗ୍ୟ ଯେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ଓ ମୃତାହତ ସଂଖ୍ୟା ହ୍ରାସ ପାଇବା ବଦଳରେ ବଢ଼ି ଚାଲିଛି । ପୂର୍ବ ବର୍ଷ ତୁଳନାରେ ଗତବର୍ଷ ସଡ଼କ ଦୁର୍ଘଟଣା ହାର ୧୨ ପ୍ରତିଶତ ବୃଦ୍ଧି ପାଇଛି । ସ୍ଥାନୀୟ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା, ମରାମତି ହେଉଥିବା ସ୍ଥାନ, ବ୍ଲାକ ସ୍ପଟ, ବିପଦପୂର୍ଣ୍ଣ ଅଞ୍ଚଳ ସମ୍ପର୍କରେ ସୂଚନା ଫଳକ ଲାଗିବା ଆବଶ୍ୟକ । ଏହା ଗାଡ଼ି ଚାଳକଙ୍କୁ ଆଗୁଆ ସତର୍କ କରିଥାଏ । ତେବେ ଓଡ଼ିଶାର ଏପରି ସୂଚନା ଓ ସିଗନାଲ ବ୍ୟବସ୍ଥାର ଘୋର ଅଭାବ ରହିଛି । ସିଂହଭାଗ ସୂଚନା ଫଳକ ଜରାଜୀର୍ଣ୍ଣ ହୋଇଛି । ଅନେକ ସୂଚନା ଫଳକରୁ ରଙ୍ଗ ଉଡିଗଲାଣି । ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଗ୍ରାମ୍ୟ ଉନ୍ନୟନ ତଥା ପୂର୍ତ୍ତ ବିଭାଗ ପକ୍ଷରୁ ନିଜ ନିଜ ରାସ୍ତାରେ ଉପଯୁକ୍ତ ସୂଚନା ଫଳକ ନଥିବାରୁ ଅନେକ ଲୋକ ମୃତାହତ ହେଉଛନ୍ତି ।

ଗତ ବର୍ଷ ଡିସେମ୍ବରରେ ଲୋକସଭାରେ କେନ୍ଦ୍ର ସରକାର କହିଛନ୍ତି ଯେ, ୨୦୨୨ରେ ଜାତୀୟ ରାଜପଥ ଓ ଏକ୍ସପ୍ରେସ ୱେ ଗୁଡ଼ିକରେ ଦୁର୍ଘଟଣା ଯୋଗୁଁ ୪୭,୯୪୪ ଜଣଙ୍କର ମୃତ୍ୟୁ ଘଟିଥିଲା । ୨୦୨୦ରେ ସେହି ସଂଖ୍ୟା ୫୩,୮୭୨ ଥିଲା । ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ତଥ୍ୟ ଅନୁସାରେ ୨୦୨୨ରେ ଦେଶରେ ସବୁପ୍ରକାର ରାସ୍ତା ଦୁର୍ଘଟଣାରେ ୧.୬୪ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା । ଜାତୀୟ ରାଜପଥଗୁଡ଼ିକରେ ଦୁର୍ଘଟଣାର ପ୍ରଧାନ କାରଣ ହେଲା ଦ୍ରୁତଗତିରେ ଗାଡ଼ି ଚଳାଚଳ, ମଦ ପିଇ ଗାଡ଼ି ଚଳାଇବା, ଭୁଲ ପଟେ ବା ରଂ ସାଇଡରେ ଗାଡ଼ି ଚଳାଚଳ, ଯାନବାହନ ଡିଜାଇନରେ ତ୍ରୁଟି ଓ ଗାଡ଼ି ଗୁଡ଼ିକର ଖରାପ ଅବସ୍ଥା, ରାସ୍ତା ନିର୍ମାଣରେ ବୈଷୟିକ ତ୍ରୁଟି ଏବଂ ମୋବାଇଲ ଫୋନ ବ୍ୟବହାର । ୨୦୨୨ରେ ଯେତିକି ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଥିଲା ସେଥିରୁ ୭୦ ପ୍ରତିଶତ ଗାଡ଼ି ସ୍ପିଡ ଅଧିକ ଥିବାରୁ ହୋଇଥିଲା । ରାଜପଥରେ ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡ ଦେବା ସକାଶେ ବୈଷୟିକ କୌଶଳର ଅଧିକ ବ୍ୟବହାର କରିବାକୁ ପଡ଼ିବ । ତଦ୍ୱାରା ଦୋଷୀ ଡ୍ରାଇଭର ମାନଙ୍କର ତ୍ରୁଟିକୁ ତତକ୍ଷଣାତ ଧରାଯାଇପାରିବ ଏବଂ ସେମାନଙ୍କ ପାଖକୁ ଚାଲାଣ ପଠାଇ ହେବ । ସଡ଼କ ଦୁର୍ଘଟଣା ପାଇଁ ଓଡ଼ିଶାରେ ଏହି ନୂଆ ସୂଚନା ଓ ସଙ୍କେତ ବ୍ୟବସ୍ଥା ଦୁର୍ଘଟଣା ହ୍ରାସ ସହ ସଚେତନତା ମଧ ସୃଷ୍ଟି କରିବ ।

ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍), ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର
ଦୂରଭାଷ : ୯୪୩୭୨୫୭୧୨୩

# ଛିଦ୍ରର ଭୟ - ଟ୍ରାଇପୋଫୋବିଆ

**॥ ଡାକ୍ତର ସମ୍ରାଟ କର ॥**

ସୌମ୍ୟଜିତ ବାବୁ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ କାର୍ଯ୍ୟରତ । ସେ ମୋର ଜଣେ କଲେଜ ସମୟର ବନ୍ଧୁ । କିଛି ଦିନ ତଳେ ତାଙ୍କ ଘରୁ ତାଙ୍କ ବଡ଼ଭାଇ ମୋତେ ମୋବାଇଲ ଦ୍ୱାରା ଜଣାଇଲେ ଯେ ଇତିମଧ୍ୟରେ ସୌମ୍ୟଜିତ ଘରେ ବା ବାହାରେ କୌଣସି ଜାଗାରେ ଛିଦ୍ରକୁ ଦେଖିଲେ ତା ଭିତରେ ଏକ ପ୍ରକାର ଅହେତୁକ ଭୟ ରହୁଛି । ମୁଁ ତାଙ୍କୁ ବ୍ୟସ୍ତ ନ ହେବା ପାଇଁ କହିଲି ବାସ୍ତବରେ ଏହା ଏକ ପ୍ରକାର ମାନସିକ ରୋଗ । ତେବେ ଏହାକୁ ଏହାକୁ ନେଇ ସେତେବଡ଼ ଭୟଭୀତ ହେବାର ନାହିଁ । ମୁଁ ତାଙ୍କୁ ସବିଶେଷ ବୁଝାଇ କହିଲି ଟ୍ରାଇପୋଫୋବିଆ ନାମକ ମାନସିକ ରୋଗର ଶିକାର ହୋଇଥିବା ରୋଗୀ ସାମାନ୍ୟ ଛିଦ୍ରକୁ ଦେଖି ଭୟ କରିଥାନ୍ତି । ଷ୍ଟ୍ରବେରୀ, ମହୁଫେଣା, ସୂର୍ଯ୍ୟମୁଖୀ ଫୁଲ, ଡାଳିମ୍ବ, ସ୍ପଞ୍ଜ ଓ ଜାଲିଦାର ଜିନିଷ ଆଦିରେ ଥିବା ଛିଦ୍ରକୁ ଦେଖି ରୋଗୀ ଭୟଭୀତ ହୋଇଯାନ୍ତି । ଏଭଳି ମାନସିକ ଅବସ୍ଥାକୁ ଟ୍ରାଇପୋଫୋବିଆ କୁହାଯାଏ । ଏହାକୁ ହୋଲ୍ସ ଫୋବିଆ ମଧ କୁହାଯାଏ । ଗ୍ରୀକ୍ ଶବ୍ଦ ଟ୍ରାଇପୋ ଅର୍ଥ ହେଉଛି ଛିଦ୍ର ଏବଂ ଫୋବିଆ ହେଉଛି ଭୟ । ତେଣୁ ଏହାକୁ ଟ୍ରାଇପୋଫୋବିଆ ବା ଛିଦ୍ରର ଭୟ ବୋଲି କୁହାଯାଉଛି । ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥ୍ୟ ହେଉଛି ରୋଗୀଟି ଚାହା ଓ କଫିରେ ଥିବା ଫେଣକୁ ଦେଖି ମଧ ଭୟଭୀତ ହୋଇଯାଏ । ବହୁବର୍ଷ ପୂର୍ବରୁ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଥିଲା ଯେ, ଟ୍ରାଇପୋଫୋବିଆ ଜେନେରାଲଜ୍‌ଡ ଏଙ୍ଗଜାଇଟି ଡିଜଅର୍ଡ଼ର ସହିତ ଜଡ଼ିତ । ତେଣୁ ଟ୍ରାଇପୋଫୋବିଆରେ ପୀଡ଼ିତ ରୋଗୀ ମେଜର ଡିପ୍ରେସିଭ ଡିଜଅର୍ଡ଼ରର ଅନୁଭବ କରିଥାନ୍ତି । ଛିଦ୍ରଯୁକ୍ତ କୌଣସି ବସ୍ତୁକୁ ଦେଖିବା ମାତ୍ରେ ରୋଗୀର ହୃଦସ୍ପନ୍ଦନ ବୃଦ୍ଧି ହୋଇ ଝାଳ ବାହାରିଥାଏ । ଶରୀରର ବିଭିନ୍ନ ଅଂଶ କୁଣ୍ଡେଇ ହେବା ଭଳି ଅନୁଭୂତ ହୁଏ ଏବଂ ଅଣନିଃଶ୍ୱାସୀ ଲାଗିଥାଏ । ହାତ ଗୋଡ ଥରିଥାଏ । ଏ ପର୍ଯ୍ୟନ୍ତ ଏହାର ସଠିକ କାରଣ ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ । କିନ୍ତୁ ଗବେଷଣାତ୍ମକ ତଥ୍ୟ ଅନୁସାରେ କୁହାଯାଉଛି ଯେ, ଯଦି ରୋଗୀ ପୂର୍ବରୁ କୌଣସି ଗମ୍ଭୀର ତ୍ୱଚା ସମସ୍ୟା ଯାଦୁ, କାଛୁ, ଲାଲ ଚକଡ଼ା ଭଳି ତ୍ୱଚାରୋଗ, ମିଳିମିଳା, ଚିକେନପକ୍ସ ଇତ୍ୟାଦିରେ ପୀଡ଼ିତ ହୋଇଥିବେ ଏବଂ ତାହାର ଚିକିତ୍ସା ଅତ୍ୟନ୍ତ କଷ୍ଟଦାୟକ ହୋଇଥିବ, ତାହେଲେ ସେମାନେ ଭବିଷ୍ୟତରେ ଟ୍ରାଇପୋଫୋବିଆରେ ପୀଡ଼ିତ ହେବାର ଆଶଙ୍କା ଅଧିକ ଥାଏ । ସେହି ରୋଗର ଭୟ ସେମାନଙ୍କୁ ଅନ୍ୟ ଛିଦ୍ରଯୁକ୍ତ ବସ୍ତୁରେ ଦେଖାଯାଇଥାଏ । ଏହା ବ୍ୟତୀତ ଛିଦ୍ରଯୁକ୍ତ ତ୍ୱଚାବିଶିଷ୍ଟ କୌଣସି ବିଷାକ୍ତ କୀଟପତଙ୍ଗ ଓ ସରୀସୃପର ଭୟ ମଧ ଅନ୍ୟାନ୍ୟ ଛିଦ୍ରଯୁକ୍ତ ଜିନିଷ ସହିତ ଯୋଡ଼ି ହୋଇଯାଏ । ଟ୍ରାଇପୋଫୋବିଆକୁ ନେଇ କେତେକ ନ୍ୟୁରୋଲୋଜିକାଲ ଗବେଷଣା ମଧ କରାଯାଇଛି । ଏଥିରୁ ଜଣାପଡ଼ିଛି ଯେ, କୌଣସି ଛିଦ୍ରଯୁକ୍ତ ବସ୍ତୁକୁ ଭୟ କରୁଥିଲେ ମସ୍ତିଷ୍କରେ ରକ୍ତର ପ୍ରବାହ ଅଧିକ ହୋଇଥାଏ । ତେଣୁ ମସ୍ତିଷ୍କ ସେତେବେଳେ କୌଣସି ନିଷ୍ପତ୍ତି ନେଇପାରେନାହିଁ ଏବଂ ଉକ୍ତ ବସ୍ତୁକୁ ଦେଖାଯିବା ଉଚିତ ନୁହେଁ ବୋଲି ମସ୍ତିଷ୍କ ଦୃଷ୍ଟିଶକ୍ତି ସମ୍ପର୍କିତ ସ୍ନାୟୁକୁ ପ୍ରତିକ୍ରିୟା ବାର୍ତ୍ତା ଦେଇଥାଏ । ତେଣୁ ମସ୍ତିଷ୍କର ନିର୍ଦ୍ଦେଶ ଅନୁସାରେ ଆଖି ଉକ୍ତ ବସ୍ତୁକୁ ଦେଖିବା ପାଇଁ ଚାହେଁନାହିଁ ବା ଦେଖିବା ପାଇଁ ଭୟ କରେ । ଯେ କୌଣସି ବୟସରେ ଏହି ରୋଗର ଲକ୍ଷଣ ଦେଖାଯାଏ । ତେଣୁ ରୋଗର ଲକ୍ଷଣ ଦେଖାଯିବା ମାତ୍ରେ ମନୋଚିକିତ୍ସକଙ୍କ ସହ ପରାମର୍ଶ କରିବା ଉଚିତ । ପ୍ରଥମ ପର୍ଯ୍ୟାୟରେ କାଉନସେଲିଂ ଏବଂ କେତେକ ଥେରାପି ଦ୍ୱାରା ଟ୍ରାଇପୋଫୋବିଆର ଚିକିତ୍ସା ସମ୍ଭବ ହୋଇଥାଏ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ,
କଟକ, ଦୂରଭାଷ : ୯୧୩୨୪୩୩୩୩୩

ମହାଭାରତ
ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



# ଫସର ଫାଟିଗଲା ସୁଭଦ୍ରା ଯୋଜନା

**କୋକସରା,୨୪।୧୦ (ମହାଭାରତ):** ସରକାରଙ୍କ ସୁଭଦ୍ରା ଯୋଜନା ପାଇଁ ଆଶା,ଅଙ୍ଗନୱାଡ଼ି, ପାଚିକା ଏବଂ ୨୧ ବର୍ଷରୁ ଉର୍ଦ୍ଧ ସାଧାରଣ ମହିଳା ମାନଙ୍କୁ ଦେବା ପାଇଁ ଘୋଷଣା କରିଥଲେ। ଲୋକେ ଦିନ ରାତି ତମାମ ବ୍ୟାଙ୍କ, ସହଜ ସେବାକେନ୍ଦ୍ର ମାନଙ୍କରେ ହଜାର ହଜାର ସଂଖ୍ୟାରେ ଧାଡ଼ିରେ ଛିଡ଼ା ହୋଇ ଅନଲାଇନ୍ କରିଥିଲେ। ହେଲେ ଯୋଜନାଟି ଏହି ମାନଙ୍କ ପାଇଁ ଫସର ଫାଟିଗଲା। ତେବେ କୋକସରା ବ୍ଲକ ଅ ଳର ଅନେକ ସୁଭଦ୍ରା ହିତାଧିକାରୀ ଏବେ ଏହି ଯୋଜନାରୁ ବାଦ ପଡିଛନ୍ତି। ଏମାନଙ୍କ ସୁଭଦ୍ରା ଯୋଜନାର ସ୍ଥିତି ଦେଖିବାରୁ ଜଣା ପଡ଼ିଛି ଯେ କିଏ କିଏ ଚକିରିଆ। ପରିବାର ର ତ ଆଉ କିଏ ତାଙ୍କ ପିଲା ଛୁଆ। ଛାତ୍ର ବୃତ୍ତି ପାଉଥିବା ଯୋଗୁଁ ହିତାଧିକାରୀ ତାଲିକାରୁ ବାଦ ପଡିଛନ୍ତି। ବର୍ତ୍ତମାନ ସୁଭଦ୍ରା ଯୋଜନା ଅଯୋଗ୍ୟ ହିତାଧିକାରୀ ମାନଙ୍କ ପାଇଁ ୯ ଟି ମାପ ଦଣ୍ଡ ଉଲ୍ଲେଖ ରହିଛି। ଯାହାକି ଚକିରିଆ ପରିବାର, ବଡ଼ ଚଷୀ ପରିବାର , ମୁଖ୍ୟ ମନ୍ତ୍ରୀ କଳାକାର ଭ । ପାଉଥିବା ପରିବାର, ସରକାରୀ ପେନସନ ପାଉଥିବା, ତିନି ଚରି ଚକିଆ। ଗାଡ଼ି ମୋଟର ଥିବା ପରିବାର ଲୋକେ,ପଞ୍ଚାୟତ ଏବଂ ମ୍ୟୁନିସିପାଲିଟି ପ୍ରତିନିଧି କରୁଥିବା ଲୋକେ ଏବଂ ସରକାରଙ୍କ ପକ୍ଷରୁ ଛାତ୍ର ବୃତ୍ତି ପାଉଥିବା ପରିବାର ଲୋକେ ଏହି ଯୋଜନାର ଲାଭ ଉଠାଇ ପାରିବେ ନାହିଁ। ସରକାରୀ କର୍ମଚରୀ ମାନେ ଲାଭ ନପାଇବା କଥା ହେଲେ ତାଙ୍କ ପରିବାରରେ ରହୁଥିବା ଲୋକମାନେତ ପାଇବା ଅନ୍ତତଃ ଯୋଜନାର ଲାଭ ଉଠାଇବା କଥା। କିନ୍ତୁ ଦୁଃଖର ବିଷୟ ସଧାରଣ ଗରୀବ ପରିବାରର ପାଠ ପଢି ଛାତ୍ର ବୃତ୍ତି ପାଉଥିବା ପରିବାର ଲୋକେ ଏହି ଯୋଜନାରୁ ବାଦ ପଡ଼ିଥିବା କଥା ଏବେ ଗାଁ ଗାଁରେ ଚର୍ଚ୍ଚାର ବିଷୟ ହୋଇଛି। ବ୍ଲକର ବଡ଼ପୋଡ଼ାଗୁଡା ଗ୍ରାମ ପଞ୍ଚାୟତର ସୁଭଦ୍ରା ଯୋଜନାର ସ୍ଥିତି ଦେଖିବାରୁ ୬୪୮ ଜଣ ଯୋଗ୍ୟ ହିତାଧୀକାରୀ ରହିଥିବା ବେଳେ ୪୭ ଜଣ ଅଯୋଗ୍ୟ ଘୋଷିତ ହୋଇ ଯୋଜନାରୁ ବାଦ ପଡିଛନ୍ତି। ଏଭଳି ବ୍ଲକର ୨୨ ଟି ପଞ୍ଚାୟତରେ ଏଭଳି ଶହ ଶହ ଅଯୋଗ୍ୟ ହିତାଧିକାରୀ ତାଲିକା ରହିଛି। ଯାହା ଫଳରେ ମହିଳା ମାନଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ହେଲେ, ସୁଭଦ୍ରା ଯୋଜନା କାହା ପାଇଁ ସାଧାରଣତ ମଲି ମୁଣ୍ଡିଆ। ପରିବାର ଉପରେ ଏହାର ଘୋର ପ୍ରଭାବ ଦେଖା ଦେଇଛି। ସରକାର ଏଦିଗରେ ଯତ୍ନବାନ ହୋଇ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଅ ଳର ମହିଳା ମାନେ ଦାବୀ କରୁଛନ୍ତି।

# ଜନ୍ମମାଟିରେ ଶିବାନୀ ରାଉତଙ୍କୁ ଉଚ୍ଛସିତ ସମ୍ବର୍ଦ୍ଧନା

**ବାଣପୁର,୨୪।୧୦ (ମହାଭାରତ):** ଖୋର୍ଦ୍ଧା ଜିଲ୍ଲା ବାଣପୁର ମଣ୍ଡଳର ପ୍ରଥମ ମହିଳା ତଥା ଭୀମପୁର ଗ୍ରାମର ଶିବାନୀ ରାଉତ ଓଡ଼ିଶା ପ୍ରସାଶନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ଲାଭ କରି ମଣ୍ଡଳର ପ୍ରଥମ ମହିଳା ଭାବରେ କୃତିତ୍ୱ ଅର୍ଜନ କରିଥିବାରୁ ଜନ୍ମମାଟି ଭୀମପୁରର ବାନାମ୍ବରଏକାଡ଼େମୀଠାରେ ବିଦ୍ୟାଳୟ ଓ ଗ୍ରାମବାସୀଙ୍କ ତରଫରୁ ଉଚ୍ଛ୍ସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ଓ ଗ୍ରାମର ପ୍ରମୁଖ ପ୍ରଫେସର ନଳିନୀକାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏବଂ ଏକାଡ଼େମୀର ପ୍ରଧାନ ଶିକ୍ଷକ ରାଧାକୃଷ୍ଣଗଡ଼ନାୟକଙ୍କ ସହଯୋଗରେ ଆୟୋଜିତ ଏହି ସମାରୋହରେ ଅଧ୍ୟାପକ ସଂଗ୍ରାମ କେଶରୀ ସାହୁ, ଶିକ୍ଷାବିତ ଆନନ୍ଦ ଚନ୍ଦ୍ରସେନାପତି, ବାଲମୁକୁନ୍ଦ ଦାସ, ବୈରାଗୀଚରଣ ବେହେରା, ଲକ୍ଷ୍ମୀଧର ସାହୁ, ରାହାସ ବିହାରୀ ସାହୁ, ବିଭୂତି ଭୂଷଣ ନନ୍ଦ, ରମେଶ ଚନ୍ଦ୍ର ବେହେରା, ମଧୁସୂଦନ




ନନ୍ଦ, ଗଣେଶ୍ୱର ମୁଦୁଲି, ବୈରାଗୀଚରଣ ବଳ, ଏବଂ ଶିବାନୀଙ୍କ ବାପା, ମା ନାରାୟଣ ରାଉତ ଓ କବିତା ରାଉତଙ୍କ ସମେତ ଗ୍ରାମବାସୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ଶିବାନୀଙ୍କୁ ପୁଷ୍ପମାଲ୍ୟାର୍ପଣ ସହିତ ପୁଷ୍ପ ବୃଷ୍ଟି କରାଇମ ଉପରକୁ ପାଛୋଟି ନେଇଥିଲେ । ବାଣପୁର ମଣ୍ଡଳର ଭୀମପୁର ଗାଁ ଏକ ସଂସ୍କୃତି, ଐତିହ୍ୟ ସଂପର୍ଣ୍ଣ ଓ ଶିକ୍ଷା କ୍ଷେତ୍ରରେ ଏକ ଅଗ୍ରଣୀ ଗାଁ ହୋଇ ବହୁ କବି ସାହିତ୍ୟିକ, ପ୍ରଶାସନିକ ଅଧିକାରୀ, ଶିକ୍ଷାବିତଙ୍କୁ ସୃଷ୍ଟି କରିଥିଲେ ମଧ ଶିବାନୀ ରାଉତ ଓ. ପ୍ର .ସେ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ପ୍ରଥମ ମହିଳା ପ୍ରଶାସନିକ ଅଧିକାରୀ ହେବାର ଗୌରବ ଲାଭ କରିଥିବାରୁ ଗାଁ'ମାଟି ଧନ୍ୟ ହୋଇଥିବା ସହିତ ସମଗ୍ର ଗ୍ରାମବାସୀ ଗୌରବାନ୍ୱିତ ମନେକରୁଥିବା କଥା କହି ନିଜ ନିଜର ବ୍ୟକ୍ତବ୍ୟ ରଖି ପାଇକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ଗାଁ ଭୀମପୁର ଇତିହାସରେ ଶିବାନୀ ରାଉତ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିଦେଇଥିବା କଥା ପ୍ରକାଶ କରି ସମାଜର ଦୁଃସ୍ଥ, ନିଷ୍ପେସିତ,ର ସେବାରେ ନିଜକୁ ଉତ୍ସର୍ଗ କରିବାକୁ ପ୍ରେରଣାପ୍ରଦାନ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଶିବାନୀ ନିଜର ଲକ୍ଷ ସ୍ଥଳରେ ପହଞ୍ଚିବା ପାଇଁ କିପରି ଏକାଗ୍ରତା ଓ ସାଧନା କରିବାକୁ ହୁଏ ସେ ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇ ସମସ୍ତଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ। ବିଦ୍ୟାଳୟ ତରଫରୁ ଉତ୍ତରୀୟ ମାନପତ୍ର ଓ ପୁଷ୍ପ ଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଶିକ୍ଷକ ଶଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ହାତୀ ପଲ ନଷ୍ଟ କଲେ ଧାନ ଫସଲ

**ବେଗୁନିଆ,୨୪।୧୦ (ମହାଭାରତ):** ବେଗୁନିଆ। ବ୍ଲକ ହଜ ପଂଚାୟତ ଅନ୍ତର୍ଗତ ମୁକ୍ତାପୁର ଗ୍ରାମରେ ୨୦ ଟିକିଆ ହାତୀ ପଲ ଧାନ ଫସଲ ନଷ୍ଟ କରିଛି । ଚଳିତ ବର୍ଷ ଧାନ ଫସଲ ଭଲ ହୋଇଥିବା ବେଳେ ଚଷୀ ମନ ଆନନ୍ଦର ଲହରୀ ଖେଳି ଯାଇଥିଲା । କିନ୍ତୁ ତାର ଦୁର୍ଭାଗ୍ୟ ଯେ ବଣୁଆ। ହାତୀ ପଲ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହୋଇ ଧାନ ଫସଲ ଦଳି ଚକଟି ନଷ୍ଟ କରିଦେଇ ଥିବାରୁ ମନରେ ଗଭୀର ଦୁଃଖ ଦେଇଛି। ସୂଚନା ଅନୁଯାୟୀ ଗ୍ରାମର ଚଷୀ ମାଧବ ଚନ୍ଦ୍ର ସାହୁ, ମାଗୁଣି ସାହୁ, ଦେବରାଜ ସାହୁ, ଗଦାଧର ଜେନା,ନୀଳକଣ୍ଠ ଜେନା ଓ କିଶୋର ଜେନାଙ୍କ ୩ ରୁ ୪ ଏକର ମଧ୍ୟରେ ଧାନ ଫସଲ ନଷ୍ଟ ହୋଇଥିବାର ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି ।

# ଅଡଶପୁର ବିଦ୍ୟୁତ ସେକ୍ସନର ବାତ୍ୟା ପୂର୍ବରୁ ୧୨ ଘଣ୍ଟା ଧରି ବିଦ୍ୟୁତ କାଟ୍

**କଣ୍ଟାପଡ଼ା,୨୪।୧୦ (ମହାଭାରତ):** ଗୋପାଳପୁର ସବ୍ ଡିଭିଜନ ଅନ୍ତର୍ଗତ ଅଡଶପୁର ବିଦ୍ୟୁତ୍ ସେକ୍ସନରେ ଗୁରୁବାର ୨୪/୧୦/୨୦୨୪ ଦିନ ଭୋର୍ ସକାଳ ୪.୩୦ ରୁ ସନ୍ଧ୍ୟା ଯାଏ ଅଘୋଷିତ ବିଦ୍ୟୁତ କାଟ୍‌କୁ ନେଇ ଅଡଶପୁର ଓ ଫୁଲ ନଖରା ସେକ୍ସନ ଅଧୀନରେ ଥିବା କୁରୁଂଟି, ଅଡ଼ା , କୋଠାପାଟଣା, ଧମିଲୋ, ତିରଣପଦା ଓ ନୂଆଗାଁ ଉପଭୋକ୍ତା ଅତିଷ୍ଠ ହୋଇଛନ୍ତି । ସୂଚନା ଥାଉ କି ସମ୍ଭାବ୍ୟ ବାତ୍ୟା 'ଦାନା' ୨୫ ତାରିଖ ଭୋର୍ ସମୟରେ ସ୍ଥଳ ଭାଗ ଛୁଇଁବାକୁ ନେଇ ପାଣିପାଗ ବିଭାଗ ସୂଚନା ପରେ ରାଜ୍ୟ ସରକାର ଲୋକମାନଙ୍କ ସୁରକ୍ଷା ଏବଂ ସବୁ ପ୍ରକାର ସୁବିଧା ଯୋଗାଇ ଦେବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ମଧ ଗୋପାଳପୁର ବିଦ୍ୟୁତ ସବ୍ ଡିଭିଜନର ଅଡଶପୁର ସେକ୍ସନରେ ତାହା ଦେଖିବାକୁ ମିଳିନି । ବାତ୍ୟା 'ଦାନା' କୁ ନେଇ ଆତଙ୍କିତ ଥିବା ଲୋକେ ନିଜ ଘରେ ଖାଦ୍ୟ ସାମଗ୍ରୀ , ପମ୍ପ ମାଧମରେ ପାନୀୟ ଜଳ ଯୋଗାଡ କରିବା ସହିତ ନିଜ ଗୋରୁ ଗାଈ ମାନଙ୍କୁ କିପରି ସୁରକ୍ଷିତ ସ୍ଥାନରେ ରଖିବା ନେଇ ଚିନ୍ତାରେ ଥିବା ବେଳେ ଅଡ଼ଶପୁର ବିଦ୍ୟୁ ସେକ୍ସନ ବାତ୍ୟା ଆସିବାର ୨୪ ଘଂଟା ପୂର୍ବରୁ ଗତ ଗୁରୁବାର ଦିନ ଭୋର୍ ୪.୩୦ ରୁ ଲାଇନ୍ କଟିଯିବା ଏବଂ ଦିନ ତମାମ ଯାଇ ରାତି ୭ଟା ପର୍ଯ୍ୟନ୍ତ ଲାଇନ୍ ନ ଆସିବା ସବୁଠାରୁ ଦୁର୍ଭାଗ୍ୟଜନକ । ଟାଟା ପାୱାରକୁ ଯେବେ ଠାରୁ ଓଡ଼ିଶା ସରକାର ବିଦ୍ୟୁତ ବିତରକ ଭାବେ ଦାୟିତ୍ୱ ଦେଇଛନ୍ତି ସେବେ ଠାରୁ ଗ୍ରାମାଞ୍ଚଳରେ ଉପଭୋକ୍ତା ମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେବା ଓ ଏହା ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି। ଏହି ଅଘୋଷିତ ବିଦ୍ୟୁତ କାଟ୍ କୁ ନେଇ ଗୋପାଳପୁର ସବ୍ ଡିଭିଜନ SÖO ଏବଂ JE ଙ୍କ ସାଙ୍ଗେ ଫୋନ୍ ଯୋଗେ କଥା ବା । ହେବା ପରେ ଉ ର ମିଳି ଥିଲା ୩୩ କେ.ଭି ମେନ୍ ଲାଇନ୍ ଖରାପ ଥିବା ଏବଂ ୧୧କେ.ଭି ଲାଇନ୍ ଖରାପ ଯୋଗୁ ଲାଇନ୍ ଦେଇ ହେଇ ପାରୁନି। ସେକ୍ସନର କର୍ମଚରୀ ମାନେ ଦିନ ତମାମ କାର୍ଯ୍ୟ କରୁଥିଲେ ମଧ ସଂଧ୍ୟା ୭ଟା ପର୍ଯ୍ୟନ୍ତ ଲୋକଙ୍କ ପାଖରେ ଲାଇନ୍ ପହଞ୍ଚି ପାରି ନଥିଲା । ଏହି ସବୁ ଗ୍ରାମର ପାଖା ପାଖି ୭୫୦ ଉପଭୋକ୍ତା ଥିବା ବେଳେ ପ୍ରାୟ ୩ହଜାରରୁ ଉର୍ଦ୍ଧ ଲୋକ ଲାଇନ୍ ଉପରେ ର୍ନିଭର କରନ୍ତି । ପୂର୍ବରୁ ବିଭିନ୍ନ ଗଣ ମାଧମରେ ବିଭିନ୍ନ ସମୟରେ ଏହି ଅଘୋଷିତ ବିଦ୍ୟୁତ କାଟ୍ ନେଇ ପ୍ରକାଶ ପାଇଥିବା ମଧ ଦେଖା ଦେଇଛି। କିନ୍ତୁ ବିଭିନ୍ନ ସମୟରେ ଖବର ପ୍ରକାଶ ପରେ ବି ଟାଟା ପାୱାରର ଉପରସ୍ତ ଅଧିକାରୀ ଏହି ସେକ୍ସନ ଅଧୀନରେ ହେଉଥିବା ଯାନ୍ତ୍ରିକ ତୃଟି ସୁଧାର ଆଣିବାକୁ ଚେଷ୍ଟା କରିବା ଯୋଗୁଁ ବିଦ୍ୟୁ ଉପଭୋକ୍ତା ମାନେ ବହୁ ଅସୁବିଧା ସମ୍ମୁଖୀନ ହେବାର ଦେଖିବାକୁ ମିଳୁଛି। ଯଦି ଆଗକୁ ଉପଭୋକ୍ତା ନିରବଚ୍ଛିନ୍ନ ବିଦ୍ୟୁତ ପାଇବାରୁ ବଞ୍ଚିତ ହୁଅନ୍ତି ତେବେ ଟାଟା ପାୱାର ବିରୁଦ୍ଧରେ ଉପଭୋକ୍ତା , ଅ ଳର ବୁଦ୍ଧିଜୀବୀ ଓ ବିଭିନ୍ନ ସ୍ୱଚ୍ଛାସେବୀ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇ ବୋଲି ଉଲ୍ଲେଖ କରିଛନ୍ତି ।

# ବିଶ୍ୱ ପୋଲିଓ ଦିବସ ସଚେତନତା

**କଟକ,୨୪।୧୦ (ମହାଭାରତ):** ବିଶ୍ୱ ପୋଲିଓ ଦିବସରେ, ପୋଲିଓମିଏଲାଇଟିସ ଦ୍ୱାରା ସୃଷ୍ଟି ହେଉଥିବା କ୍ରମାଗତ ବିପଦକୁ ଚିହ୍ନିବା ଜରୁରୀ। ବିଶେଷତଃ ଭାରତର ମେଘାଳୟରେ ଦେଖାଯାଇଥିବା ପୋଲିଓ ଘଟଣା ପରେ ଏହା ଜରୁରୀ ହୋଇପଡ଼ିଛି। ପୋଲିଓ ଏକ ଅତ୍ୟଧିକ ସଂକ୍ରାମକ ଭାଇରାଲ ରୋଗ ଯାହା ଫେସିଆଲ-ଓରାଲ ସଂକ୍ରମଣ ମାଧ୍ୟମରେ ବ୍ୟାପିଥାଏ ଏବଂ ମୁଖ୍ୟତଃ ୫ ବର୍ଷରୁ କମ ବୟସ୍କ ପିଲାମାନଙ୍କୁ ପ୍ରଭାବିତ କରିଥାଏ। ଯାହା ଦ୍ୱାରା ଅଦୃଶ୍ୟ ପକ୍ଷାଘାତ ରୋଗ ହୁଏ ଏବଂ କେତେକ କ୍ଷେତ୍ରରେ ମୃତ୍ୟୁ ହୋଇଥାଏ। ଦଶନ୍ଧି ଧରି ଅଗ୍ରଗତି ସତ୍ତ୍ୱେ ଏହି ରୋଗ ବିଶ୍ୱସ୍ତରରେ ସ୍ୱାସ୍ଥ୍ୟ ବିପଦ ଭାବରେ ରହିଆସିଛି, ବିଶେଷତଃ ଭାରତ ପରି ଦେଶମାନଙ୍କ ପାଇଁ ପୋଲିଓ ମୁକ୍ତ, ତଥାପି ପୁନର୍ବାର ଏଡ଼ାଇବା ପାଇଁ ସଜାଗ ରହିବା ଆବଶ୍ୟକ।

ଏସମ୍ପର୍କରେ କଟକ ଏସସିବିଏସିଏଚ ଏବଂ ଏସଭିପିପିଜିଆଇପିର ଶିଶୁରୋଗ ପ୍ରଫେସର ଡାକ୍ତର ସୁନୀଲ କୁମାର ଅଗ୍ରୱାଲ କହିଲେ, ପୋଲିଓ ବିରୋଧରେ ଆମର ଯୁଦ୍ଧ ଚାଲିଛି ଏବଂ ଏହାକୁ ଜିତିବାର ଚାବି ଟୀକାକରଣରେ ରହିଛି। ଆମେ ବିରାମ କିମ୍ବା ଆମର ପ୍ରୟାସକୁ କିଛି ସମୟେ ରୋକିବା ଦ୍ୱାରା ଭୁତାଣୁ ଫେରିବାର ଦ୍ୱାର ଖୋଲିଥାଉ। ୬ ସପ୍ତାହରୁ ନିଷ୍କ୍ରିୟ ପୋଲିଓ ଭାକ୍ସିନ(ଆଇପିଭି) ପରିଚାଳନା କରିବା ନିଶ୍ଚିତ କରେ ଯେ ପିଲାମାନେ ଏହି ବିପଜ୍ଜନକ ଭୁତାଣୁରୁ ନିଜକୁ ରକ୍ଷା କରିବା ପାଇଁ ଆବଶ୍ୟକ ପ୍ରତିରକ୍ଷା ବିକାଶ କରିଛନ୍ତି।

ଭାରତର ସଫଳତାର କାହାଣୀ ପୋଲିଓମୁକ୍ତ ହେବାର ୧୨ ବର୍ଷ ଏକ ଅସାଧାରଣ ଜନସ୍ୱାସ୍ଥ୍ୟ ସଫଳତା। ଯାହା ଟୀକାକରଣ ଅଭିଯାନ ଦ୍ୱାରା ସହଜ ହୋଇ ପାରିଛି।

# ଶ୍ରୀ ଅର୍ନ୍ନ ଅଗ୍ରଗାମୀ ଅଭିଯାନ ପକ୍ଷରୁ ତାଲିମ

**କନ୍ଧମାଳ,୨୪।୧୦ (ମହାଭାରତ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ। ବ୍ଲକ ଅନ୍ତର୍ଗତ ବନ୍ଧଗଡ଼ ଠାରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିକଟରେ ଶ୍ରୀ ଅର୍ନ୍ନ ଅଗ୍ରଗାମୀ ଅଭିଯାନ ପକ୍ଷରୁ ଦୁଇ ଦିନିଆ। ମାଣ୍ଡିଆ। ଚଷ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଫିରିଙ୍ଗିଆ। ସହକାରୀ କୃଷି ଅଧିକାରୀ ଟିକେଶ୍ୱର ବିଷୋୟୀ ଅଧକ୍ଷତା କରିଥିଲେ । ତଦ୍ ସହିତ ମାଣ୍ଡିଆ। ଖାଦ୍ୟ ର ଉପାଦେୟତା ବିଷୟରେ ମାଁ ମାନଙ୍କୁ ମାଣ୍ଡିଆ। ଚଷ କୁ କିପରି ଜୈବିକ ଉପାୟରେ ଚଷ କରିଯିବ ସେହି ପ୍ରଣାଳୀ ବିଷୟରେ ଅବଗତ କରିଥିବା ବେଳେ ନୂଆପଦର ସହକାରୀ କୃଷି ଅଧିକାରୀ ଆଶୁତୋଷ ସାହୁ ଜୈବିକ ଚଷ ଯଥା ହାଣ୍ଡିଖତ କିପରି ପ୍ରସ୍ତୁତି କରିବା ତାହା ଉପରେ ପ୍ରାକକ୍ଟିକାଲ ମାଧ୍ୟମରେ ମହିଳା ମାନଙ୍କୁ ଦେଖାଇଥିଲେ । ଅତିରିକ୍ତ ବ୍ଲକ ପ୍ରୋଗ୍ରାମ କୋଡିନେଟର ଶ୍ରୀ ସୂର୍ଯ୍ୟକାନ୍ତ ପରିଡା ମାଣ୍ଡିଆ। ଚଷ କରି କିଭଳି ମାଁ ମାନଙ୍କୁ ନିଜର ଆର୍ଥିକ ଅଭିବୃଦ୍ଧି ର ବିକାଶ କରିପାରିବେ ସେହି ବିଷୟରେ ଆଲୋଚନା କରିଥିଲେ । ତାଲିମ ଶିବିର ରେ ସାମ୍ବାଦିକ ବାଳକୃଷ୍ଣ କହ୍ନଁର ଉପସ୍ଥିତ ରହିଥିବା ବେଳେ ବରୁଣ କହ୍ନଁର ସହଯୋଗ କରିଥିଲେ ।

# ବାତ୍ୟା ଦାନା ମୁକାବିଲା ପାଇଁ ବୈଠକ

**ହିନ୍ଦୋଳ,୨୪।୧୦ (ମହାଭାରତ):** ପୂର୍ବରୁ ଓଡିଶା ୧୯୯୯ ମହାବାତ୍ୟା ପରେ ମୁକାବିଲା କରିଛି ବିଗତ ୨୫ବର୍ଷ ଭିତରେ ଅନେକ ଭୟଙ୍କର ବାତ୍ୟା।ସରକାର ଓ ଜନସାଧାରଣ ସଫଳତା ସହକାରେ ସାମ୍ନା କରିଛନ୍ତି।ତେବେ ଆସନ୍ତାକାଲି ହେବାକୁ ଥିବା ବାତ୍ୟା ଦାନା ପାଇଁ ଓଡିଶାର ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟ। ପ୍ରଷମ। ବିଭାଗ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଚଲିଛି ଯେମିତି କୌଣସି କ୍ଷୟକ୍ଷତି ନହୁଏ।ସେହି ପରିପେକ୍ଷୀରେ ବାତ୍ୟା ମୁକାବିଲା ପାଇଁ ସଚିବସ୍ତରୀ।, ଜିଲ୍ଲାପାଳ ସ୍ତରୀ। ଓ ଉପଜିଲ୍ଲାପାଳ ସ୍ତରୀ। ବ୍ୟାପକ ପ୍ରସ୍ତୁତି।ସେହିପରି ହିନ୍ଦୋଳ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଙ୍କ ଅଧକ୍ଷତାରେ ପ୍ରଶାସନିକ ସ୍ତରୀ। ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ବୈଠକରେ କିଭଳି ସବୁପ୍ରକାର ମୁକାବିଲା ସ୍ୱାସ୍ଥ୍ୟ, ରାସ୍ତା ଅବରୋଧ, ଘର ଭାଙ୍ଗିବା, ବିଦ୍ୟୁତ ବିଭ୍ରାଟ, ପାନୀ। ଜଳ ଶଙ୍କଟ,ଗର୍ଭବତୀ ମହିଳା, ବୟୋଜ୍ୟାଷ୍ଠ,ଶିଶୁ ସୁରକ୍ଷା,ପୋଷା ଜନ୍ତୁ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାପାଇଁ ପ୍ରସ୍ତୁତି କରିବା ସହ ସମସ୍ତ ବିଭାଗ ଗୁଡିକୁ ନିର୍ଦେଶ ଦେଇଥିଲେ !ବୈଠକରେ ତହସିଲଦାର ଦିଲୀପ ସେଠି, ଏସଡିଏମଓ ସୁଧାଂଶୁ ମିଶ୍ର, ଥାନା ଅଧିକାରିଣୀ ଚରୁଲତା ବେହେରା, ଅତିରିକ୍ତ ଉପଜିଲ୍ଲାପାଳ ସୂର୍ଯ୍ୟକାନ୍ତ ଦାସ, ନିରଞ୍ଜନ ଗୁରୁ, ଏନଏସି ର୍ନିବାହୀ ଅଧିକାରୀ ଅକ୍ଷଲଫା ଜେନା, ଅତିରିକ୍ତ ତହସିଲଦାର,ଏବିଡ଼ିଓ, ସମସ୍ତ ଅଗ୍ନିଶମ, ସମସ୍ତ ଥାନା ପୋଲିସ ଅଧିକାରୀ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପିଏଚଡି, ପିଡ଼ବ୍ଲୁଡି, ଆରଡି, ବିଦ୍ୟୁତ, ଭେଟନାରୀ ଇତ୍ୟାଦି ବିଭାଗର ସମସ୍ତ ଅଧିକାରୀ,ଗଣମାଧ୍ୟମ ପ୍ରତିନିଧି, କାଉନସିଲର,ସମସ୍ତ ପୂଜା କମିଟି କାର୍ଯ୍ୟକର୍ତା ଯୋଗଦେଇଥିଲେ !ସମସ୍ତ ପୂଜା ତୋରଣ, ଗେଟ ଇତ୍ୟାଦି ଖୋଲିଦେବା ସହ ପରବର୍ତୀ ନିଷ୍ପତି ଅନୁଯାଇ ଭସାଣି ଉତ୍ସବ ପାଳନ କରାଯିବ।ତେବେ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ପୂର୍ବରୁ ଦକ୍ଷ ଅଭିଜ୍ଞତା ଥିବାରୁ ହିନ୍ଦୋଳ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ପ୍ରଶାସନିକ ପ୍ରସ୍ତୁତି ପାଇଁ ହିନ୍ଦୋଳ ଜନସାଧାରଣ ର୍ନିଭ। ପ୍ରକାଶ କରିଛନ୍ତି।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଆସିକା,୨୪।୧୦ (ମହାଭାରତ):** ଆସିକା ଗୋଷ୍ଠି ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ପାରୁ ଆସିକା କଲେଜ ଛକ ସ୍ଥିତ ଟେକ୍ନିକାଲ ହାଇସ୍କୁଲ ଠାରେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟେକ୍ନିକାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରତାପ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଟିକୁ ପ୍ରଦୀପ ପ୍ରଜ୍ୱଳନ କରି ମୁଖ୍ୟ ଅତିଥିଭାବେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀଆରମ୍ଭ କରିଥିଲା ବେଳେ ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷା ଅଧିକାରୀ ମୁନ ରାଣୀ ମହାନ୍ତି, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଭାଗିରଥି ପାତ୍ର, ବିଭୁ ନନ୍ଦନ ପଣ୍ଡା ଉପସ୍ଥିତ ଥିଲେ। ଆସିକା ବ୍ଲକ ର ୨୭ ପଂଚାୟତ ର ୧୩ ଗୋଟି କ୍ଲଷ୍ଟର ୧୩୫ ବିଦ୍ୟାଳୟ, ୦୪ ଗୋଟି ମହାବିଦ୍ୟାଳୟ, ଗୋଟିଏ ଆଦର୍ଶ ବିଦ୍ୟାଳୟ ରୁ ୪୧୨ ଜଣ ଛାତ୍ର ଛାତ୍ରୀ ୨୨ ଗୋଟି ବିଭିନ୍ନ ବର୍ଗ ରେ ଅଂଶ ଗ୍ରହଣ କରିଥିଲେ । ଏଥିରେ ବିଦ୍ୟାଳୟ ମାନଙ୍କ ରେ ଥିବା ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନେ ମଧ ଅଂଶ ଗ୍ରହଣ କରିଥିଲେ । ସ୍ଥାନୀୟ ବିଧାୟକ ଏହି ଶିଶୁ ମାନଙ୍କ ନିପୁଣ କଳା ଶୈଳୀ, ଅନ୍ତର୍ନିହିତ କାରୁକାର୍ଯ୍ୟ, ନାଚ ଗୀତ,ସାଂସ୍କୃତିକ କାର୍ଯ୍ୟ ଦ୍ବେ ମନ ମୁଗ୍ଧ ହୋଇ ଗଲେ ।

ପିଲା ମାନଙ୍କ ମଧରେ ଅନ୍ତଃନିହିତ ଗୁଣ ଏବଂ କଳାର ବିକଶିତ କରିବା, ବିଦ୍ୟାର୍ଥୀ ମାନଙ୍କ ଇଛା ଶକ୍ତି ବୃଦ୍ଧି କରିବା, ପ୍ରତିଯୋଗିତା ମନ ଭାବ ବଢାଇବା ନିମନ୍ତେ ଏହି ଭଳି ଭିନ୍ନ ଭିନ୍ନ ଧରଣର ପ୍ରତିଯୋଗିତା ମାନ ସମଗ୍ର ଶିକ୍ଷା ପକ୍ଷରୁ ଆୟୋଜିତ କରାଯାଇଛି । ପିଲା ମାନଙ୍କୁ ନେଇ ରଚନା,ପ୍ରବନ୍ଧ, ବକ୍ତୃତା, ବିତର୍କ, କୁଇଜ, ଚିତ୍ରାଙ୍କନ, ସାଂସ୍କୃତିକ କାର୍ଯ୍ୟକ୍ରମ, ସଂଗୀତ,ଶିଳ୍ପ କଳା, ସୃଜନଶିଳ ଲିଟନ ଭଳି ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ବିଭିନ୍ନ ବିଭାଗରର ଅଂଶ ଗ୍ରହଣ କରି କୃତୀତ୍ୱ ଲାଭ କରିଥିବା ପ୍ରତି ଯୋଗୀ ମାନଙ୍କୁ ଅତିଥି ଦ୍ୱାରା ପୁରସ୍କୃତ କରାଯାଇଥିଲା। ଆସିକା ବ୍ଲକ ର ସିଆରସିସି ନଳବ । ର ସରୋଜ ପ୍ରଧାନ, ଏନ ଏ ସି କ୍ଲଷ୍ଟର ଶିଶିର କାନ୍ତ ବେହେରା, ବାବନପୁର, ରାଧା ମୋହନ ଡାକୁଆ।,ରିଆ। ଟୁଲୁ ସେଠୀ,କେ ନୂଆପଲ୍ଲୀ ଅର୍ଚନା ବେହେରା,ଗାଙ୍ଗପୁର ଚନ୍ଦ୍ର ଶେଖର ସ୍ୱାଇଁ,ବାଲିସିରା ହରିବନ୍ଧୁ ବେହେରା, କାଳଷଣ୍ଢପୁର ଆରସିଲା ଦୋରା,ଭେଟନଇ ସୌଦାମିନୀ ହୋ ।,ବଦଟ୍ଟୋଲି ଚିତ୍ର ସେନ ସେଠୀ,କେନ୍ଦୁପଦର କ୍ଲଷ୍ଟର ରଂଜିତା ପାତ୍ର ପ୍ରମୁ ସହଯୋଗ କରିଥିଲେ । ଆଜିର ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ରେ ବିଭିନ୍ନ ପ୍ରତିଯୋଗିତା ରେ ପ୍ରଥମ ସ୍ଥାନ ରଖିଥିବା ଆସନ୍ତା ୨୬ ତାରିଖ ରେ ଛତ୍ରପୁର ରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ସୁରଭି ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି । ଆୟୋଜିତ ସୁରଭି କାର୍ଯ୍ୟକ୍ରମରେ ସମସ୍ତ ପ୍ରଧାନଶିକ୍ଷକ,ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

**ଭବାନୀପାଟଣା,୨୪।୧୦ (ମହାଭାରତ):** ନକ୍ସଲ ସଙ୍ଗଠନ କୁ ସହଯୋଗ କରି ଆସୁଥିବା ମହିଳା ନକ୍ସଲ ଦେବି ସୌରୀ ଓରଫ ଗୀତା ମାଓ ସଙ୍ଗଠନ ଛାଡି ମୁଖ୍ୟ ସ୍ରୋତ ରେ ସାମିଲ ହୋଇଛନ୍ତି ବୋଲି ଦକ୍ଷିଣ ପଶ୍ଚିମ ଡ଼ିଆଇଜି କହିଛନ୍ତି।ଏକ ସାମ୍ବାଦିକ ସମ୍ମିଳନୀରେ ଡି ଆଇ ଜି ଚରଣ ସିଂ ମିନା ଏହି ମହିଳା ନକ୍ସଲ କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲା ରେ ସକ୍ରି। ଥିଲେ।ବିଶେଷ କରି ସେ କୌଣସି ନକ୍ସଲ ହିଂସାରେ ନ ଥିଲେ ବି ନିଜେ ମାଓ ସଙ୍ଗଠନ ର ନର୍ସିଂ ସେବାରେ ସାମିଲ ହୋଇଥିଲେ।୨୦୧୮ ମସିହାରେ ସେ ମାଓ ସଂଘଟନ ରେ ସାମିଲ ହୋଇଥିଲେ।ଅନ୍ୟ ମାଓବାଦୀ ମାନେ ବି ମାଓ ସଂଗଠନ ରେ ନ ରହି ସମାଜ ର ମୁଖ୍ୟ ସ୍ରୋତ ରେ ସାମିଲ ହେବା ପାଇଁ ଡି ଆଇ ଜି ଶ୍ରୀ ମିନା ଅପିଲ କରିଛନ୍ତି।

# ଜିଲ୍ଲା ବିଜେଡ଼ି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

**ଗଜପତି,୨୪।୧୦ (ମହାଭାରତ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ବିଜୁ ଜନତା ଦଳର ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାରଳାଖେମୁଣ୍ଡି ବିଧାୟକ ଇଞ୍ଜିନିୟର ଶ୍ରୀ ରୁପେଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଜନସଂପର୍କ ପଦଯାତ୍ରା ରେ ରାଜ୍ୟ ବିଜେଡି ସମ୍ନ୍ୱୟ କମିଟି ଅଧକ୍ଷ ଶ୍ରୀ ଦେବୀ ପ୍ରସାଦ ମିଶ୍ର, ବିଜେଡି ମୁଖପାତ୍ର ଶ୍ରୀ ଭୃଗୁ ବକ୍ସିପାତ୍ର, ଜିଲ୍ଲା ସଭାପତି ଶ୍ରୀ ଜଗବନ୍ଧୁ ଦାସ, ରାଜ୍ୟ ସମ୍ପାଦକ ଶ୍ରୀ ପ୍ରଦୀପ ନାୟକ, ଶ୍ରୀ ବସନ୍ତ ଦାସ ଙ୍କ ସମେତ ବିଭିନ୍ନ ବ୍ଲକ୍, ମ୍ୟୁନିସିପାଲଟି ଅଧକ୍ଷ, ଅଧକ୍ଷା, ବିଜୁ ଜନତା ଦଳରେ ପଦାଧିକାରୀ ତଥା ବିଜୁ ପ୍ରେମୀ କର୍ମୀ ମାନେ ଯୋଗ ଦେଇଥିଲେ। ରାଜ ନଅର ଠାରୁ ପୌର ପରିଷଦ କାର୍ଯ୍ୟାଳ। ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଜନସଂପର୍କ ପଦଯାତ୍ରା ରେ ଭାରତୀୟ ଜନତା ପାର୍ଟିର ମିଥ୍ୟା ପ୍ରତିଶୃତି, ଦରଦାମ୍ ବୃଦ୍ଧି ତଥା ଅପାରଗତା ବିରୁଦ୍ଧରେ ଲୋକ ମାନଙ୍କୁ ସଚେତନ କରାଯାଉଥିଲା। ଗଜପତିରୁ ବିବେକାନନ୍ଦ ବେହେର।।

# ଚୋରି କରିଥିବା ୨ ଦମ୍ପତି ଅଭିଯୁକ୍ତ ଗିରଫ

**ଗଜପତି,୨୪।୧୦ (ମହାଭାରତ):** କିଛିଦିନ ହେଲା ଗଜପତି ଜିଲ୍ଲାର ଗୋଷାଣୀ ବ୍ଲକ ଓ କାଶୀନଗର ବ୍ଲକ ଅ ଳରେ ଚୋରି ହେବାର ଖବର ନଜରକୁ ଆସିବା ପରେ ଗଜପତି ପୋଲିସ ତଦନ୍ତ ଜୋରଦାର କରିଥିଲା। ଚୋରିର ବିଭିନ୍ନ ଦିଗକୁ ନେଇ ତନତନ କରି ପୋଲିସ ତଦନ୍ତ କରୁଥିବା ବେଳେ କାଶୀନଗର ବ୍ଲକ ଅ ଳରେ ପୋଲିସ ଚୋରକୁ ଧରିବାରେ ସଫଳ ହୋଇଛି। ୪ଜଣ ଚୋର ହେଉଛନ୍ତି ଦୁଇ ଦମ୍ପତି। ଗିରଫ ଦୁଇ ଚୋର ଦମ୍ପତି ହେଲେ ନବରଙ୍ଗପୁର ଜିଲ୍ଲା ପାପଡହାଣ୍ଡି ଥାନା ତୁରମୁଲା ଗାଁର ଅଭିଯୁକ୍ତ ପ୍ରତାପ ଜାନୀ, ତାଙ୍କ ସ୍ତ୍ରୀ ଅଭିଯୁକ୍ତ ସରସ୍ୱତୀ ଜାନୀ ଏବଂ ବାବାଜୀଗୁଡା ଗାଁର ଅଭିଯୁକ୍ତ ଦେବରାଜ ମାଝୀ ଏବଂ ତାଙ୍କ ସ୍ତ୍ରୀ ଅଭିଯୁକ୍ତ ଗୌରୀ ଜାନୀ ବୋଲି ଗଜପତି ଏସପି ଜତିନ୍ଦ୍ର କୁମାର ପଣ୍ଡା ସୋମବାର ସନ୍ଧ୍ୟାରେ ଜିଲ୍ଲା ପୋଲିସ ମୁଖ୍ୟାଳ। ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେମାନଙ୍କ ଠାରୁ ପୋଲିସ ୧୫୭.୭ଗ୍ରାମ ସୁନା ,୭୨୯ ଗ୍ରାମ ରୂପା ଓ ଏକ ଲକ୍ଷ ଷାଠିଏ ହଜାର ଟଙ୍କା, ଦୁଇଟି ବାଇକ, ଦୁଇଟି ମୋବାଇଲ ଫୋନ ଏବଂ ଚୋରୀ ପାଇଁ ସେମାନେ ବ୍ୟବହାର କରୁଥିବା ରଡ୍ ଏବଂ ସେଣିକୁ ମଧ ପୁଲିସ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚଲାଣ କରିଥିବା ଏସପି ଶ୍ରୀ ପଣ୍ଡା ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଭୀମସେନ ରାଉତ ସ୍ମୃତି ପରିଷଦର ପ୍ରସ୍ତୁତି ବୈଠକ

**ପାଟଣା,୨୪।୧୦ (ମହାଭାରତ):** ଘଟଗାଁ ଭୀମସେନ ରାଉତ ସ୍ମୃତି ପରିଷଦ ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକର ମନହରପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ପୁରାଣ ପ୍ରସିଦ୍ଧ ବାଲ୍ମୀକି ତପସ୍ଥଳୀ ତଥା ଲବ କୁଶଙ୍କ ଏନ୍ତୁଡ଼ିଶାଳ ସୀତାବିଞ୍ଜି ଠାରେ କୁଳମଣି ମଣ୍ଡଳଙ୍କ ସଭାପତିତ୍ୱରେ ସମାଜ ସଂସ୍କାର ମୂଳକ ଆଗାମୀ କାର୍ଯ୍ୟପନ୍ଥା ଉପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି !

ଏଥିରେ ମୁଖ୍ୟ ଅତିଥି ଭାବରେ କଲିକତା ଶାନ୍ତିନିକେତନ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡଃ ସନଥ କୁମାର ରଥ ଓ ସମ୍ମାନିତ ଅତିଥି ରୂପେ ପ୍ରାକ୍ତନ ଅଧକ୍ଷ ଡଃ ଅଭିନ୍ନ ସାହୁ, ଡଃ ରଞ୍ଜନ କୁମାର ପଣ୍ଡା, ରାଧାଶ୍ୟାମ ରାଉତ ଏବଂ ମୁଖ୍ୟ ବକ୍ତା ଭାବରେ ପ୍ରାକ୍ତନ ଅଧାପକ ବାଟକୃଷ୍ଣ ନାଥ ଓ ସମ୍ମାନିତ ବକ୍ତା ରୂପେ ଅବସରପ୍ରାପ୍ତ ପ୍ରଶାସନି ଅଧିକାରୀ ଭାଗିରଥି ନାୟକ, ସମାଜ ସେବୀ ସଞ୍ଜ। ବିଶ୍ୱାଳ ଯୋଗଦେଇଥିଲେ।

ଆଗନ୍ତୁକ ଅତିଥିବୃନ୍ଦ ସର୍ବ ପ୍ରଥମେ ପିଠର ଇଷ୍ଟଦେବୀ ମା ସୀତା ଠାକୁରାଣୀଙ୍କୁ ପୂଜାର୍ଚନା କରିଥିଲେ ତତ୍ପରେ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜ ସଂସ୍କାରକ ଭୀମସେନ ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଆବାହକ ଅଶୋକ କୁମାର ନାଥ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଆଲୋଚନାର ମୁଖ୍ୟ ବିଷୟ ଥିଲାକି ସ୍ୱର୍ଗତଃ ଭୀମସେନ ରାଉତ ଏକାଧାରରେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ପ୍ରଚଣ୍ଡ ଆଧ୍ୟାତ୍ମବାଦୀ ଓ ବିଜ୍ଞ ସାହିତ୍ୟିକ ଦୃଢ଼ ସଂଗଠକ ଏବଂ ସମାଜ ସଂସ୍କାରକ। ତାଙ୍କ ସମୟରେ ଘଟଗାଁ ତଥା ସମଗ୍ର କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ତଥା କୃଷି ଓ ପରିବେଶ ରକ୍ଷା କ୍ଷେତ୍ରରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟର ସେ ଥିଲେ ମୁଖ୍ୟ କର୍ଣ୍ଣଧାର। ବିଶେଷକରି ଘଟଗାଁ ମାତାରିଣୀ ପୀଠର ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ତାଙ୍କରି ପ୍ରତ୍ୟକ୍ଷ ତତ୍ୱାବଧାନରେ କରାଯାଇଥିଲା। ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂରୀକରଣ ଉପରେ ସେ ଦୃଢ଼ ପଦକ୍ଷେପ ନେଇଥିଲେ। ମାତାରିଣୀଙ୍କ ମହିମାର ପ୍ରସାର ପ୍ରଚର କରିବାରେ ତାଙ୍କର ଭୂମିକା ଥିଲା ଅତୀବ ଗୁରୁତ୍ୱପୂର୍ଣ୍ଣ। ତେଣୁ ସେହିପରି ଜଣେ ମହାନ ପୁରୁଷଙ୍କ ସ୍ମୃତି କିପରି ସବୁଦିନ ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ଆଲୋକପାତ କରାଯିବା ସହିତ ଆଗାମୀ ଦିନରେ ଯେପରି ଭୀମସେନ ବାବୁଙ୍କ ଆଦର୍ଶ ରକ୍ଷା କରାଯାଇ ଅଧିକ ସମାଜ ସେବା କରାଯାଉ ପାରିବ ସେବିଷୟରେ ବିଷଦ ଭାବରେ ଆଲୋଚନା କରାଗଲା। ମୁଖ୍ୟତଃ ନିଶା ନିବାରଣ ଓ ଅନ୍ଧ ବିଶ୍ୱାସ ଓ କୁସଂସ୍କାର ଦୂରୀକରଣ କ୍ଷେତ୍ରରେ କିପରି ଅଧିକ ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ଉପସ୍ଥିତ ସଦସ୍ୟ ମାନଙ୍କଠାରୁ ଗଠନ ମୂଳକ ମତାମତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚଳନା କରିଥିଲେ ଜଗବନ୍ଧୁ ମହାନ୍ତ, ଓ କୃଷ୍ଣ ଚନ୍ଦ୍ର ପୃଷ୍ଟି ଓ ପରିଚଳନାରେ ସହଯୋଗ କରିଥିଲେ କମଳ ଲୋଚନ ନାଏକ, ଉଜ୍ଜଳ ସାହୁ, ସନ୍ତୋଷ କୁମାର ବେହେରା ଓ ଚରମାନନ୍ଦ ଦାସ, ତାପସ ପଣ୍ଡା।

# କୋକସରାରେ ବୃଦ୍ଧି ପାଇଛି କୁଟିଆ ବିଦେଶୀ ମଦ କାରବାର

**କୋକସରା,୨୪।୧୦ (ମହାଭାରତ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ବିଭିନ୍ନ ଗ୍ରାମରେ ଏବେ କୁଟିଆ। ବିଦେଶୀ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଖୋଲାଖୋଲି ଭାବେ ବିଦେଶୀ ମଦ ଦୋକାନର କର୍ମଚରୀ ମାନେ ସରକାରଙ୍କ ନିୟମକୁ ବେଖାତିର କରି କୁଟିଆ। ବେପାରୀ ମାନଙ୍କୁ ଗାଁ ଗାଁକୁ ମଦ ଯୋଗାଇ ଦେଉଥିବା ଦେଖିବାକୁ ମିଳୁଛି। ଏହି କୁଟିଆ। ମଦ କାରବାର ପଛରେ ଅବକାରୀ ବିଭାଗର ପ୍ରଚ୍ଛନ୍ନ ହାତ ରହିଥିବା ସାଧାରଣରେ ଆଲୋଚନା ହେଉଛି। ସରକାରଙ୍କ ଦ୍ୱାରା ଲାଇସେନ୍ସ ପ୍ରାପ୍ତ ଠିପି ବନ୍ଦ ବିଦେଶୀ ମଦ ଦୋକାନ କୋକସରା ବ୍ଲକ ଚିଲିଗୁଡାଠାରେ ରହିଥିବା ବେଳେ । ଗ୍ରାମାଞ୍ଚଳକୁ ଏହି ମଦ ଦୋକାନର କର୍ମଚରୀ ମାନେ ଖୁଲମଖୁଲା ଦିନ ଦ୍ୱିପହରରେ ଜାତୀୟ ରାଜପଥ କୋକସରା ଥାନା ରାସ୍ତା ଦେଇ ପ୍ରତ୍ୟେକ ଦିନ ବାଇକ୍ ଯୋଗେ ପେଟି ପେଟି ମଦ ବିଭିନ୍ନ ଗ୍ରାମକୁ ଚଲାଣ କରୁଛନ୍ତି। ତୋରା ଚଲାଣ ହେଉଥିଲେ ବି ଜାଣିଶୁଣି ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଛି। ଜୟପାଟଣା ଅବକାରୀ ବିଭାଗ ଦ୍ୱାରା ଲୋକ ଦେଖାଣିଆ। ଭାବରେ କୋକସରା ଅ ଳରେ କେବେ କେମିତି ଚଢ଼ାଉ ହେଉଥିବାବେଳେ । ସେଥିରେ ନିଶା କାରବାର କରୁଥିବା ବେପାରୀ ମାନଙ୍କୁ କୌଣସି ପ୍ରକାରରେ ପ୍ରଭାବ ପଡୁନାହିଁ। ଯାହା ଫଳରେ କି ମଦ ବେପାରୀ ମାନେ କିରାନା ଦୋକାନ, ପାନ ଦୋକାନ ଆଦିରେ ଖୋଲାଖୋଲି ଭାବରେ ପ୍ରି ରେଟ ଠାରୁ ଦ୍ୱିଗୁଣା ଅଧିକା ମୂଲ୍ୟରେ ବିକ୍ରୀ କରି ମାଲାମାଲ ହେଉଛନ୍ତି। କୁଟିଆ ବେପାରୀ ମାନଙ୍କ ଠାରେ ବେଆଇନ ବିକ୍ରୀ ହେଉଥିବା ବିଦେଶୀ ମଦ ଅସଲି କି ନକଲି ତାହା ମଧ ଜଣାପଡୁନାହିଁ ।

# ୱାୟନାଡରୁ ନାମାଙ୍କନ ଦାଖଲ କଲେ ପ୍ରିୟଙ୍କା ଗାନ୍ଧି

**ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି):** ପ୍ରଥମ ଥର ପ୍ରତ୍ୟକ୍ଷ ନିର୍ବାଚନ ଲଢିବେ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧି ଭଦ୍ରା । ଏଥିନିମନ୍ତେ ସେ ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ୱାୟନାଡ ଲୋକସଭା ସିଟ୍ ପାଇଁ ହେବାକୁ ଥିବା ଉପନିର୍ବାଚନ ନିମନ୍ତେ ଆଜି ନାମାଙ୍କନ ଦାଖଲ କରିଛନ୍ତି ପ୍ରିୟଙ୍କା ଗାନ୍ଧି ଭଦ୍ରା । ପ୍ରିୟଙ୍କାଙ୍କ ନାମାଙ୍କନ ଦାଖଲ ବେଳେ ତାଙ୍କ ମା' ସୋନିଆ ଗାନ୍ଧି, ଭାଇ ରାହୁଲ ଗାନ୍ଧି ଓ କଂଗ୍ରେସର ବହୁ ହେଭିୱେଟ ନେତା ଉପସ୍ଥିତ ଥିଲେ । ନିଜ ମା'ଙ୍କ ସହ ପ୍ରିୟଙ୍କା ଗତ ରାତିରେ ୱାୟନାଡରେ ପହଞ୍ଚିଥିଲେ । ସେଠାରେ ସେମାନେ ସ୍ଥାନୀୟ ଲୋକଙ୍କ ସହ ବହୁ ଚର୍ଚ୍ଚା ଓ ଆଲୋଚନା କରିଥିଲେ । ଆଜି ପ୍ରିୟଙ୍କାଙ୍କ ନାମାଙ୍କନ ଦାଖଲ ବେଳେ ମା' ସୋନିଆ ଗାନ୍ଧି, ଭାଇ ରାହୁଲ ଗାନ୍ଧି, କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜ୍ଜୁନ ଖଡଗେଙ୍କ ସମେତ ଦଳର ବହୁ ଆଗ ଧାଡ଼ିର ନେତା ଉପସ୍ଥିତ ଥିଲେ । ନାମାଙ୍କନ ଦାଖଲ ପରେ ପ୍ରିୟଙ୍କା ଓ ରାହୁଲ ଆଜି କଲ୍ଲେପଟ୍ଟା ନ୍ୟୁ ବସ୍ ଷ୍ଟାଣ୍ଡ ନିକଟରୁ ଏକ ରୋଡ ଶୋ' କରିବେ ବୋଲି ଜଣାଯାଇଛି । ୱାୟନାଡ ଉପନିର୍ବାଚନ ନିମନ୍ତେ ଆସନ୍ତା ମାସ ୧୩ ତାରିଖରେ ମତଦାନ



ହେବ ।ଏହାପରେ ଆସନ୍ତା ୨୩ ତାରିଖରେ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ । ପ୍ରିୟଙ୍କା ଗାନ୍ଧି ଭଦ୍ରା ଜିତିଲେ ସେ ପ୍ରଥମ ଥର ପାଇଁ ସଂସଦକୁ ଯିବେ । ଫଳରେ ପ୍ରଥମ ଥର ପାଇଁ ଗାନ୍ଧି ପରିବାରର ୩ ସଦସ୍ୟ ସୋନିଆ ଓ ତାଙ୍କ ପୁଅଝିଅଙ୍କୁ ଏକ ସଙ୍ଗେ ସଂସଦରେ ଦେଖିବାକୁ ମିଳିବ । ପ୍ରିୟଙ୍କା ପ୍ରଥମ ଥର ରାଜନୀତି ମଇଦାନକୁ ଓହ୍ଲାଉଥିବା ବେଳେ ତାଙ୍କ ନିକଟରେ ସ୍ୱାମୀ ରବର୍ଟ ଭଦ୍ରାଙ୍କୁ କିନ୍ତୁ ଦେଖିବାକୁ ମିଳି ନ ଥିଲା । କିନ୍ତୁ ପତ୍ନୀଙ୍କ ଏହି ନୂଆ । କାମ ପାଇଁ ରବର୍ଟ ଭଦ୍ରା ସୋଶାଲ ମିଡିଆରେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ନୂଆ ଯାତ୍ରା ପାଇଁ ଶୁଭକାମନା ତୁମକୁ ସମର୍ଥନ କରିବାକୁ ମୁଁ ସବୁବେଳେ ତୁମ ସହ ରହିଛ । ଭଗବାନ ତୁମକୁ ସହାୟ ହୁଅନ୍ତୁ୍ୟ ଦେଶବାସୀ ସଂସଦରେ ତୁମ ଆଗମନ ପାଇଁ ଅପେକ୍ଷା କରିଛନ୍ତି ବୋଲି କହିଛନ୍ତି ରୋବର୍ଟ ଭଦ୍ରା ।

# ଗ୍ୟାଙ୍ଗଷ୍ଟର ଛୋଟା ରାଜନକୁ ମିଳିଲା ଜାମିନ

**ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି):** ଗ୍ୟାଙ୍ଗଷ୍ଟର ଛୋଟା ରାଜନକୁ ମିଳିଲା ବଡ଼ ଆଶ୍ୱସ୍ତି । ୨୦୦୧ ହୋଟେଲ ବ୍ୟବସାୟୀ ଜୟା ଶେଟ୍ଟୀଙ୍କ ହତ୍ୟାକାଣ୍ଡ ମାମଲାରେ ମିଳିଲା ଜାମିନ । ବମ୍ବେ ହାଇକୋର୍ଟ ତାକୁ ଜମାନି ପ୍ରଦାନ କରିଛନ୍ତି । ଏକ ଲକ୍ଷ ଟଙ୍କା ମୁଚଲିକାରେ ତାକୁ ଏହି ଜାମିନ ପ୍ରଦାନ କରାଯାଇଛି । ହୋଟେଲ ବ୍ୟାବସୟୀ ଜୟା ଶେଟ୍ଟୀ ହତ୍ୟା ମାମଲାରେ ଛୋଟା ରାଜନ ଦୋଷୀ ସାବ୍ୟସ୍ତ ହୋଇଥିଲା । ଚଳିତ ବର୍ଷ ମେ' ୩୦ ତାରିଖରେ ଏକ ସ୍ୱତନ୍ତ୍ର ମୋକକା ଅଦାଲତ ଛୋଟା ରାଜନ ଓ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ କିଛି ଲୋକଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ । ତେବେ ବମ୍ବେ ହାଇକୋର୍ଟ ଆଜି ଏହି ଦଣ୍ଡରୁ ମୁକ୍ତ କରିବା ସହ ଛୋଟା ରାଜନକୁ ଜାମିନ ପ୍ରଦନା କରିଛନ୍ତି ।ଜଷ୍ଟିସ ରେବତି ମୋଇତେ ଡେରେ ଓ ଜଷ୍ଟିସ ପୃଥ୍ୱୀରାଜ ଚୌହାନଙ୍କ ଖଣ୍ଡପୀଠ ତାଙ୍କୁ ଜମିନ ପ୍ରଦାନ କରିବା ସହ ବେଲ ବଣ୍ଡ ବାବଦକୁ ଏକ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଛୋଟା ରାଜନକୁ ଜାମିନ ମିଳିଥିଲେ ସୁଦ୍ଧା ଅନ୍ୟ ଅପରାଧିକ ମାମଲାରେ ସେ ଜେଲରେ ହିଁ ରହିବ । ଛୋଟା ରାଜାନ ବିରୋଧରେ ବଟି ଆଦାୟ ଓ ଏ ସମ୍ବନ୍ଧୀୟ



ଅନେକ ଅପରାଧିକ ମାମଲା ରୁଜୁ ହୋଇଛି । ତେଣୁ ହୋଟେଲ ମାଲିକଙ୍କୁ ହତ୍ୟା ମାମଲାରେ ତାଙ୍କ ତଥା ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଗଉଡଉଇ ଅଧୀନରେ ମଧ ମାମଲା ରୁଜୁ କରାଯାଇଥିଲା । ଏହି ହତ୍ୟା ମାମଲାରେ ଅନ୍ୟ ତିନିଜଣ ଅଭିଯୁକ୍ତଙ୍କୁ ଦୁଇଟି ପୃଥକ ପୃଥକ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଏବଂ ପ୍ରମାଣ ଅଭାବରୁ ଜଣେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ । ୨୦୦୧ ମେ' ୪ ତାରିଖରେ ମୁମ୍ବାଇର ଗ୍ରାମଦେବୀରେ ଥିବା ଗୋଲ୍ଡେନ କ୍ରାଉନ ହୋଟେଲର ମାଲିକ ଜୟା ଶେଟ୍ଟୀଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଛୋଟା ରାଜନ ଗ୍ୟାଙ୍ଗର ଦୁଇ ଜଣ ସଦସ୍ୟ ତାଙ୍କୁ ହତ୍ୟା କରିଥିଲେ ।ଛୋଟା ରାଜନ ବିଦେଶରେ ରହୁଥିବାବେଳେ ଭାରତରେ ନିଜ ଗ୍ୟାଙ୍ଗ ଚଳାଉଥିଲା । ୨୦୧୫ରେ ଇଣ୍ଡୋନେସିଆରୁ ତାକୁ ଗିରଫ କରାଯାଇଥିଲା । ଅକ୍ଟୋବର ୨୦୧୫ରେ ସେଠାରୁ ଭାରତକୁ ଅଣାଯାଇଥିଲା । ସେବେଠାରୁ ସେ ନୂଆଦିଲ୍ଲୀର ତିହାର ଜେଲରେ ଅଛି । ୨୦୧୧ ମସିହାରେ ସାମ୍ବାଦିକ ଜେ ଡେଙ୍କ ହତ୍ୟା ମାମଲାରେ ରାଜନ ଆଜୀବନ କାରାଦଣ୍ଡ କାଟୁଛି ।କହିରଖୁ ଯେ, ୧୯୯୩ ମସିହାରେ ମୁମ୍ବାଇ ସିରିଏଲ ବିସ୍ଫୋରଣ ପରେ ଦାଉଦ ଇବ୍ରାହିମଙ୍କ ନିକଟରେ ଥିବା ଛୋଟା ରାଜନ ଦାଉଦ ଗ୍ୟାଙ୍ଗରୁ ଅଲଗା ହୋଇଯାଇଥିଲେ ।

# ବୋମା ଧମକ ନେଇ ସୋସିଆଲ୍ ମିଡିଆ ସାଇଟ୍ 'ଏକ୍ସ' ଉପରେ ବର୍ଷିଲେ କେନ୍ଦ୍ର ସରକାର

**ମୁମ୍ବାଇ,୨୪।୧୦(ଏଜେନ୍ସି):** ଗତ କିଛି ଦିନ ହେବ ଅନେକ ଭାରତୀୟ ଘରୋଇ ତଥା ଆନ୍ତର୍ଜାତୀୟ ବିମାନଗୁଡ଼ିକୁ ବୋମା ଧମକ ମିଳି ସାରିଲାଣି । ଏହି କାରଣରୁ କେନ୍ଦ୍ର ସରକାର ବୁଧବାର ସୋସିଆଲ ମିଡିଆ ସହ ଏକ ବୈଠକ କରି ସମାଧାନର ବାଟ ଖୋଜିଛନ୍ତ । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଦ୍ୱାରା ଏୟାରଲାଇନ୍ସ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ଓ ମେଟାର ଅଧିକାରୀମାନଙ୍କ ସହ ଏକ ବେଠକ ଡକା ଯାଇଥିଲା । ସେଥିରେ କେନ୍ଦ୍ର ସରକାର ସୋସିଆଲ ମିଡିଆ ପ୍ଲାଟଫର୍ମର ଅଧିକାରୀମାନଙ୍କ ଉପରେ ବର୍ଷି ଯାଇଛନ୍ତି । ଦିଲ୍ଲୀ



ପୁଲିସ୍ ଅଭିଯୁକ୍ତ ବ୍ୟବହାରକାରୀଙ୍କ ସୋସିଆଲ୍ ମିଡିଆ ଆଇଡି କିମ୍ବା କିଛି ଡୋମେନର ସବିଶେଷ ତଥ୍ୟ ପାଇବାରେ ବିଫଳ ହେବା ପରେ କେନ୍ଦ୍ର ମାଇକ୍ରୋବ୍ଲଗିଂ ସାଇଟକୁ ଏବେ ଏହି ଦାୟିତ୍ୱ ଦେଇଛନ୍ତି । ଗତ ଆ।ଠ ଦିନ ମଧ୍ୟରେ ୯୫ ରୁ ଅଧିକ ଘରୋଇ ଏବଂ ଆନ୍ତର୍ଜାତୀୟ ବିମାନକୁ ବୋମା ଧମକ ମିଳିବା ପରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି । ପ୍ରଭାବିତ ବିମାନଗୁଡ଼ିକରେ ଆକାସା, ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ଭିସ୍ତାରା ଆଦି ରହିଛି । ଏହି ବିମାନଗୁଡ଼ିକ ଦିଲ୍ଲୀରୁ ବିଭିନ୍ନ ଘରୋଇ ତଥା ଆନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳକୁ ସେବା ଯୋଗାଇଥାନ୍ତି । ବୋମା ଧମକ ସଂପର୍କରେ ଦିଲ୍ଲୀ ପୁଲିସ ଆଠଟି ମାମଲା ଦାୟର କରିଛି । ଯେଉଁ ଏକ୍ସ ପୋଷ୍ଟଗୁଡ଼ିକରେ ଧମକ ମିଳିଥିଲା ସେହି ଆକାଉଣ୍ଟଧାରୀଙ୍କ ସଂପର୍କରେ ସୂଚନା ପାଇଁ କେନ୍ଦ୍ର ସରକାର ଏକ୍ସକୁ କହିଛନ୍ତି । ଉଲ୍ଲେଖଯୋଗ୍ୟ, ବେଙ୍ଗାଲୁରୁ ଅଭିମୁଖେ ଆକାସା ଏୟାର ବିମାନକୁ ଟାର୍ଗେଟ କରି ଏକ୍ସ ମାଧ୍ୟମରେ ମିଳିଥିବା ବୋମା ଧମକ ପରେ ଅକ୍ଟୋବର ୧୬ ତାରିଖରେ ପ୍ରଥମ ମାମଲା ପଞ୍ଜିକୃତ ହୋଇଥିଲା ।

# ୩୮ ଆସନରେ ପ୍ରାର୍ଥୀ ଦେଲା ଏନସିପି

**ମୁମ୍ବାଇ,୨୪।୧୦(ଏଜେନ୍ସି):** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଅଜିତ ପାୱାରଙ୍କ ଏନସିପି ୩୮ ଆସନ ଲାଗି ପ୍ରାର୍ଥୀ ଘୋଷଣା କରିଛି । ୟେଭଲାରୁ ଛଗନ ଭୁଜବଳ ପ୍ରାର୍ଥୀ ହୋଇଥିବା ବେଳେ କାଗଲରୁ ହସନ ମୁଶିଫଙ୍କୁ ଟିକେଟ୍ ଦେଇଛି ଦଳ । ଦଳ ସୁପ୍ରିମୋ ଅଜିତ ପାୱାର ନିଜର ପାରମ୍ପରିକ ଆସନ ବାରମତୀରୁ ନିର୍ବାଚନ ଲଢ଼ିବେ । ସେହିଭଳି ଦିଲ୍ଲୀପ ୱାଲସେ ପାଟିଲ୍ ଆମ୍ବେଗାଓଁ ଆସନରୁ ପ୍ରାର୍ଥୀ ହୋଇଥିବା ବେଳେ ଧନଞ୍ଜୟ ମୁଣ୍ଡେ ପରାଲି ଏବଂ ନରହରି ଝିରୱାଲ ଡିଣ୍ଡୋରିରୁ ନିର୍ବାଚନ ଲଢ଼ିବେ । ଆ।ଗାମି ବିଧାନସଭା ନିର୍ବାଚନରେ ଶରଦ ପାୱାର ନିଜ ପୁତୁରା ଯୁଗେନ୍ଦ୍ର ପାୱାର ବିପକ୍ଷରେ ପ୍ରାର୍ଥୀ ହୋଇଛନ୍ତି । ଶରଦ ପାୱାର ନେତୃତ୍ୱାଧୀନ ଏନସିପିରୁ ବାରମତୀରୁ ପ୍ରାର୍ଥୀ ହୋଇଛନ୍ତି ଯୁଗେନ୍ଦ୍ର ପାୱାର । ସେ ଅଜିତ ପାୱାରଙ୍କ ଭାଇ ଶ୍ରୀନିବାସ ପାୱାରଙ୍କ ପୁଅ । ବାରମତୀର ବିଦ୍ୟା ପ୍ରତିଷ୍ଠାନ ସଂସ୍ଥାର କୋଷାଧ୍ୟକ୍ଷ ଅଛନ୍ତି ଯୁଗେନ୍ଦ୍ର । ମହାରାଷ୍ଟ୍ରରେ ଏନଡିଏରେ ଆସନ ବଣ୍ଟନ ପ୍ରାୟ ସ୍ଥିର ହୋଇସାରିଛି । ଭାରତୀୟ ଜନତା ପାର୍ଟି ୧୫୦ ରୁ ୧୫୫ ଟି ସିଟ୍ ପାଇଁ ପ୍ରାର୍ଥୀ ଦେଇପାରେ । ଏଠାରେ ଏକନାଥ ସିନ୍ଦେଙ୍କ ଶିବସେନା ୭୮ ଟି ସିଟ୍ ପାଇବାର ସମ୍ଭାବନା ରହିଛି । ଏଥିସହ ଅଜିତ ପାୱାରଙ୍କ ଦଳକୁ ୫୨ ରୁ ୫୪ ଟି ସିଟ୍ ମିଳିପାରେ । ଏନଡିଏରେ ସିଟ୍ ବଣ୍ଟନକୁ ନେଇ ଅନେକ ପର୍ଯ୍ୟାୟ ଆଲୋଚନା ହୋଇଛି । ଏହାର ବିଧିବଦ୍ଧ ଘୋଷଣା ଯେକୌଣସି ସମୟରେ କରାଯାଇପାରେ । ନିର୍ବାଚନ ଆୟୋଗଙ୍କ ଅନୁସାରେ, ମହାରାଷ୍ଟ୍ରର ମୋଟ୍ ୨୮୮ ବିଧାନସଭା ଆସନରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ହେବ । ନଭେମ୍ବର ୨୦ରେ ଭୋଟିଂ ହେବାକୁ ଥିବା ବେଳେ ନଭେମ୍ବର ୨୩ ରେ ଫଳାଫଳ ଘୋଷଣା ହେବ । ନିର୍ବାଚନ ପୂର୍ବରୁ ଶାସକ ମହାୟୁତି ପୁଣି ଥରେ ଶାସନକୁ ଫେରିବ ବୋଲି ଦାବି କରୁଥିବା ବେଳେ ବିରୋଧୀ ମହାବିକାଶ ଅଘାଡ଼ି ଅଧିକ ଆସନରେ ବିଜୟୀ ହେବା ସହ ସରକାର ଗଢ଼ିବ ବୋଲି ଆଶା ରଖିଛି ।

# ଉପ-ନିର୍ବାଚନ ପାଇଁ ପ୍ରାର୍ଥୀ ବଦଳାଇଲା ପିକେଙ୍କ ଦଳ

**ପାଟନା,୨୪।୧୦(ଏଜେନ୍ସି):**ବିହାରର ନିର୍ବାଚନୀ ରାଜନୀତିରେ ପ୍ରଶାନ୍ତ କିଶୋର(ପିକେ)ଙ୍କ ଦଳ ଜନ ସୁରାଜ ଉପ-ନିର୍ବାଚନ ପାଇଁ ଚାରିଜଣ ପ୍ରାର୍ଥୀଙ୍କୁ ବଦଳାଇଛି । ରାଜ୍ୟର ରାଜନୈତିକ ସ୍ଥିତିକୁ ଦୃଷ୍ଟିରେ ରଖି ପିକେ ସତର୍କ ହୋଇ ପଦକ୍ଷେପ ଗ୍ରହଣ କରୁଛନ୍ତି । ପିକେ ଗୟାର ବେଲାଗଞ୍ଜ ଆ।ସନରେ ବାରମ୍ବାର ପ୍ରାର୍ଥୀ ବଦଳାଇବା ପ୍ରକ୍ରିୟା ଜାରି ରଖିଛନ୍ତି । ଏହାପୂର୍ବରୁ ଜନ ସୁରାଜ ପକ୍ଷରୁ ମହମ୍ମଦ ଅମଜାଦଙ୍କୁ ଏହି ଆ।ସନ ପାଇଁ ପ୍ରାର୍ଥୀ କରିଥିଲା ।



କିନ୍ତୁ ଟଙ୍କା ଅଭାବ ଦର୍ଶାଇ ଅମଜାଦ ତାଙ୍କ ନାମ ପ୍ରତ୍ୟାହାର କରି ନେଇଥିଲେ ।ଏହା ପରେ ପ୍ରଫେସର ଖିଲାଫତ ହୁସେନ୍‌ଙ୍କ ନାମ ନେଇ ଚର୍ଚ୍ଚା ହୋଇଥିଲା । ସେଠାରେ ଲେଫ୍ଟନାଣ୍ଟ ଜେନେରାଲ ଶ୍ରୀକୃଷ୍ଣ ସିଂଙ୍କୁ ପ୍ରଥମ ପ୍ରାର୍ଥୀ କରାଯାଇଥିଲା, କିନ୍ତୁ ତାଙ୍କ ନାମ ବିହାରର ଭୋଟର ତାଲିକାରେ ନ ଥିଲା, ଯେଉଁଥିପାଇଁ ସେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରି ନ ଥିଲେ । ଫଳସ୍ୱରୂପ ଦଳ ଏହି ଆସନରେ ଏବେ କିରଣ ସିଂଙ୍କୁ ପ୍ରାର୍ଥୀ କରିଛି । ବିହାରରେ ଉପ-ନିର୍ବାଚନ ପାଇଁ ଯେଉଁ ଆସନରେ ଭୋଟ୍ ଅନୁଷ୍ଠିତ ହେବ, ସେଥିରେ ଭୋଜପୁରର ତରାରି, କାଇମୁର ଜିଲ୍ଲାର ରାମଗଡ, ଗୟାର ବେଲାଗଞ୍ଜ ଏବଂ ଇମାମଗଞ୍ଜ ଅନ୍ତର୍ଭୁକ୍ତ । ନଭେମ୍ବର ୧୩ ରେ ଏହି ଚାରିଟି ଆସନରେ ମତଦାନ ଅନୁଷ୍ଠିତ ହେବ ଏବଂ ମହାରାଷ୍ଟ୍ର-ଝାଡଖଣ୍ଡ ନିର୍ବାଚନର ଫଳାଫଳ ସହିତ ଫଳାଫଳ ଘୋଷଣା କରାଯିବ । ଏହି ଉପ-ନିର୍ବାଚନରେ ସମସ୍ତ ବିଧାୟକ ଲୋକସଭା ନିର୍ବାଚନରେ ସାଂସଦ ଭାବରେ ନିର୍ବାଚିତ ହୋଇଛନ୍ତି । ତରାରି ବିଧାୟକ ସୁଦାମା ପ୍ରସାଦ ଆ।ରାରୁ, ରାମଗଡ ବିଧାୟକ ସୁଧାକର ସିଂ ବକ୍ସରରୁ, ଇମାମଗଞ୍ଜ ବିଧାୟକ ଜିତନ ରାମ ମାଂଝୀ ଗୟାରୁ ଏବଂ ବେଲାଗଞ୍ଜ ବିଧାୟକ ସୁରେନ୍ଦ୍ର ଯାଦବ ଜେହାନାବାଦରୁ ସାଂସଦ ହୋଇଛନ୍ତି । ଏଥର ଉପ-ନିର୍ବାଚନରେ ଗ୍ରାଣ୍ଡ ଆଲାଇନ୍ସର ବିଶ୍ୱସନୀୟତା ବିପଦରେ ରହିଛି । ଚାରିଟି ଆସନ ମଧ୍ୟରୁ ତିନିଟିରେ ମେଣ୍ଟର ବିଧାୟକ ଥିବାବେଳେ ଗୟାର ଇମାମଗଞ୍ଜ ଆସନରେ ଏନଡିଏର ବିଧାୟକ ରହିଥିଲେ । ଗ୍ରାଣ୍ଡ ଆଲାଏନ୍ସରୁ ଆରଜେଡି ତିନିଟି ଆସନରେ ଏବଂ ସିପିଆଇ (ଏମଏଲ) ଗୋଟିଏ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଏନଡିଏରୁ ବିଜେପି ଦୁଇଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବାର ସମ୍ଭାବନା ରହିଛି । ଜେଡିୟୁ ଏବଂ ହମ୍ ଗୋଟିଏ ଗୋଟିଏ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବାର ସମ୍ଭାବନା ରହିଛି । ଚଳିତ ଉପ-ନିର୍ବାଚନ ବିହାର ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହେବାକୁ ଯାଉଛି ବୋଲି ରାଜନୈତିକ ସମୀକ୍ଷକ ମତପୋଷଣ କରିଛନ୍ତି ।

# ମ୍ୟାକଡୋନାଲ୍ଡ ବର୍ଗର ଖାଇ ଜଣେ ମୃତ, ୧୦ ଅସୁସ୍ଥ

**ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି):**ବର୍ଗର ଖାଇବା ଆଜିକାଲିର ଯୁବପିଢିଙ୍କୁ ବେଶ୍ ପସନ୍ଦ । କେବଳ ଯୁବପିଢି ନୁହନ୍ତି ପିଲାଠୁ ଆରମ୍ଭ କରି ବୟସ୍କ, ସମସ୍ତେ ବର୍ଗର ଖାଇବାକୁ ପସନ୍ଦ କରନ୍ତି । କିନ୍ତୁ ଏହି ବର୍ଗର ଖାଇବା ଏବେ ମହଙ୍ଗା ପଡିଛି । ବର୍ଗର ଖାଇ ଚାଲି ଯାଇଛି ଜଣଙ୍କ ଜୀବନ । ସେହିପରି ୧୦ରୁ ଅଧିକ ଜଣ ଗୁରୁତର ହୋଇଛନ୍ତି । ଆମେରିକାରେ ଘଟିଛି ଏଭଳି କିଛି ଘଟଣା । ଆମେରିକାରେ ପ୍ରସିଦ୍ଧ ଫୁଡ୍ ଚେନ୍ ମ୍ୟାକଡୋନାଲ୍ଡ ବର୍ଗର ଖାଇବା ପରେ ଅସୁସ୍ଥ ହେବା ମାମଲା ସାମ୍ନାକୁ ଆସିଛି । କେବଳ ଏତିକି ନୁହେଁ, ବର୍ଗର ଖାଇବା ପରେ ଆମେରିକାରେ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଦଶରୁ ଅଧିକ ଲୋକ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତ । ଏହାପରେ କମ୍ପାନୀ ବର୍ଗର ବିକ୍ରି ଉପରେ କିଛି ସମୟ ପାଇଁ ବ୍ୟାନ୍ ଲଗାଇଛି । ଆମେରିକାର ରୋଗ ନିୟନ୍ତ୍ରଣ ଏବଂ ନିରାକରଣ କେନ୍ଦ୍ର କହିଛି ଯେ ଏହି ମାମଲା ମ୍ୟାକଡୋନାଲ୍ଡର ବର୍ଗର କ୍ୱାର୍ଟର ପାଉଣ୍ଡର ହାମବର୍ଗ ସହିତ ଜଡିତ । ଗୁରୁତର ବ୍ୟକ୍ତିଙ୍କ ଠାରେ ଇ.କୋଲି ନାମକ ଭାଇରସ ଚିହ୍ନଟ ହୋଇଛି । ସଂକ୍ରମଣ ହେତୁ ବର୍ତ୍ତମାନ ଦଶ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି, ଯେଉଁଥିରୁ ଗୋଟିଏ ଶିଶୁର ଅବସ୍ଥା ଗୁରୁତର ଥିବା କୁହାଯାଉଛି । ଆମେରିକାର ରୋଗ ନିୟନ୍ତ୍ରଣ ଏବଂ ନିରାକରଣ କେନ୍ଦ୍ର କହିଛି ଯେ ବର୍ଗର ଖାଇବା ପରେ ସଂକ୍ରମଣ ହେତୁ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି । ଅନୁସନ୍ଧାନରୁ ଜଣାପଡିଛି ସଂକ୍ରମିତ ଲୋକମାନେ ମ୍ୟାକଡୋନାଲ୍ଡର କ୍ୱାର୍ଟର ପାଉଣ୍ଡର ହେମବର୍ଗର୍ ଖାଇଥିଲେ । ତେବେ ସଂକ୍ରମଣର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣା ପଡିନାହିଁ, କିନ୍ତୁ ବର୍ଗରରେ ବ୍ୟବହୃତ କଟା ପିଆ।ଜ ଏବଂ ଗୋ-ମାଂସ ପ୍ୟାଟି ଉପରେ ଅନୁସନ୍ଧାନ ଚାଲିଛି । ତଦନ୍ତ ଶେଷ ହେବା ଯାଏ ମ୍ୟାକଡୋନାଲ୍ଡର ରେଷ୍ଟୁରାଣ୍ଟରୁ ଏହି ଦୁଇଟି ଜିନିଷର ବ୍ୟବହାର ଉପରେ ବ୍ୟାନ୍ ଲଗାଯାଇଛି । ମିଡିଆ ରିପୋର୍ଟ ଅନୁସାରେ, ସେପ୍ଟେମ୍ବର ମାସର ଶେଷ ଆଡ଼କୁ ବର୍ଗର ଖାଇ କିଛି ଲୋକ ଅସୁସ୍ଥ ହେବା ମାମଲା ସାମ୍ନାକୁ ଆସିଥିଲା । ବର୍ଗର ଖାଇ ସଂକ୍ରମିତ ହେବାର ମାମଲା ଆ।ମେରିକାର ୧୦ଟି ରାଜ୍ୟରେ ଦେଖିବାକୁ ମିଳିଛି, ସେଥିମଧ୍ୟରୁ ସର୍ବାଧିକ ୪୯ଟି ମାମଲା କୋଲେରାଡୋ ଏବଂ ନେବ୍ରାସ୍କା ଭଳି ରାଜ୍ୟରେ ଚିହ୍ନଟ ହୋଇଛି ।

# ମହିଳା ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ

**ସାନଖେମୁଣ୍ଡି,(ନି.ପ୍ର):** ଶୁକ୍ରବାର ଦିନ ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ମୌଳାଭଞ୍ଜା ପଞ୍ଚାୟତର ମହିଳା ସରପଞ୍ଚ ବର୍ଷା ସେଠୀଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଭିଯୋଗ ହୋଇଛି । ଯେହେତୁ ସରପଞ୍ଚ ଶ୍ରୀମତୀ ସେଠୀ ପଞ୍ଚାୟତର ଦାୟିତ୍ୱ ନେବା ପରଠାରୁ ପଞ୍ଚାୟତ କାର୍ଯ୍ୟାଳୟକୁ ନ ଆସିବା, ବିଭିନ୍ନ ଦୁର୍ନୀତି ମାମଲାରେ ଛନ୍ଦି ହେବା, ନିଜର ମନୋମୁଖୀ ଶାସନ, ପଞ୍ଚାୟତର ବିକାଶ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ହିତାଧିକାରୀଙ୍କ ନିମନ୍ତେ ଆସୁଥିବା ଯୋଜନା ହସ୍ତକ୍ଷେପ ନ କରିବା, ୱାର୍ଡ ମେମ୍ବର ଓ ନାଏବ ସରପଞ୍ଚ ମାନଙ୍କୁ ଅଣଦେଖା କରିବା ସହ କୌଣସି କାର୍ଯ୍ୟକ୍ରମରେ ଅବଗତ ନ କରାଇ ପଞ୍ଚାୟତରେ ପଲ୍ଲୀ ସଭା ଆୟୋଜନ କରିବା ଉପରେ ଅତିଷ୍ଠ ହୋଇ ୧୮ ଜଣ ୱାର୍ଡ ସଭ୍ୟ ମଧ୍ୟରୁ ୧୫ ଜଣ ଏକତ୍ରିତ ହୋଇ ସରପଞ୍ଚଙ୍କ ବିରୋଧରେ ମେଳି ବାନ୍ଧିଥିଲେ । ଯାହାକୁ ନେଇ ସେମାନେ ବ୍ରହ୍ମପୁର ଉପ ଜିଲ୍ଲାପାଳ ଧୀନା ଦସ୍ତାଗିରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ସରପଞ୍ଚଙ୍କ ଏଭଳି ମନୋମୁଖୀ କାର୍ଯ୍ୟ ବିରୋଧରେ ନାଏବ ସରପଞ୍ଚ ବିଟୁ ଗୌଡଙ୍କ ସଭାପତିତ୍ୱରେ ନୂଆଁ ମୌଳାଭଞ୍ଜା ସ୍ଥିତ କୋଠଘର ଗୃହରେ ଆୟୋଜିତ ଏକ



ସ୍ୱତନ୍ତ୍ର ବୈଠକରେ ପଞ୍ଚାୟତର ୧୫ ଜଣ ୱାର୍ଡ ସଭ୍ୟ ସଭ୍ୟା ମାନେ ଯୋଗଦେଇ ଏକ ବୈଠକ କରିବା ସହିତ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ପ୍ରସ୍ତାବ ଆଗତ କରିଥିଲେ । ତାଙ୍କ ସ୍ୱାମୀ ପିଣ୍ଟୁ ସେଠୀଙ୍କ ସଭାପତିତ୍ୱରେ କାର୍ଯ୍ୟ ତୁଲାଉଥିବା ନେଇ ଅଭିଯୋଗ କରିଛନ୍ତି । ବିଭିନ୍ନ ସାହିରେ ଆଲୁଅ ବ୍ୟବସ୍ଥା ସମ୍ପର୍କିତ ଖର୍ଚ୍ଚ, ଦୀର୍ଘ ଦିନରୁ ଭତ୍ତା ପାଉନଥିବା ଯୋଗ୍ୟ ହିତାଧିକାରୀଙ୍କୁ ଅଣଦେଖା କରି ନିଜ ଶାଶୁ ଶଶୁର ସମ୍ପର୍କୀୟଙ୍କୁ ପ୍ରାଧାନ୍ୟ ଦେଇ ମଧୁବାବୁ ପେନସନରେ ଅନ୍ତର୍ଭୁକ୍ତ କରିବା ସହ ହରିଶ୍ଚନ୍ଦ୍ର ଯୋଜନାରେ ହିତାଧିକାରୀଙ୍କ ଅଗ୍ରୀମ ଟଙ୍କା ଚେକ୍ ମାଧ୍ୟମରେ ସ୍ୱାମୀ ପିଣ୍ଟୁ ସେଠୀ ପ୍ରତ୍ୟକ୍ଷ ଭାବେ ବ୍ୟାଙ୍କରୁ ଟଙ୍କା ଉଠାଣ କରିବା ଆଇନ ସଂଗତ ନୁହଁ ବୋଲି ଉପସ୍ଥିତ ୱାର୍ଡ ସଭ୍ୟ ସଭ୍ୟା ଅଭିଯୋଗ କରିଛନ୍ତି । ଏପରିକି ପଞ୍ଚାୟତର କାର୍ଯ୍ୟାଳୟରେ ଥିବା ଜେରକ୍ସ ମେସିନକୁ ନିଜ ଘରେ ରଖି ତାହା ପରବର୍ତ୍ତୀ ସମୟରେ ଫେରାଉ ନାହାଁନ୍ତି ।

# ଆୟୁର୍ବେଦିକ ଫାର୍ମାସିକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଦାବି

**ଆସିକା,(ନିପ୍ର) :** ଆସିକାର ସର୍ବପୁରାତନ ଆୟୁର୍ବେଦିକ ଔଷଧ କାରଖାନା କୁ ପୁନଃ କାର୍ଯ୍ୟକ୍ଷମ ଏବଂ କର୍ମଚାରୀ ମାନଙ୍କୁ ଦରମା ଦେବାକୁ ନେଇ ଏକ ସମବାୟ ପ୍ରତିନିଧି ଦଳ ଆସିକା ଏଆରସିଏସ ବିଜୟ କୁମାର ସାହୁଙ୍କୁ ଭେଟି ଆଲୋଚନା କରିଥିଲେ । ଦକ୍ଷିଣ ଓଡିଶାର ଗୋଟିଏ ମାତ୍ର ସୁନାମ ଧନ୍ୟ ଏହି ଉତ୍କଳ ଆୟୁର୍ବେଦିକ ଫକ୍ଷର୍ମାସୀ ଲିଃରେ ଗତ ୨୦୨୩ ମସିହାରୁ ପରିଚାଳନା କମିଟି ମଧ୍ୟରେ ଦୁଇ ଗୋଷ୍ଠି ହୋଇ ବହୁ ଅସୁବିଧା ସୃଷ୍ଟି ହୋଇଥିଲା । ନିର୍ବାଚିତ ପରିଚାଳନା କମିଟିର ସଠିକ ଭାବେ ଆୟୁର୍ବେଦିକ କାରଖାନାକୁ ପରିଚାଳନା ନହେବା ହୃଦବୋଧ କରି ରାଜ୍ୟ ସରକାର ପରିଚାଳନା କମିଟିକୁ ବାଦ ଦେଇ ସ୍ଥାନୀୟ ଏଆରସିଏସକୁ ଦାୟିତ୍ୱ ପ୍ରଦାନ କରିଥିଲେ । ଆସ୍କା ଏଆରସିଏସ ଦାୟିତ୍ୱ ନେବା ବେଳକୁ ଆସ୍କା ଆୟୁର୍ବେଦିକର ଅବସ୍ଥା ବହୁ ଶୋଚନୀୟ ରହିଥିଲା । ଦାୟିତ୍ୱର କିଛିଦିନ ପରେ ଆୟୁର୍ବେଦିକ ଫାର୍ମାସିର ସ୍ଥିତାବସ୍ଥା ଏକ ପ୍ରକାର ସୁଧାରିବା ସ୍ଥିତିକୁ ଆସିଥିଲା ।

ଆୟୁର୍ବେଦିକ ଫର୍ମାସୀ ଅଧୀନରେ ଥିବା ୧୫ ଜଣ କର୍ମଚାରୀ ମାନଙ୍କୁ ଆଠ ମାସର ଦରମା ଏବଂ ବୋନସ ସହ ପୁରୁଣା ପରିଚାଳନା କମିଟି ଦ୍ୱାରା ବକେୟା ଥିବା ଶ୍ରମିକ ମାନଙ୍କ ଭବିଷ୍ୟନିଧି ପାଣ୍ଠି, ରାଜ୍ୟ ସ୍ୱାସ୍ଥ୍ୟ ବୀମା, ଜିଏସଟିକୁ କିଛି ମାସ ହେଲା ସଠିକ ଭାବେ ଟଙ୍କା ପୈଠ କରାଯାଇଛି ବୋଲି ଏଆରସିଏସ ପ୍ରକାଶ କରିଛନ୍ତି । ଏହି ଫର୍ମାସୀର ଶାଖା ଓଡିଶା ସମେତ ଆନ୍ଧ୍ରରେ ମଧ ରହିଛି । ଓଡ଼ିଶାରେ ବ୍ରହ୍ମପୁର, ଭୁବେନେଶ୍ୱର, ଢେଙ୍କାନାଳ ପୁରୀ, ରାଉଲକେଲା, ଗୁଣୁପୁର ଏବଂ ଆନ୍ଧ୍ରର ପାରଳାଖେମୁଣ୍ଡି, ସୋମପେଣ୍ଟାକୁ ଆସିକାରୁ ତିଆରି ହୋଇଥିବା ଔଷଧ ଏହି ଶାଖା କାର୍ଯ୍ୟାଳୟରେ ବିକ୍ରି ହେଉଛି । ଏହି କର୍ମଚାରୀ ମାନଙ୍କୁ ଗତ ଫେବୃଆରୀ ୨୪ ମସିହାରୁ ଆଜି ପର୍ଯ୍ୟନ୍ତ ଦରମା ମିଳିନାହିଁ । ଗୋଟିଏ ପଟେ ଦୁର୍ଗାପୂଜା, କୁମାର ପୂର୍ଣ୍ଣମାରେ ମଧ ଶ୍ରମିକ ମାନେ ଦରମା ନପାଇ ପରିବାର ପ୍ରତି ପୋଷଣ କରିବା କଷ୍ଟକର ହୋଇଛି । ରାଜ୍ୟ ସରକାରଙ୍କୁ ଆୟୁଷ ବିଭାଗ ଅଚାନକ ପରିଦର୍ଶନରେ ଆସିବା ବେଳେ ସ୍ଥାୟୀ ସମ୍ପାଦକ ନଥିବାରୁ ଆବଶ୍ୟକ କାଗଜ ପତ୍ର ଦେଖି ନପାରି ଲାଇସେନ୍ସ କୁ ବନ୍ଦ କରିଥିଲେ । ଏହା ଏଆର ସି ଏସ ଜାଣିବା ପରେ ଆବଶ୍ୟକ ସମସ୍ତ କାଗଜ ପତ୍ର ଦାଖଲ କରିଛନ୍ତି । ରାଜ୍ୟ ସରକାର ଶୀଘ୍ର ଲାଇସେନ୍ସକୁ ନବୀକରଣ ପରି ଅନୁମତି ଦେଲେ ଯଥାଶୀଘ୍ର ଏହି ଔଷଧ କାରଖାନା ପୁନଃ କାର୍ଯ୍ୟକ୍ଷମ ହୋଇ ପୁଣି ସୁନାମ ଅର୍ଜନ କରିବ । ଏହି ସମ୍ପର୍କରେ ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଯୋଗେନ୍ଦ୍ର ନାଥ ପ୍ରଧାନ, ରଞ୍ଜନ କୁମାର ପଣ୍ଡା, ସମେତ ସୁବାଷ ମହାନ୍ତି, ଅନିଲ ପାଣିଗ୍ରାହୀ ଓ କିଛି ଶ୍ରମିକ ଉପସ୍ଥିତ ରହି ଆଲୋଚନା କରିଥିଲେ । ଏହି କର୍ମଚାରୀ ମାନଙ୍କୁ ମଧ ଶୀଘ୍ର ଦରମା ଦିଆଯିବ ବୋଲି ଏଆରସିଏସ ପ୍ରକାଶ କରିଛନ୍ତି ।

# ଟାଟା ମୋଟରର୍ସ "କଷ୍ଟମର କେୟାର ମହୋତ୍ସବ"

**ଭୁବନେଶ୍ୱର,୨୪।୧୦ (ମହାଭାରତ):** ଟାଟା ମୋଟର୍ସ, ଭାରତର ସର୍ବବୃହତ୍ ବାଣିଜ୍ୟିକ ଯାନ ନିର୍ମାଣକାରୀ ପ୍ରତିଷ୍ଠାନ, ଏହାର କଷ୍ଟମର କେୟାର ମହୋତ୍ସବ ୨୦୨୪ ଶୁଭାରମ୍ଭର ଘୋଷଣା କରିଛି ଯାହାକି, ବ୍ୟବସାୟୀକ ଯାନ ଗ୍ରାହକମାନଙ୍କ ପାଇଁ ୨୪ ଡ଼ିସେମ୍ବର, ୨୦୨୪ ପର୍ଯ୍ୟନ୍ତ ଏକ ବ୍ୟାପକ ବ୍ୟବସାୟୀକ ସମ୍ମିଳିତ କାର୍ଯ୍ୟକ୍ରମ ଅଟେ । ମୂଲ୍ୟଯୁକ୍ତ କାର୍ଯ୍ୟକ୍ରମର ଏହି ବିଶେଷତ୍ୱ ସମଗ୍ର ଦେଶରେ ପ୍ରାୟ ୨୫୦୦ରୁ ଉର୍ଦ୍ଧ୍ୱ ସ୍ୱୀକୃତି ପ୍ରାପ୍ତ ସେବା ଆଉଟଲେଟ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହେବ ଯାହାକି ପରିବହନ ମାଲିକ ତଥା ଚାଳକମାନଙ୍କ ମଧ୍ୟରେ ଏକ ସୌହାର୍ଦ୍ଦପୂର୍ଣ୍ଣ ଆଲୋଚ଼ନା ତଥା ଅର୍ନ୍ତଦୃଷ୍ଟି କୋଣର ସୁଯୋଗ ଆଣିପାରିବ । ଏହି ମହୋତ୍ସବ ମାଧ୍ୟମରେ ଗ୍ରାହକମାନେ ବିଭିନ୍ନ ପ୍ରକାର ପରିସରର ସୁବିଧା ଲାଭ କରିପାରିବେ ଯାହା ମଧ୍ୟରେ ରହିଛି, ଦକ୍ଷ କୁଶଳୀ କାରିଗରମାନଙ୍କ ଦ୍ୱାରା ସଠିକ୍ ଭାବରେ ଯାନର ପରୀକ୍ଷା ନିରୀକ୍ଷା ଏବଂ ମୂଲ୍ୟଯୁକ୍ତ ସେବା ଗୁଡ଼ିକର ଗ୍ରହଣକାରିତା । ଅତିରିକ୍ତ ଭାବରେ ଚାଳକମାନେ ସୁରକ୍ଷା ଏବଂ ଇନ୍ଧନ ସଂଚୟକାରୀ ଚାଳନା ଅଭ୍ୟାସ ସହିତ ସମ୍ପୂର୍ଣ୍ଣ ସେବା ୨.୦ ସଂସ୍କରଣ ପଦକ୍ଷେପ ଗୁଡ଼ିକର ନିଜସ୍ୱ କାରିଗରୀ ଇତ୍ୟାଦିର ବର୍ଦ୍ଧିତ ପ୍ରଶିକ୍ଷଣ ଗ୍ରହଣ କରପାରିବେ ।

କଷ୍ଟମର କେୟାର ମହୋତ୍ସବ ୨୦୨୪ର ଏହି ସଂସ୍କରଣର ଶୁଭାରମ୍ଭ କରି ଗୀରିଶ ୱାଘ, ଏକ୍ସିକ୍ୟୁଟିଭ ଡ଼ାଇରେକ୍ଟର, ଟାଟା ମୋଟର୍ସ ମତବ୍ୟକ୍ତ କରିକହିଥିଲେ, "ଆମେ ଚ଼ଳିତ ବର୍ଷ ଏହି କଷ୍ଟମର କେୟାର ମହୋତ୍ସବକୁ ପୁଣି ଥରେ ଫେରାଇ ଆଣିଛୁ ଯାହାକି ୨୩ ଅକ୍ଟୋବରରୁ ଆରମ୍ଭ ହେବାକୁ ଯାଉଛି ଏଥିପାଇଁ ଆମେ ଅତ୍ୟନ୍ତ ଉତ୍ସାହିତ । ଏହି ଦିନଟି ଆମ ସମସ୍ତଙ୍କ ପାଇଁ ଏକ ବିଶେଷ ଆକର୍ଷଣର ଦିନ ଅଟେ କାରଣ ୧୯୫୪ ମସିହାରେ ଆମେ ଆମର ସର୍ବପ୍ରଥମ ବ୍ୟବସାୟୀକ ଯାନକୁ ବିକ୍ରୟ କରିଥିଲୁ ଏବଂ ବର୍ତ୍ତମାନ ଆମେ ଏହାକୁ ଗ୍ରାହକ ଯତ୍ନ ଦିବସ ଭାବରେ ପାଳନ କରୁଛୁ ।

# କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି

**କଟକ, (ନିପ୍ର) :** ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ କଟକ ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ନେଇ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ଭାବ୍ୟ ବାତ୍ୟାର ସଫଳ ମୁକାବିଲା ନିମନ୍ତେ ସମସ୍ତ ବିଭାଗ ସଜାଗ ରହିବାକୁ କଟକ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ଥିବା ସମସ୍ତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଓ ଅନ୍ୟାନ୍ୟ ଆଶ୍ରୟସ୍ଥଳୀଗୁଡିକୁ ପ୍ରସ୍ତୁତ ରଖିବା, ଆଶ୍ରୟସ୍ଥଳୀ ଗୁଡିକରେ ପାନୀୟ ଜଳ, ଖାଦ୍ୟ, ଶୌଚାଳୟ ଓ ବିଜୁଳି ଭଳି ମୌଳିକ ସୁବିଧା ଉପଲବ୍ଧ କରାଇବା ନିମନ୍ତେ ସମସ୍ତ ବିଡିଓ ଏବଂ ସହରାଂଚଳ ସ୍ୱାୟତ ଶାସନ ସଂସ୍ଥାର ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ପ୍ରତ୍ୟେକ ଆଶ୍ରୟସ୍ଥଳୀରେ ଅତିକମରେ ତିନିଜଣ ଲେଖାଏଁ ସରକାରୀ ଅଧିକାରୀ ନିୟୋଜିତ କରିବାକୁ ବିଡିଓ ଓ ତହସିଲଦାରମାନଙ୍କୁ କୁହଯାଇଛି ।

ପବନ ବହିବା ସମୟରେ ଘରୁ ବାହାରକୁ ନଯିବା ନିମନ୍ତେ ଜନସାଧାରଣଙ୍କୁ ସଚେତନ କରିବାକୁ କୁହାଯାଇଛି । ଜିଲ୍ଲାରେ ୨୪ ଘଂଟିଆ କଂଟ୍ରୋଲ ରୁମ ଖୋଲାଯିବା ସହ ଜିଲ୍ଲାର ସମସ୍ତ ଡାକ୍ତରଖାନାରେ ଆବଶ୍ୟକୀୟ ଔଷଧ ଓ ଡାକ୍ତର ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ଚାଷୀମାନେ ସେମାନଙ୍କ ଅମଳ ହୋଇସାରିଥିବା ଫସଲକୁ ସୁରକ୍ଷିତ ସ୍ଥାନକୁ ନେଇଯିବା ସହ ଗୃହପାଳିତ ପଶୁମାନଙ୍କୁ ମାଟି ଘରେ ନ ରଖି ସୁରକ୍ଷିତ ସ୍ଥାନକୁ ନେଇଯିବାକୁ ପରାମର୍ଶ ଦିଆଯିବା ସହ ଆବଶ୍ୟକ ପରିମାଣର ଗୋଖାଦ୍ୟ ମହଜୁଦ ରଖିବାକୁ ଜିଲ୍ଲା ମୁଖ୍ୟ ପ୍ରାଣୀସମ୍ପଦ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟା ପରବର୍ତ୍ତୀ ସମୟରେ ବିପର୍ଯ୍ୟସ୍ତ ସଡକ, ବିଜୁଳି ଓ ଟେଲି ଯୋଗାଯୋଗ ବ୍ୟବସ୍ଥାରେ ତ୍ୱରିତ ବେଗରେ ସୁଧାର ଆଣିବାକୁ ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି ।

# ବରିଷ୍ଠ ନାଗରିକ ସଂଗଠନର ତୃତୀୟ ସାଧାରଣ ଅଧିବେଶନ

**ଜୁନାଗଡ଼,(ନି.ପ୍ର):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ବରିଷ୍ଠ ନାଗରିକ ସଂଗଠନର ତୃତୀୟ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ନାଗରିକ ସଂଗଠନର ସଭାପତି ଈଶ୍ୱର ପୁଝାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ଥାନାଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବରିଷ୍ଠ ନାଗରିକ ସଂଗଠନର ସାଧାରଣ ସମ୍ପାଦକ ଭାରତ ଭୂଷଣ ଚଲାନ, ଜିଲ୍ଲା କୋଷାଧକ୍ଷ ସନ୍ତୋଷ ଦାଶ, ଉପଦେଷ୍ଟା ଅଭିମନ୍ୟୁ ପଣ୍ଡା, ବରିଷ୍ଠ ଓକିଲ ତଥା ସିଟିଜେନ ଫୋରମ ସଭାପତି ଅଶୋକ କୁମାର ପାତ୍ର, କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିଅନ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସିଂହଦେଓ, ଉପଦେଷ୍ଟା ବିଜୟ ବେହେରା, ଉପଦେଷ୍ଟା, ରାଧେଶ୍ୟାମ ପଣ୍ଡା, ଶ୍ରୀବତ୍ସ ମେହେର, କୋଷାଧକ୍ଷ ଦିଲୀପ ମେହେର, ସମ୍ପାଦକ ଭୁବନେଶ୍ୱର ସାହୁ, ଉପ ସମ୍ପାଦକ ବିମ୍ବାଧର ପ୍ରଧାନୀ ପ୍ରମୁଖ ଯୋଗଦାନ



କରିଥିଲେ । ଏହି ଅବସରରେ ଜୁନାଗଡ଼ ବ୍ଲକର ଶତାଧିକ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ । ଉପସ୍ଥିତ ଅତିଥି ମାନେ ବର୍ତ୍ତମାନ ସମାଜରେ ବରିଷ୍ଠ ନାଗରିକ ମାନଙ୍କ ଭୂମିକା ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଅଶୋକ କୁମାର ପାତ୍ର ବରିଷ୍ଠ ନାଗରିକ ମାନଙ୍କୁ ମିଳୁଥିବା ସେବା ଓ ଏହାର ଉପଯୋଗ ଉପରେ ବରିଷ୍ଠ ନାଗରିକ ମାନଙ୍କୁ ଅବଗତ କରି ଥିଲେ ।

# ପୁଣେରେ ସୁନ୍ଦରଙ୍କ କମାଲ୍

## ୱାଶିଂଟନଙ୍କୁ ୭ ୱିକେଟ, ନ୍ୟୁଜିଲ୍ୟାଣ୍ଡ ୨୫୯ରେ ଅଟକିଲା, କନୱେ ଓ ରବିନ୍ଦ୍ରଙ୍କ ଅର୍ଦ୍ଧଶତକ



ପୁଣେ, ୨୪।୧୦: ପୁଣେରେ ଦମ ଦେଖାଇଛନ୍ତି ଯୁବ ତାରକା ୱାଶିଂଟନ ସୁନ୍ଦର। ନିଜ ସ୍ପିନ ଜାଲରେ ସେ ନ୍ୟୁଜିଲ୍ୟାଣ୍ଡର ବ୍ୟାଟରମାନଙ୍କୁ ଫସାଁଇଛନ୍ତି। ତାଙ୍କର ଘାତକ ବୋଲିଂ ଯୋଗୁ ଦ୍ୱିତୀୟ ଟେଷ୍ଟରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ନ୍ୟୁଜିଲ୍ୟାଣ୍ଡ ପ୍ରଥମ ଇନିଂସରେ ୨୫୯ ରନରେ ଅଟକି ଯାଇଛି।

୧୩୨୫ ଦିନ ପରେ ଟେଷ୍ଟ କ୍ରିକେଟକୁ ଫେରିଥିବା ୱାଶିଂଟନ ଏକାକୀ ୭ଟି ୱିକେଟ ନେଇଥିବା ବେଳେ ଭେଟରାନ ରବି ଅଶ୍ୱିନଙ୍କ ଖାତାକୁ ୩ଟି ୱିକେଟ ଯାଇଛି।ଏହାର ଅର୍ଥ ଦୁଇ ସ୍ପିନର ନ୍ୟୁଜିଲ୍ୟାଣ୍ଡର ସମସ୍ତ ୧୦ ୱିକେଟ ଦଖଲ କରିଛନ୍ତିଭ୍ରମଣକାରୀ ଟିମ ପାଇଁ ଡେଭନ କନୱେ ସର୍ବାଧିକ ୭୬ ରନ କରିଥିବା ବେଳେ ପ୍ରଥମ ଟେଷ୍ଟର ହିରୋ ରଚିନ ରବୀନ୍ଦ୍ର ୬୫ ରନର ଇନିଂସ ଖେଳିଛନ୍ତି।

ନ୍ୟୁଜିଲ୍ୟାଣ୍ଡ ଅଲଆଉଟ ହେବା ପରେ ପ୍ରଥମ ଦିନ ଭାରତ ୧୧ ଓଭର ବ୍ୟାଟିଂ କରିଛି। ଏହି ୧୧ ଓଭରରେ ଦଳ ୧୬ ରନ କରି ଗୋଟିଏ ୱିକେଟ ହରାଇଛି। ଦଳର ଅଧିନାୟକ ରୋହିତ ଶର୍ମା ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଛନ୍ତି।ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଶୁବମନ ଗିଲ ୧୦ ରନ ଓ ଯଶସ୍ୱୀ ଜୈସାଲ ୬ ରନ କରି ଅପରାଜିତ ରହିଛନ୍ତି । ବେଙ୍ଗାଲୁରୁ ଟେଷ୍ଟ ହାରି ୦-୧ ପଛରେ ଥିବା ଘରୋଇ ଟିମ ଭାରତ ଆଜି ଟସ୍ ହାରି ଯାଇଥିଲା। ନ୍ୟୁଜିଲ୍ୟାଣ୍ଡ ପ୍ରଥମ ବ୍ୟାଟିଂ କରୁଥିବା ବେଳେ ୩୨ ରନରେ ଦଳକୁ ପ୍ରଥମ ଝଟକା ଲାଗିଥିଲା। ଦଳର ଅଧିନାୟ ଟମ ଲାଥମ ୧୫ ରନ କରି ଅଶ୍ୱିନଙ୍କ ବଲରେ ଆଉଟ ହୋଇଥିଲେ।ୱିଲ ୟଙ୍ଗ ୧୮ ରନ କରି ଅଶ୍ୱିନଙ୍କ ଦ୍ୱିତୀୟ ଶିକାର ବନିଥିଲେ।

ଦଳ ୭୬ ରନରେ ଦ୍ୱିତୀୟ ୱିକେଟ ହରାଇଥିଲା ଏହାପରେ। କିନ୍ତୁ କନୱେ ଓ ରବୀନ୍ଦ୍ର ସ୍ଥିତି ସମ୍ଭାଳିଥିଲେ। ଲଞ୍ଚ ଯାଏ ଉଭୟ ଆଉ କୌଣସି କ୍ଷତି ଘଟାଇବାକୁ ଦେଇ ନଥିଲେ କନୱେ ମଧ୍ୟ ଆଉ ଏକ ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ଲଞ୍ଚ ପରେ ଅଶ୍ୱିନ ୭୬ ରନ କରିଥିବା କନୱେଙ୍କୁ ଆଉଟ କରି କିୱି ଟିମକୁ ତୃତୀୟ ଝଟକା ଦେଇଥିଲେ। ତଥାପି ରବୀନ୍ଦ୍ର କ୍ରିଜରେ ଥିବାରୁ ବିପଦ ଟଳି ନଥିଲା ସେ ମଧ୍ୟ ଦମଦାର ବ୍ୟାଟିଂ କରି ପୁଣି ଭାରତ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରିଥିଲେ। କିନ୍ତୁ ଟି ପୂର୍ବରୁ ୱାଶିଂଟନ ସୁନ୍ଦର ତାଙ୍କୁ ବୋଲ୍ଡ କରି ଦେଇଥିଲେ। ସେହିପରି ଏହି ଅଧିବେଶନର ଶେଷ ବଲେ ଟମ ବ୍ଲଣ୍ଡେଲ(୩) ୱାଶିଂଟନ ସୁନ୍ଦରଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଟି ବ୍ରେକ ସୁଦ୍ଧା ନ୍ୟୁଜିଲ୍ୟାଣ୍ଡ ୫ ୱିକେଟ ହରାଇ ୨୦୧ ରନ କରିଥିଲା। ଚା ପାନ ବିରତିକୁ ଫେରିବା ପରେ ଡାରେଲ ମିଚେଲ(୧୮)ଙ୍କୁ ୱାଶି ଆଉଟ କରିଥିଲେ। ଗ୍ଲେନ ଫିଲିପ୍ସ ଓ ମିଚେଲ ସାଣ୍ଟନର କିଛି ବଡ଼ ଶଟ ଖେଳିଥିଲେ ହେଁ ବେଶୀ ସମୟ କ୍ରିଜ୍‌ରେ ତିଷ୍ଠି ପାରି ନଥିଲେ। ୱାଶି ପ୍ରଥମେ ଫିଲିପ୍ସ(୯)ଙ୍କୁ ଆଉଟ କରିଥିଲେ। ଏହାପରେ ଟିମ ସାଉଦି(୫)ଙ୍କୁ ଆଉଟ କରି ପ୍ରଥମଥର ଟେଷ୍ଟ କ୍ରିକେଟରେ ୫ ୱିକେଟ ଦଖଲ କରିବାର ରେକର୍ଡ କରିଥିଲେ। ଏଜାଜ ପଟେଲ (୪) ତାଙ୍କର ୬ଷ୍ଠ ଶିକାର ବନିଥିଲେ। ଶେଷରେ ୩୩ ରନ କରିଥିବା ସାଣ୍ଟନରଙ୍କୁ ବୋଲ୍ଡ କରି ନ୍ୟୁଜିଲ୍ୟାଣ୍ଡ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ। ପୁଣେରେ ୱାଶିଂଟନ ସୁନ୍ଦର ପ୍ରଥମ ଭାରତୀୟ ବୋଲର ଭାବେ ୫ କିମ୍ବା ତା ଠାରୁ ଅଧିକ ୱିକେଟ ନେବାର ରେକର୍ଡ କରିଛନ୍ତି।

## ବିଜୟ ସତ୍ତ୍ୱେ ହକି ସିରିଜ ହାରିଲା ଭାରତ

ନୂଆଦିଲ୍ଲୀ, ୨୪।୧୦: ବିଶ୍ୱ ବିଜେତା ତଥା ଅଲିମ୍ପିକ୍ସର ରୌପ୍ୟ ପଦକ ଜିତିଥିବା ଜର୍ମାନୀ ବିପକ୍ଷରେ ଭାରତ ଦମଦାର ପ୍ରଦର୍ଶନ କରିଥିଲେ ହେଁ ହକି ଟେଷ୍ଟ ସିରିଜ ହାରି ଯାଇଛି। ସିରିଜର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଜବରଦସ୍ତ ବିଜୟ ହାସଲ କରିଛି। କିନ୍ତୁ ହକି ଟେଷ୍ଟ ସିରିଜକୁ ଘରୋଇ ଟିମ ଶୁଟ ଆଉଟରେ ଜର୍ମାନୀ ଠାରୁ ହାରି ଯାଇଛି।

ମେଜର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଦୁଇ ଟିକିଆ ହକି ଟେଷ୍ଟ ସିରିଜ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌କୁ ଜର୍ମାନୀ ୨-୦ରେ ଜିତିଥିବା ବେଳେ ଆଜି ଦ୍ୱିତୀୟ ମ୍ୟାଚ୍ ଖେଳା ଯାଇଥିଲା। ବୁଧବାର ପରାଜୟକୁ ଭୁଲି ଆଜି ଭାରତ ୫-୩ରେ ଜର୍ମାନୀକୁ ମାତ ଦେଇଥିଲା। ସିରିଜ ୧-୧ରେ ବରାବର ହୋଇଯିବାରୁ ଟ୍ରଫି ପାଇଁ ଶୁଟ ଆଉଟ ହୋଇଥିଲା। ଶୁଟ ଆଉଟରେ ଅଧିନାୟକ ହରମନପ୍ରୀତ ସିଂହ ନୈରାଶ୍ୟଜନକ ପ୍ରଦର୍ଶନ କରିବାରୁ ଭାରତ ୧-୩ରେ ସିରିଜ



ହାରି ଯାଇଛି। ଦିଲ୍ଲୀରୁ ଟ୍ରଫି ଜିତି ଜର୍ମାନୀ ସ୍ୱଦେଶ ଫେରିଛି।ଦ୍ୱିତୀୟ ମ୍ୟାଚ୍‌ରେ ଜର୍ମାନୀ ପ୍ରଥମ ଗୋଲ ସ୍କୋର କରିଥିଲା। ଇଲିଆନ ମାଜକୋଉର ଗୋଲ ସ୍କୋର କରି ଜର୍ମାନୀକୁ ୧-୦ରେ ଆଗୁଆ। କରିଥିଲେ। ଏହାପରେ ପୂରା ପ୍ରଥମ ହାଫ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟ ହାଫରେ ଭାରତ ଆଟାକିଂ ଖେଳ ଦେଖାଇ ଥିଲା। ଦଳ ପାଇଁ ସୁଖଜିତ ସିଂହ ୩୪ତମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାପରେ ଅଧିନାୟକ ହରମନପ୍ରୀତ ସିଂହ ୪୨ତମ ଓ ୪୩ତମ ମିନିଟରେ ଗୋଲ ଦେଇ ସ୍ଥିତିକୁ ୩-୧ କରି ଦେଇଥିଲେ। ଏହାର ୨ ମିନିଟ ପରେ ଅଭିଷେକ ଓ ୪୮ତମ ମିନିଟରେ ସୁଖଜିତ ଆଉ ଏକ ଗୋଲ କରି ସ୍ଥିତିକୁ ୫-୧ କରି ଦେଇଥିଲେ।ଭାରତ ବଡ଼ ବିଜୟ ଆଡ଼କୁ ଯାଉଥିବା ବେଳେ ଜର୍ମାନୀ ପାଇଁ ୫୭ତମ ମିନିଟରେ ଇଲିଆନ ଆଉ ଏକ ଗୋଲ କରିଥିଲେ। ମ୍ୟାଚ୍‌ର ଶେଷ ମିନିଟରେ ହେନରିକ ମୋର୍ଟେଗେନ୍ସ ଗୋଲ ସ୍କୋର କରିବାରୁ ଜର୍ମାନୀ ସ୍ଥିତିକୁ ୩-୫ କରି ପାରିଥିଲା।ଭାରତ ମ୍ୟାଚ୍ ୫-୩ରେ ଜିତିଥିଲେ ହେଁ ସିରିଜ ଡିସାଇଡ ହୋଇପାରି ନଥିଲା। କାରଣ ହକି ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌ରେ ଜର୍ମାନୀ ବାଜି ମାତ କରିଥିଲା। ତେଣୁ ଟ୍ରଫି କିଏ ଜିତିବ ତାର ନିଷ୍ପତ୍ତି ପାଇଁ ଶୁଟ ଆଉଟର ଆଶ୍ରୟ ନିଆଯାଇଥିଲା।ପ୍ରଥମ ଶଟରେ ଜର୍ମାନୀ ଗୋଲ କରିଥିବା ବେଳେ ଭାରତ ପାଇଁ ହରମନପ୍ରୀତ ସିଂହ ମିସ୍ କରିଥିଲେ ଦ୍ୱିତୀୟ ଶଟକୁ ଭାରତର ଗୋଲ କିପର କିଷନ ବାହାଦୂର ପାଠକ ଅଟକାଇ ଦେଇଥିଲେ ଭାରତ ପାଇଁ ଅଭିଷେକ ଗୋଲ କରି ସ୍ଥିତି ୧-୧ କରି ଦେଇଥିଲେ। ତୃତୀୟ ଶଟକୁ ଉଭୟ ଦେଶ ମିସ କରିଥିଲେ ୪ର୍ଥ ଓ ୫ମ ଶଟରେ ଜର୍ମାନୀ ଗୋଲ କରିଥିଲେ ହେଁ ଭାରତ ମିସ କରି ଯାଇଥିଲା। ଫଳରେ ଜର୍ମାନୀ ୩-୧ରେ ଶୁଟ ଆଉଟ ଜିତି ସିରିଜ କବଜା କରିଥିଲା।

# ମହିଳା ହକି ତାରକା ରାନୀଙ୍କ ଅବସର

ନୂଆଦିଲ୍ଲୀ, ୨୪।୧୦: ଭାରତୀୟ ମହିଳା ହକି ଟିମର ପୂର୍ବତନ ଅଧିନାୟକ ରାନୀ ରାମପଲ ଅବସର ଘୋଷଣା କରିଛନ୍ତି।ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ମହିଳା ତାଙ୍କ ନେତୃତ୍ୱରେ ଖେଳିଥିଲା। ଏଥିସହ ଭାରତୀୟ ଟିମ ପ୍ରଥମଥର ପାଇଁ ସେମି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲା।

ଟୋକିଓ ଅଲିମ୍ପିକ୍ସ ପରେ ୨୯ ବର୍ଷୀୟ ରାନୀ ଆହତ ସମସ୍ୟା ଦେଇ ଗତି କରିଥିଲେ ।ଏବେ ସେ ନିଜ ପ୍ରିୟ ଖେଳ ହକିକୁ ଅଲବିଦା କହିଛନ୍ତି ଦୀର୍ଘ ୧୬ ବର୍ଷ ହେଲା ହକି ଖେଳି ଆସୁଥିବା ରାନୀ ନିଜ ଦକ୍ଷତା ବଳରେ ବେଶ ପରିଚୟ ହାସଲ କରିଥିଲେ।

ଭାରତ ପାଇଁ ୨୫୦ରୁ ଅଧିକ ମ୍ୟାଚ୍ ଖେଳିଥିବା ରାନୀଙ୍କ ଷ୍ଟିକୁ ୧୦୦ରୁ ଅଧିକ ଗୋଲ ଦେଖିବାକୁ ମିଳିଥିଲା। ଆଜି ନିଜର ଅବସର ସମ୍ପର୍କରେ ଘୋଷଣା କରି ରାନୀ କହିଛନ୍ତି, ଏହା ଅତ୍ୟନ୍ତ ଅଦ୍ଭୁତ ପୂର୍ବ ଯାତ୍ରା ଥିଲା। ଭାରତ ପାଇଁ ମୁଁ ଏତେ ଦିନ ଖେଳିବି ବୋଲି କେବେ ଭାବି ନଥିଲି।ପିଲାଟି ବେଳୁ ଗରିବୀକୁ ମୁଁ ପାଖରୁ ଦେଖିଥିଲି। କିନ୍ତୁ ମୁଁ ସବୁବେଳେ କିଛି କରିବା ପାଇଁ ଓ ମୋ ଦେଶକୁ ପ୍ରତିନିଧି କରିବାକୁ ଚାହୁଁଥିଲି। ଦେଶ ପାଇଁ ଖେଳିବା ଠାରୁ ଖୁସି ଆଉ କିଛି ହୋଇ ନଥାଇ ପାରେ।

କିଛି ଦିନ ତଳେ ଜାତୀୟ ସବ ଜୁନିୟର ଟିମର କୋଚ ଭାବେ ରାନୀଙ୍କୁ ନିଯୁକ୍ତି ମିଳିଥିଲା ଏହାର କିଛି ଦିନ ପରେ ସେ ହକିକୁ ଅଲବିଦା କହିଛନ୍ତି ରାନୀ ମାତ୍ର ୧୪ ବର୍ଷ ବୟସରେ ଭାରତ ପାଇଁ ଡେବ୍ୟୁ କରିଥିଲେ। ୨୦୦୮ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରେ ସେ ନଜର ଆସିଥିଲେ ସେ ସର୍ବକନିଷ୍ଠ ହକି ଖେଳାଳି ଭାବେ ଭାରତକୁ ପ୍ରତିନିଧି କରିଥିଲେ।

୧୫ ବର୍ଷ ବେଳକୁ ସେ ଭାରତୀୟ ଦଳରେ ସାମିଲ ହୋଇ ୨୦୧୦ ବିଶ୍ୱକପରେ ଭାଗ ନେଇଥିଲେ ତାଙ୍କ ଷ୍ଟିକରୁ ବିଶ୍ୱକପରେ ୭ଟି ଗୋଲ ଦେଖିବାକୁ ମିଳିଥିଲା। ୧୯୭୮ ପରେ ଭାରତର ଏହା ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା ଓ ଭାରତ ବିଶ୍ୱ ରାଙ୍କିଙ୍ଗର ୯ନଂ ସ୍ଥାନରେ ପହଞ୍ଚିଥିଲା। ରାନୀ ରାମପଲ ଉଭୟ ଫରାର୍ଡ ଓ ମିଡ ଫିଲ୍ଡର ଖେଳାଳି ଭାବେ ଜଣାଶୁଣା ଭାରତୀୟ ଟିମର ଅନେକ ବିଜୟରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ୨୦୧୭ ମହିଳା ଏସିଆ। କପରେ ଭାରତ ରୌପ୍ୟ ପଦକ ଓ ୨୦୧୮ ଏସିଆନ ଗେମ୍ସରେ ମଧ୍ୟ ରୌପ୍ୟ ପଦକ ଭାରତୀୟ ଟିମ ରାନୀଙ୍କ ପାଇଁ ହାତେଇଥିଲା ସେ ଏସିଆନ ଗେମ୍ସର ଉଦଯାପନୀ ଉତ୍ସବରେ ଭାରତର ଧ୍ୱଜାବାହକ ସାଜିଥିଲେ।

ଭାରତୀୟ ହକି ପ୍ରତି ତାଙ୍କ ଅବଦାନ ପାଇଁ ଭାରତ ସରକାର ତାଙ୍କୁ ୨୦୧୬ରେ ଅର୍ଜୁନ ପୁରସ୍କାର ଦେଇଥିଲେ। ଏହାପରେ ୨୦୨୦ରେ ରାନୀଙ୍କୁ ମେଜର ଧ୍ୟାନଚାନ୍ଦ ଖେଳ ରତ୍ନ ଓ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଅତିରିକ୍ତ ଭାବେ ୨୦୧୦ ମହିଳା ହକି ବିଶ୍ୱକପରେ ରାନୀ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଯୁବ ଖେଳାଳି ଓ ୨୦୧୩ ଜୁନିୟର ବିଶ୍ୱକପରେ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଥିଲେ। ଭାରତ ମଧ୍ୟ ଜୁନିୟର ବିଶ୍ୱକପରେ ପ୍ରଥମ ଥର ପାଇଁ ବ୍ରୋଞ୍ଜ ପଦକ ଜିତିଥିଲା।



# ସମସ୍ତଙ୍କୁ ଚକିତ କଲେ ୱାଶିଂଟନ



ପୁଣେ, ୨୪।୧୦: ୩ ଦିନ ତଳେ ୱାଶିଂଟନ ସୁନ୍ଦର ଭାରତୀୟ ଟେଷ୍ଟ ସ୍କାଡର ସଦସ୍ୟ ନଥିଲେ। ସେ ରଣଜୀ ଟ୍ରଫିରେ ବ୍ୟସ୍ତ ରହିବା ସହ ଦିଲ୍ଲୀ ବିପକ୍ଷରେ ଗୋଟିଏ ଶତକ ହାସଲ କରିଥିଲେ। ଏହାବାଦ ୨ଥର ୩ଟି ଲେଖାଏ ୱିକେଟ ନେଇଥିଲେ। ଭାରତ ଇତି ମଧ୍ୟରେ ନ୍ୟୁଜିଲ୍ୟାଣ୍ଡ ଠାରୁ ପ୍ରଥମ ଟେଷ୍ଟ ହାରି ସାରିଥିଲା।

ସମସ୍ତଙ୍କୁ ଚକିତ କରି ଦଳରେ ଅତିରିକ୍ତ ସ୍ପିନର ଭାବେ ୱାଶିଂଟନଙ୍କୁ ସାମିଲ କରାଯାଇଥିଲା। ଆଜି ଯେତେବେଳେ ପୁଣେରେ ଟସ୍ ପଡ଼ିଲା ସେତେବେଳେ ସମସ୍ତେ ଜାଣିଲେ ଯେ ଦଳରେରେ ନଥିବା ୱାଶିଂଟନ ଚୂଡ଼ାନ୍ତ ଏକାଦଶରେ ରହିଛନ୍ତି। ପ୍ରଥମ ଟେଷ୍ଟରେ ଖେଳିଥିବା କୁଲଦୀପ ଯାଦବ ଓ ବେଞ୍ଚରେ ସୁଯୋଗ ଅପେକ୍ଷାରେ ଥିବା ଅକ୍ଷର ପଟେଲଙ୍କ ବଦଳରେ ୱାଶିଂଟନଙ୍କୁ ହଠାତ୍ ସୁଯୋଗ ମିଳିବା ଘଟଣାକୁ ସମସ୍ତେ ନାପସନ୍ଦ କରିଥିଲେ।ହେଲେ ସେ ଦ୍ୱିତୀୟ ଟେଷ୍ଟରେ ଦମଦାର ପ୍ରଦର୍ଶନ କରିବା ସହ ୭ ୱିକେଟ ଦଖଲ କରି ସମସ୍ତଙ୍କ ମୁହଁ ବନ୍ଦ କରି ଦେଇଛନ୍ତି।ତାଙ୍କର ଘାତକ ବୋଲିଂ ଯୋଗୁ ନ୍ୟୁଜିଲ୍ୟାଣ୍ଡ ପ୍ରଥମ ଇନିଂସରେ କେବଳ ୨୫୯ ରନ କରି ଅଲଆଉଟ ହୋଇଯାଇଛି।

୭ ବ୍ୟାଟରଙ୍କୁ ମଧ୍ୟରୁ ୱାଶିଙ୍କ ବଲରେ ୫ ଜଣ ବୋଲ୍ଡ ହୋଇଥିବା ବେଳେ ଜଣେ ଓ ଆଉ ଜଣେ କ୍ୟାଚ ଆଉଟ ହୋଇଛନ୍ତି।ନ୍ୟୁଜିଲ୍ୟାଣ୍ଡର ପ୍ରଥମ ୩ଟି ୱିକେଟ ରବି ଅଶ୍ୱିନ ନେଇଥିବା ବେଳେ ବାକି ୭ ସ୍ୱିକେଟ ୱାଶିଙ୍କ ଖାତାକୁ ଯାଇଛି। ୱାଶିଂଟନଙ୍କ ଉପରେ ମ୍ୟାନେଜମେଣ୍ଟ ଦେଖାଇଥିବା ଭରସାକୁ ସେ ଭାଙ୍ଗି ନାହାନ୍ତି।ଦୀର୍ଘ ୧୩୨୫ ଦିନ ପରେ ଟେଷ୍ଟ ମ୍ୟାଚରେ ସୁଯୋଗ ପାଇଥିବା ୱାଶିଂଟନ ସୁନ୍ଦର କମବ୍ୟାକ କରିଛନ୍ତି।ପୁଣରେ ସେ ପ୍ରଥମ ଭାରତୀୟ ବୋଲର ଭାବେ ୫ ୱିକେଟ ଦଖଲ କରିବାର ରେକର୍ଡ କରିବାକୁ ସକ୍ଷମ ହୋଇଛନ୍ତି। ତାଙ୍କର ଗୋଟିଏ ବଲକୁ ସମସ୍ତେ ମ୍ୟାଜିକର ଆଖ୍ୟା ବି ଦେଇଛନ୍ତି। ଭଲ ଫର୍ମରେ ଥିବା ରଚିନ ରବୀନ୍ଦ୍ରଙ୍କୁ ସେ ଯେଉଁ ବଲରେ ବୋଲ୍ଡ କଲେ, ତାଙ୍କୁ ସମସ୍ତେ ପ୍ରଶଂସା କରିଛନ୍ତି।ରବୀନ୍ଦ୍ର ଡିଫେନ୍ସ କରୁଥିବା ବେଳେ ଏହାକୁ ଯାଇ ସିଧା ଷ୍ଟମ୍ପରେ ବାଜିଥିଲା।ୱାଶିଂଟନ ସୁନ୍ଦର ଶେଷଥର ପାଇଁ ୨୦୨୧ ମାର୍ଚ୍ଚରେ ଭାରତ ପାଇଁ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଇଂଲଣ୍ଡ ବିପକ୍ଷ ଅହମଦାବାଦ ଟେଷ୍ଟରେ ସେ ନଜର ଆସିଥିଲେ। ସେବେ ଠାରୁ ତାଙ୍କୁ ଆଉ ସୁଯୋଗ ମିଳି ନଥିଲା।

ଦ୍ୱିତୀୟ ଟେଷ୍ଟରେ ସେ କମବ୍ୟାକ କରିବା ସହ ନିଜ ଟେଷ୍ଟ କ୍ୟାରିୟରର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ଆଜି ସେ ୫୯ ରନ ଦେଇ ୭ ୱିକେଟ ଦଖଲ କରିଛନ୍ତି ଏହାପୂର୍ବରୁ ସେ କେବେ ବି ଟେଷ୍ଟ କ୍ରିକେଟରେ ୫ କିମ୍ବା ତା ଠାରୁ ଅଧିକ ୱିକେଟ ନେଇ ନଥିଲେ।

## କୋହଲିଙ୍କ ପରାମର୍ଶ ଗ୍ରହଣ କଲେନି ରୋହିତ

ପୁଣେ, ୨୪।୧୦: ଭାରତୀୟ ଟେଷ୍ଟ ଟିମର ଅଧିନାୟକ ରୋହିତ ଶର୍ମା ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ପରାମର୍ଶକୁ ଗ୍ରହଣ କରି ନାହାନ୍ତି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବିରାଟ ଦେଇଥିବା ପ୍ରସ୍ତାବକୁ ଗ୍ରହଣ ନ କରିବା ରୋହିତଙ୍କ ପାଇଁ ମହଙ୍ଗା ପଡ଼ିଛି ଡିଆରଏସ୍‌କୁ ନେଇ ପୂରା ଘଟଣା ଘଟିଛି।

ନ୍ୟୁଜିଲ୍ୟାଣ୍ଡ ବ୍ୟାଟର ଡେଭନ କନୱେ ବ୍ୟାଟିଂ କରୁଥିବା ବେଳେ ତାଙ୍କୁ ୨୫ତମ ଓଭରରେ ବୋଲିଂ କରିବାକୁ ଆସିଥିଲେ ରବୀନ୍ଦ୍ର ଜାଡେଜା ତାଙ୍କର ଗୋଟିଏ ବଲ କନଙ୍କେ ପ୍ୟାଡରେ ବାଜିବାରୁ ଭାରତୀୟ ଖେଳାଳିମାନେ ଅପିଲ କରିଥିଲେ ତେବେ ଅମ୍ପାୟାର ଏହାକୁ ନଟଆଉଟ ଘୋଷଣା କରିଥିଲେ। ଭାରତୀୟ ଟିମର ଅଧିକାଂଶ ଖେଳାଳି ମଧ୍ୟ ରୋହିତଙ୍କୁ ଡିଆରଏସ ନେବାକୁ ପରାମର୍ଶ ଦେଇଥିଲେ ହେଲେ ବିରାଟ ତୁରନ୍ତ ରୋହିତଙ୍କ ପାଖରେ ପହଞ୍ଚିଥିଲେ ଓ ବଲ ଲେଗ ଷ୍ଟମ୍ପକୁ ମିସ କରିବ ବୋଲି କହିଥିଲେ। ତେଣୁ ସେ ଡିଆରଏସ ନେବାକୁ ରୋହିତଙ୍କୁ ମନା କରିଥିଲେ। ହେଲେ ବିରାଟଙ୍କ ପରାମର୍ଶକୁ ଅଣଦେଖା କରି ରୋହିତ ଡିଆରଏସ ନେଇଥିଲେ।

## ମହିଳା ଦିନକିଆ : ନ୍ୟୁଜିଲାଣ୍ଡକୁ ହରାଇଲା ଭାରତ



ଅହମ୍ମଦାବାଦ, ୨୪।୧୦: ବାମହାତୀ ସ୍ପିନର ରାଧା ଯାଦବଙ୍କ ଦମଦାର ବୋଲିଂ ଦ୍ୱାରା ପ୍ରଥମ ମ୍ୟାଚରେ ନ୍ୟୁଜିଲ୍ୟାଣ୍ଡକୁ ୫୯ ରନର ପରାସ୍ତ କରିଛି ଭାରତ। ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତ ବିଜୟୀ ହୋଇ ତିନି ମ୍ୟାଚରେ ୧-୦ ଅଗ୍ରଣୀ ହାସଲ କରିଛି। ଫଳରେ ଟି୨୦ ବିଶ୍ୱକପ ପରାଜୟର ପ୍ରତିଶୋଧ ନେଇଛି।

ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ନ୍ୟୁଜିଲାଣ୍ଡ। ଭାରତୀୟ ମହିଳା ଦଳ ତେଜଲ ହାସାବନିସ (୪୨), ଦୀପ୍ତି ଶର୍ମା (୪୧) ଏବଂ ୟଷ୍ଟିକା ଭାଟିଆ। (୩୭) ଙ୍କ ବ୍ୟାଟିଂ ପ୍ରୟାସରେ ୪୪.୩ ଓଭରରେ ୨୨୭ ରନ୍‌ରେ ସୀମିତ ରହିଥିଲା। କେମି ଭଉଣୀ, ଆମେଲିଆ। (୪-୪୧) ଏବଂ ଜେସ୍ (୩-୪୯) ନ୍ୟୁଜିଲ୍ୟାଣ୍ଡ ପାଇଁ ସର୍ବାଧିକ ୱିକେଟ ନେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗୁସ୍ (୪୬) ଏବଂ ସେଫାଲି ବର୍ମା ଦ୍ରୁତ (୩୩) ଭାରତ ପାଇଁ ଅନ୍ୟାନ୍ୟ ପ୍ରମୁଖ ଯୋଗଦାନ ଦେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୧୬୮ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ପ୍ଲିମର ୨୫, ଡାଉନ୍ ୨୬, ହଲିଡେ ୩୯, ଗ୍ରିନ ୩୧, କେର ୨୫ ରନ୍ କରିଥିଲେ। ଅନ୍ୟମାନେ ବଡ ସ୍କୋର କରିବାରେ ବିଫଳ ହୋଇଥିଲେ। ଭାରତ ପକ୍ଷରୁ ରାଧା ଯାଦବ ସର୍ବାଧିକ ୩ ୱିକେଟ ନେଇଥିବାବେଳେ ସାଇମା ଠାକୁର ୨, ଅରନ୍ଧତୀ ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଁଏ ସଫଳତା ପାଇଥିଲେ। ଏହି ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ ୨୭ ଅକ୍ଟୋବର ରବିବାର ଦିନ ଖେଳାଯିବ ।



## କୋହଲିଙ୍କୁ ଟପିଲେ ପନ୍ତ

ନୂଆଦିଲ୍ଲୀ, ୨୪।୧୦(ଏଜେନ୍ସି): ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ୍ ମାନ୍ୟତାରେ ଭାରତୀୟ ୱିକେଟ୍‌ରକ୍ଷକ ବ୍ୟାଟର୍ ଋଷଭ ପନ୍ତ ଷଷ୍ଠ ସ୍ଥାନକୁ ଉଠିଛନ୍ତି। ଉପରକୁ ଯିବାରେ ସେ ଅନ୍ୟତମ ବ୍ୟାଟର୍ ବିରାଟ କୋହଲିଙ୍କୁ ପଛରେ ପକାଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ୍‌ରେ ୯୯ ରନ୍‌ର ବ୍ୟାଟିଂ କରିବା ପରେ ପନ୍ତଙ୍କୁ ତିନିଟି ସ୍ଥାନ ଚଢ଼ିବାକୁ ସୁଯୋଗ ମିଳିଥିଲା। କିନ୍ତୁ ପ୍ରଥମ ପାଳିରେ ୭୦ ରନ୍ କରିଥିବା କୋହଲି ଗୋଟିଏ ସ୍ଥାନ ତଳକୁ ଖସି ଅଷ୍ଟମରେ ଅଛନ୍ତି। ପ୍ରାରମ୍ଭିକ ବ୍ୟାଟର୍ ଯଶସ୍ୱୀ ଜୟସ୍ୱାଲ୍ ସର୍ବୋଚ୍ଚ ମାନ୍ୟତାପ୍ରାପ୍ତ ଭାରତୀୟ ଖେଳାଳି ଭାବେ ଚତୁର୍ଥ ସ୍ଥାନରେ ଅଛନ୍ତି।

ଭାରତୀୟ ଅଧିନାୟକ ରୋହିତ ଶର୍ମା ଦୁଇଟି ସ୍ଥାନ ତଳକୁ ଖସି ପଞ୍ଚଦଶ ସ୍ଥାନରେ ଶ୍ରୀଲଙ୍କାର ଦିମୁଥ କରୁଣାରତ୍ନେଙ୍କ ସହିତ ରହିଛନ୍ତି।ଇଂଲଣ୍ଡ ତାରକା ଜୋ ରୁଟ୍ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି।ବୋଲରଙ୍କ ତାଲିକାରେ ଯଶପ୍ରୀତ୍ ବୁମ୍‌ରା ଶୀର୍ଷରେ ଥିବା ବେଳେ ତାଙ୍କ ପଛକୁ ରବିଚନ୍ଦ୍ରନ ଅଶ୍ୱିନ ଅଛନ୍ତି। ରବୀନ୍ଦ୍ର ଜାଡ଼େଜା ସପ୍ତମ ସ୍ଥାନରେ ରହି ଶୀର୍ଷ ୧୦ ଜଣଙ୍କ ମଧ୍ୟରେ ତୃତୀୟ ଭାରତୀୟ ହୋଇପାରିଛନ୍ତି।

## ରାଜମାତା ଜୀଜାବାଈ ଟ୍ରଫି ଫୁଟ୍‌ବଲ୍ : ଫାଇନାଲ ରାଉଣ୍ଡରେ ଓଡ଼ିଶା

କଟକ, ୨୪।୧୦:: ବରିଷ୍ଠ ମହିଳା ଜାତୀୟ ଫୁଟ୍‌ବଲ ଚାମ୍ପିଅନସିପ୍ ରାଜମାତା ଜୀଜାବାଈ ଟ୍ରଫିର ବୁଧବାର ଖେଳାଯାଇଥିବା ତୃତୀୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ମହିଳା ଦଳ ବୃହତ୍ ବିଜୟ ହାସଲ କରିବା ସହିତ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛି। ଆନ୍ଧ୍ରପ୍ରଦେଶର ଅନନ୍ତପୁର ଆର୍‌ଡିଟି ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୧୨-୦ ଗୋଲ୍‌ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ଅଧିନାୟିକା ପ୍ୟାରୀ ଖାଖା ଏକାକୀ ୬ଟି ଗୋଲ (୧୦, ୩୫, ୫୦, ୫୨, ୫୬, ୭୩ ମିନିଟ୍) କରିଥିବା ବେଳେ ସୁଭଦ୍ରା ସାହୁ ୨ଟି (୪୦ ଓ ୬୩ ମିନିଟ୍), ମନୀଷା ନାୟକ ୨ଟି (୩୨ ଓ ୭୧ ମିନିଟ୍) ଓ ଦୀପା ନାୟକ ଗୋଟିଏ (୨୬ ମିନିଟ୍) ଗୋଲ୍ କରିଥିଲେ। ମଧ୍ୟପ୍ରଦେଶର ମିନୁ ୪୫+୪ ମିନିଟ୍‌ରେ ଗୋଟିଏ ଆତ୍ମଘାତୀ ଗୋଲ ଦେଇଥିଲେ। ଏହି ବିଜୟ ପାଇଁ ଫାଓ ସଭାପତି ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ, ସଂପାଦକ ଆଶୀର୍ବାଦ ବେହେରା, ଯୁଗ୍ମ ସଂପାଦକ ଅଭିଜିତ ପାଲ ପ୍ରମୁଖ ଓଡ଼ିଶା ଖେଳାଳିଙ୍କୁ ଶୁଭକାମନା ଜଣାଇଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ